

ହସ୍ପିଟାଲ୍‌ରେ କୋକିଲାବେନ୍ ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sanchárodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 152 | ଭାଗ ୩୩ | ସଂଖ୍ୟା ୧୫୨ | Saturday 23 August 2025 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୨୩ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଅନ୍‌ଲାଇନ ଗେମିଂ ବିଧେୟକକୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

### ନୂଆ ଆଇନରେ ଜେଲ୍ ସହ କୋଟିଏ ଜରିମାନା



ନୂଆଦିଲ୍ଲୀ,୨୨।୮: ଦେଶରେ ଦିନକୁ ଦିନ ଅନ୍‌ଲାଇନ ଗେମିଂର କ୍ରେଜ୍ ଯୁବପିଢ଼ି ମଧ୍ୟରେ ବଢ଼ିଚାଲିଥିବା ବେଳେ ଏହା ପ୍ରଭାବରେ ଯୁବପିଢ଼ି ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ପଛାଉନାହାନ୍ତି। ଯୁବପିଢ଼ିଙ୍କୁ ଏହା ପଥଭ୍ରଷ୍ଟ କରୁଥିବାରୁ ଅର୍ଥ ସହ ଜଡ଼ିତ କୌଣସି ଅନଲାଇନ୍ ଗେମିଂ ଏବେ ଭାରତରେ ବ୍ୟାନ୍ ହୋଇଛି। କାରଣ ପୂର୍ବରୁ ସଂସଦର ଉଭୟ ସଦନର ସ୍ୱୀକୃତି ପାଇଥିବା ଏ ସଂକ୍ରାନ୍ତ ବିଧେୟକ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପାଇବା ପରେ ଆଇନରେ ପରିଣତ ହୋଇଛି। ଏନେଇ ଆଜି ଇଲେକ୍‌ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ଆଇନ ଅନୁଯାୟୀ, ସମସ୍ତ ଅନଲାଇନ ମନି ଗେମିଂ ସେବା ଉପରେ ପ୍ରତିବନ୍ଧକ ଲଗାଯିବ ଓ ଏପରି ଖେଳକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିବିଶେଷ ବା ସଂସ୍ଥାକୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଅଥବା ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ କରାଯାଇପାରିବ। ନୂଆ ଆଇନରେ ଅନଲାଇନ ମନି ଗେମିଂ ପ୍ଲାଟଫର୍ମର ବିଜ୍ଞାପନ ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ସହ ୫୦ ➪ପୃଷ୍ଠା-୬

### ନିମ୍ନ ମାନର କାମ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ନାଲିଆଖି ଦେଖାଇଲେ ମୁଖ୍ୟମନ୍ତ୍ରୀ

- ୫ ବର୍ଷରେ ନିର୍ମାଣ ହେବ ୩୦ ହଜାର କିମି ରାସ୍ତା ଓ ୫୦୦ ସେତୁ
- ପିଏମଜିଏସ୍‌ୱାଇ ରାସ୍ତା ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ
- ସଡ଼କ ଓ ସେତୁର ଗୁଣବତ୍ତା ସହ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ
- କଣ୍ଟ୍ରାକ୍ଟରମାନଙ୍କ ପାଇଁ ହେବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ସଡକ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣର ଗୁରୁଦାୟିତ୍ୱ ବିଭାଗ ଉପରେ ନ୍ୟସ୍ତ ରହିଛି। ଏଥିସହ ଆଗାମୀ ୫ ବର୍ଷ ଭିତରେ ୩୦ ହଜାର କିମି ରାସ୍ତା ଓ ୫୦୦ ସେତୁ ନିର୍ମାଣ ଲକ୍ଷ୍ୟ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ ସ୍କିମ୍ ଓ ବଜେଟ୍ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତ ମାନର ଗମନାଗମନ ସୁବିଧା ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ତେବେ ବିଭିନ୍ନ ସମୟରେ ରାସ୍ତା ଓ ପୋଲର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ ଏଥିପାଇଁ କଣ୍ଟ୍ରାକ୍ଟର ଓ ବିଭାଗୀୟ ଅଧିକାରୀମାନଙ୍କୁ ଉତ୍ତରଦାୟୀ କରାଯିବ ବୋଲି କହିଛନ୍ତି। ସେ କହିଛନ୍ତି ଯେ କୌଣସି ସ୍ଥାନରେ ରାସ୍ତା କିମ୍ବା ସେତୁ ନିର୍ମାଣରେ ନିମ୍ନ ମାନର କାମ ଅଭିଯୋଗ ଆସିଲେ, ସେ କ୍ଷେତ୍ରରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ରାସ୍ତା ଓ ସେତୁଗୁଡ଼ିକର ଗୁଣବତ୍ତା ସହ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନ ମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପାହାଡ଼ିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମ ମାନର ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସେହିପରି ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସକାଶେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି ଯେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅଦ୍ୟାବଧି ଅନୁମୋଦନ ➪ପୃଷ୍ଠା-୬

## ମୁକ୍ତିକାନ୍ତଙ୍କୁ ସୁରକ୍ଷା ଦେଉଛନ୍ତି ପୁଲିସ ଭାଇ

### ପୂର୍ବରୁ 'ଭାଇ' ଥିଲେ ନବୀନ ନିବାସ କର୍ମଚାରୀ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ବିଜେପିର କୁଜି ନେତା ମୁକ୍ତିକାନ୍ତ ମହାପାତ୍ରଙ୍କୁ ସୁରକ୍ଷା ଦେଉଛନ୍ତି ତାଙ୍କ ଭାଇ। ମିଳୁଥିବା ସୂଚନା ଅନୁଯାୟୀ, ମୁକ୍ତିକାନ୍ତଙ୍କ ଭାଇ ପୂର୍ବରୁ ନବୀନ ନିବାସ କର୍ମଚାରୀ ଥିଲେ। ପୂର୍ବରୁ ନବୀନ ନିବାସର ଏହି କର୍ମଚାରୀ କମିଶନରେଟ ପୁଲିସରେ ଥିଲେ। ଏବେ ଯଦିଓ ସେ ନବୀନ ନିବାସରେ ନାହାନ୍ତି, କିନ୍ତୁ ପୁଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ବିଜେପିର ଡାହୁକ ଭାଇଙ୍କୁ ସୁରକ୍ଷା ଦେବାକୁ ସହକର୍ମୀମାନଙ୍କ ଉପରେ ଚାପ ପକାଉଛନ୍ତି। ଭାଇ ପୁଲିସରେ ଥିବାରୁ ମୁକ୍ତିକାନ୍ତ ଏବେ ବଳୀୟାନ ହୋଇଛନ୍ତି। ଯାବତୀୟ କେଲେଙ୍କାରୀରେ ଲିପ୍ତ ରହିଥିଲେ ବି ତାଙ୍କୁ ବେଶ୍ ସହଜରେ ସୁରକ୍ଷା ମିଳିଯାଉଛି। ଏବେ ଜଣେ ସାମ୍ବାଦିକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ମଧ୍ୟ ସେ ପୁଲିସ କାର୍ଯ୍ୟାନୁଷ୍ଠାନଠାରୁ ନେଇପାରୁନି। କାରଣ କବଚ ସାଜୁଛନ୍ତି ଏହି ପୁଲିସିଆ ଭାଇ।

ସବୁବେଳେ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱର ଉଠାଉଥିବା ରାଜ୍ୟ ବିଜେପି ନେତାମାନେ ମଧ୍ୟ ଏହି ଘଟଣାରେ ଅସମ୍ଭବ ନୀରବତା ଅବଲମ୍ବନ କରୁଛନ୍ତି। ଯେଉଁ ନେତାମାନେ ବିଜେଡି ➪ପୃଷ୍ଠା-୬

### ସଂସଦ ସୁରକ୍ଷାରେ ତ୍ରୁଟି

## ପାଚେରି ଡେଇଁ ପଶିଲେ ଯୁବକ

### ମାନସିକ ଅବସ୍ଥା ଠିକ୍ ନ ଥିବା ଅନୁମାନ

ନୂଆଦିଲ୍ଲୀ,୨୨।୮: ସଂସଦ ସୁରକ୍ଷାରେ ଆଜି ପରିଲକ୍ଷିତ ହୋଇଛି ସାଂଘାତିକ ତ୍ରୁଟି। ନୂଆ ସଂସଦ ଭବନ ଭିତରକୁ ଆଜି ଜଣେ ଦୁର୍ବୃତ୍ତ ପ୍ରବେଶ କରିଥିଲେ। ରେଳ ଭବନ ପଟରେ ଥିବା ଏକ ଗଛ ଉପରେ ଚଢ଼ି ପାଖାପାଖି ୨୦ ଫୁଟ ଉଚ୍ଚର ପାଚେରୀ ଡେଇଁ ସେ ସଂସଦ ଭିତରକୁ ପଶିଥିଲେ। ଏପରିକି ସେ ସଂସଦର ଗରୁଡ଼ ଗେଟ୍ ନିକଟରେ ବି ପହଞ୍ଚିଯାଇଥିଲେ। ତେବେ ଠିକ୍ ସମୟରେ ତାଙ୍କୁ ସଂସଦର ସୁରକ୍ଷାକର୍ମୀମାନେ କାବୁ କରିନେଇଥିଲେ।

ମିଳିଥିବା ସୂଚନାନୁସାରେ, ଆଜି ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ରାମ ନାମକ ଉକ୍ତ ୨୦ ବର୍ଷୀୟ ଯୁବକ ଜଣଙ୍କ ପ୍ରଥମେ ଗଛରେ ଚଢ଼ି ପାଚେରୀ ଉପରେ ଚଢ଼ିଥିଲେ। ପରେ ଭିତରକୁ ପଶି ପାଚେରୀଠାରୁ ପାଖାପାଖି ୧୫ ଫୁଟ ଦୂରରେ ଥିବା ଗରୁଡ଼ ଗେଟ୍ ପର୍ଯ୍ୟନ୍ତ ➪ପୃଷ୍ଠା-୬

## ନବୀନ ନିବାସରେ ପ୍ରେମ ପଟ୍ଟନାୟକ

### ଭାଇଙ୍କ ସ୍ୱାସ୍ଥ୍ୟ କଥା ବୁଝିଲେ
### ଡାକ୍ତରଙ୍କ ସହ କଲେ ଆଲୋଚନା



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବା ସକାଶେ ଆଜି ନବୀନ ନିବାସରେ ପହଞ୍ଚିଛନ୍ତି ବଡ଼ ଭାଇ ପ୍ରେମ ପଟ୍ଟନାୟକ। ଭାଇଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସେ ସହଯୋଗୀ ଭିକେ ପାଣ୍ଡିଆନ ଓ ସମ୍ ଅଲଟିମେଟ୍‌ର ଡାକ୍ତରଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି।

ମୁମ୍ବାଇରୁ ସର୍ଭିକାଲ ଆର୍ଥ୍ରାଇଟିସ ଅପରେସନ ପରେ ନବୀନ ମେଡିକେସନରେ ଥିଲେ। କିନ୍ତୁ ହଠାତ ଡିହାଇଡ୍ରେସନ ହୋଇଯିବାରୁ ତାଙ୍କୁ ଗତ ସପ୍ତାହରେ ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ପ୍ରାୟ ୪ ଦିନ ରହିବା ପରେ ସୁସ୍ଥ ହୋଇ ସେ ଗତ ବୁଧବାର ନବୀନ ନିବାସକୁ ଫେରିଥିଲେ। ଘରକୁ ଫେରିବା ପରେ ଆଜି ଆସି ପହଞ୍ଚିଛନ୍ତି ତାଙ୍କ ବଡ଼ ଭାଇ। ନବୀନ ନିବାସରେ ସେ ତାଙ୍କ ସହଯୋଗୀ ପାଣ୍ଡିଆନ ଓ ନବୀନଙ୍କୁ ଚିକିତ୍ସା କରିଥିବା ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ନବୀନ ସର୍ଭାଇକାଲ୍ ଆର୍ଥ୍ରାଇଟିସ୍ ଅପରେସନ୍ ସମୟରେ ମଧ୍ୟ ସେ ମୁମ୍ବାଇକୁ ଯାଇ ହସ୍ପିଟାଲରେ ତାଙ୍କୁ ଭେଟିଥିଲେ। ତାଙ୍କ ଚିକିତ୍ସା ସମ୍ବନ୍ଧୀୟ ଟିକିନିଖି କଥା ବି ବୁଝିଥିଲେ। ତା'ପରେ ଭିଡିଓ ବାର୍ତ୍ତା ଜାରି କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସେ ସବିଶେଷ ତଥ୍ୟ ମଧ୍ୟ ଦେଇଥିଲେ।

ପ୍ରେମ ପଟ୍ଟନାୟକ ନବୀନ ନିବାସରେ ପହଞ୍ଚିବା ପରେ ରାଜନୈତିକ ଶିବିରରେ ଆରମ୍ଭ ➪ପୃଷ୍ଠା-୬

## ଭିଜିଲାନ୍ସ ଜାଲରେ ଆଉ ଜଣେ ପ୍ଲଟ୍‌ପ୍ରେମୀ ବାବୁ

- ସିଟି ହସ୍ପିଟାଲ୍‌ର ସିନିୟର ଆସିଷ୍ଟାଣ୍ଟଙ୍କ ନାଁରେ ୧୯ ପ୍ଲଟ୍
- ୧.୨୪ କୋଟି ସରକାରୀ ତୋଷରପାତ ଅଭିଯୋଗ ରହିଛି



କଟକ,୨୨।୮ (ସଂଚାର ବ୍ୟୁରୋ): କଟକ ସିଟି ହସ୍ପିଟାଲ୍‌ର ସିନିୟର ଆସିଷ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଛି। କଟକ ସିଡିଏମ୍‌ଓ କାର୍ଯ୍ୟାଳୟରେ କାର୍ଯ୍ୟରତ ସିନିୟର ଆସିଷ୍ଟାଣ୍ଟ କିଶୋର କୁମାର ସାହାଣୀଙ୍କ ଘରେ ହୋଇଥିବା ଚଢ଼ାଉରେ ତାଙ୍କ ନାଁରେ ୧୯ଟି ଦାମୀ ପ୍ଲଟ୍ ରହିଥିବା ଜଣାପଡ଼ିଛି। ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଆଜି ସକାଳୁ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ➪ପୃଷ୍ଠା-୬

### ଭାରତନେତ୍ର: ଏକ ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା କ୍ଷମତା ହବ୍

## ଓଡ଼ିଶା ହେବ ବିଶ୍ୱ ଆର୍ଥିକ ସେବା ଓ ପ୍ରଯୁକ୍ତି ହବ୍

- ଏସିଆ-ପ୍ରଶାନ୍ତ ମହାସାଗରୀୟ କରିଡ଼ର ସହ ଯୋଡ଼ିହେବ ଭାରତ
- ଖୁବ୍‌ଶୀଘ୍ର ଆରମ୍ଭ ହେବ ଫିନଟେକ୍ ନୀତି
- ଡିଜିଟାଲ୍ ଅର୍ଥନୀତିରେ ଭାରତର ବିଶ୍ୱ ନେତୃତ୍ୱକୁ ସୁଦୃଢ଼ କରିବ
- ନବସୃଜନରେ ଭାରତର ନେତୃତ୍ୱ ସୁଦୃଢ଼ ହେବ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି 'ଭାରତନେତ୍ର ପଦକ୍ଷେପ' ନାମକ ଏକ ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା କ୍ଷମତା ହବ୍ ଆରମ୍ଭ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଜିଏଫଟିଏନ ସିଇଓ ସୋପନେନ୍ଦୁ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଭାରତନେତ୍ରକୁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଏହା ଡିଜିଟାଲ ଅର୍ଥନୀତିରେ ଭାରତର ବିଶ୍ୱ ନେତୃତ୍ୱକୁ ସୁଦୃଢ଼ କରିବ। ଭାରତକୁ ବିଶ୍ୱ ଅର୍ଥନୀତିର ନେତୃତ୍ୱ ଦେବାରେ ଓଡ଼ିଶା କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବ। ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ ସିଙ୍ଗାପୁର (ଜିଏଫଟିଏନ), ନ୍ୟାସନାଲ ୟୁନିଭରସିଟି ଅଫ୍ ସିଙ୍ଗାପୁର ଏବଂ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ୍ ଫାଇନାନ୍ସ ସହଯୋଗରେ ଓଡ଼ିଶା ସରକାର ଏହି ହବ୍ ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପଦକ୍ଷେପ ➪ପୃଷ୍ଠା-୬

## ୧୫ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

### ସୂଚନା ଦେଲେ ଆଇନ ମନ୍ତ୍ରୀ
### ଆନନ୍ଦ ବଜାରରେ ବି ପୁଲିସ୍ ପୋଷ୍ଟ ସ୍ଥାପନ ହେବ





ପୁରୀ,୨୨।୮ (ସଂଚାର ବ୍ୟୁରୋ): ପୁରୀ ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ପରିଚାଳନା କମିଟି ଗଠନ ପ୍ରକ୍ରିୟା ଶେଷ ହେବା ପରେ ପ୍ରଥମ ବୈଠକରେ ହୁଣ୍ଡି ସ୍ଥାନାନ୍ତରଣ ଓ ପରେ ଧାଡ଼ି ଦର୍ଶନ ଆରମ୍ଭ ହେବ। ଆସନ୍ତା ସେପ୍ଟେମ୍ବର ୧୫ରୁ ମନ୍ଦିରରେ 'ଧାଡି ଦର୍ଶନ' (ଦେବତାଙ୍କ ଝଲକ ପାଇବା ପାଇଁ ଧାଡ଼ି ବ୍ୟବସ୍ଥା) ଆରମ୍ଭ ହେବ ବୋଲି ଆଜି ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଥିସହ ପୁରୀର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆନନ୍ଦ ବଜାରରେ ଏକ ପୁଲିସ ପୋଷ୍ଟ ମଧ୍ୟ ସ୍ଥାପିତ ହେବ ବୋଲି ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଶ୍ରୀ ମନ୍ଦିରର ସୁରକ୍ଷା ➪ପୃଷ୍ଠା-୬



### କାନ ଡେରିଆ

ମତଭେଦ ଅଛି ବିଜେଡି ଦଳରେ
କହୁଛନ୍ତି ତାଙ୍କ ନେତା
ପୁରୁଖା ନେତାଙ୍କ
ମେଳିକୁ ଦେଖିଲେ
ବୁଝି ଯେ ଯିବେ ଜନତା
ଭିତିରି ସମ୍ପର୍କ କଥା...
ବରିଷ୍ଠରୁ କିଛି ବିଜେପି ଆସିବେ
ଚାଲୁଅଛି କଥା ବାର୍ତ୍ତା !

■ ଦେବାଶିଷ

## କେନ୍ଦ୍ରୀୟ ନେତାଙ୍କ ଫୋକସରେ ଓଡ଼ିଶା

- ବିଜେଡି ଉପରେ ବିଜେପି ଓ କଂଗ୍ରେସର ନଜର
- ରୋଚକ ହେବ ରାଜ୍ୟ ରାଜନୀତି



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ଓଡିଶା ଉପରେ କେନ୍ଦ୍ରୀୟ ନେତାଙ୍କ ନଜର। ରାଜ୍ୟରେ ନୂଆ ସରକାର ଗଠନ ପରେ ଖୋଦ୍ ପ୍ରଧାନମନ୍ତ୍ରୀ ଛଅ ଛଅ ଥର ଓଡିଶା ଗସ୍ତ କରିସାରିଥିବାବେଳେ ବିଜେପି ରାଷ୍ଟ୍ରୀୟ ସଭାପତିଙ୍କଠାରୁ ଆରମ୍ଭ କରି ଦଳର ତୁଙ୍ଗ ନେତା, କେନ୍ଦ୍ରୀୟ ମନ୍ତ୍ରୀମାନେ ଘନ ଘନ ଓଡ଼ିଶା ଗସ୍ତ କରୁଛନ୍ତି। ସେହିଭଳି ଓଡିଶାକୁ ଅଣଦେଖା କରିଆସୁଥିବା କଂଗ୍ରେସ ମଧ୍ୟ ହଠାତ୍ ସକ୍ରିୟ ହେବା ସହିତ ରାହୁଲ ଗାନ୍ଧୀ ଓଡ଼ିଶାମୁହାଁ ହୋଇଛନ୍ତି।

କେନ୍ଦ୍ରୀୟ ନେତାମାନଙ୍କର ଏଭଳି ଘନ ଘନ ଗସ୍ତର କାରଣ ବିଜେଡି ବୋଲି ଆଲୋଚନା ଜୋର ଧରିଛି। କାରଣ ବିଜେଡିରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବଢୁଥିବାବେଳେ ଏହା ଉପରେ ଦୁଇ କେନ୍ଦ୍ରୀୟ ଦଳ ନଜର ରଖିଛନ୍ତି। ଯଦି ବିଜେଡିରୁ କିଛି ଅସନ୍ତୁଷ୍ଟ ଦଳ ଛାଡନ୍ତି ତେବେ ସେମାନେ କେଉଁଆଡେ ମୁହାଁଇବେ ତାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି ବିଜେଡିର କିଛି ନେତାଙ୍କ ଲୁଚା ଛପା ବୈଠକ ଓ ବିବୃତ୍ତିବାଜି। ନବୀନଙ୍କ ଅସୁସ୍ଥତାର ସୁଯୋଗ ନେଇ ବିଜେଡିର କିଛି ନେତା ଏବେ ଦଳକୁ ଦୁର୍ବଳ କରିବାକୁ ଚେଷ୍ଟ କରୁଥିବା ନେଇ ଆଲୋଚନା ବି ହେଉଛି।

ତେବେ ରାଜନୈତିକ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ବିଜେପି ଚାହୁଁଛି ବିଜେଡିରେ କୌଣସି ବିଶୃଙ୍ଖଳା ନହେଉ। କାରଣ ବିଜେଡି ବିଭାଜନ ହେଲେ ମୁଖ୍ୟ ବିରୋଧିଦଳ ହୋଇଥିବାରୁ ଏହାର ସର୍ବାଧିକ ଭୋଟ କଂଗ୍ରେସ ପଟକୁ ଚାଲିଯିବାର ସମ୍ଭାବନା ରହିଛି। ଗତ ବିଧାନସଭା ନିର୍ବାଚନରେ ଜିଣି ବିଜେପି ଯଦିଓ ସରକାର ଗଠନ କରିଛି, କିନ୍ତୁ ବିଜେଡି ସର୍ବାଧିକ ଭୋଟ ପାଇଛି। ଏବେ ବି ନବୀନଙ୍କ ନାଁରେ ଭୋଟ ରହିଛି ଓ ନିର୍ବାଚନରେ ବିଜେଡି ଭୋଟ ଯାହା ପଟକୁ ଯିବ ସିଏ ସରକାର ଗଠନ କରିଦେବ। ସେହିଭଳି କଂଗ୍ରେସ ମଧ୍ୟ ଗତ ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଫଳାଫଳ କରିଛି। ତାହାର ବିଧାୟକ ସଂଖ୍ୟା ୯ ରୁ ୧୪କୁ ବଢାଇବାରେ ସଫଳ ହୋଇଛି। କଂଗ୍ରେସ ଏତେ ସଂଖ୍ୟକ ଆସନ ପାଇବ ବୋଲି କେହି ବି ପୂର୍ବାନୁମାନ କରିନଥିଲେ।

ଅନ୍ୟ ପକ୍ଷରେ କଂଗ୍ରେସ ବି ଚାହୁଁଛି ଯେ ବିଜେଡିରେ କୌଣସି ବିଭ୍ରାଟ ନହେଉ। କାରଣ ବିଜେଡି ଭାଙ୍ଗିଲେ ଅଧିକାଂଶ ନେତା ବିଜେପି ମୁହାଁ ହେବାର ସମ୍ଭାବନା ରହିଛି। ପୂର୍ବରୁ କିଛି ବିଜେଡି ନେତା ବିଜେପିକୁ ଯାଇ ରାତାରାତି ବିଧାୟକ ହେବା ସହିତ ସେଠାରେ ପ୍ରାଧାନ୍ୟ ବିସ୍ତାର କରିଥିବାରୁ ସେମାନେ ମଧ୍ୟସ୍ଥି ସାଜି ନିଜର ପୂର୍ବ ସହଯୋଗୀମାନଙ୍କୁ ବିଜେପିକୁ ନେଇଯିବାର ସମ୍ଭାବନା ରହିଛି। ଯଦି ବିଜେଡିର କିଛି ନେତା ବିଜେପିକୁ ଯିବେ, ତା'ହେଲେ କଂଗ୍ରେସକୁ କ୍ଷତି ସହିବାକୁ ପଡ଼ିବ। ତେଣୁ କଂଗ୍ରେସ ➪ପୃଷ୍ଠା-୬

## ଦେଢ଼ଶୂର ଆକ୍ରମଣରେ ଭାଇବୋହୂ ଗୁରୁତର

**କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ):** ଦେଢ଼ଶୂର ଆକ୍ରମଣରେ ଭାଇବୋହୂ ଗୁରୁତର ହୋଇଛନ୍ତି । ଗୁରୁତର ମହିଳା ହେଉଛନ୍ତି କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ଭଗେଶ୍ୱରପୁର ଗ୍ରାମର ରଶ୍ମିପ୍ରଭା ସ୍ୱାଇଁ । ଭଗେଶ୍ୱରପୁର ଗ୍ରାମର ଅଜୟ କୁମାର ସ୍ୱାଇଁଙ୍କ ପତ୍ନୀ ରଶ୍ମିପ୍ରଭା ଅଭିଯୋଗ କରିଛନ୍ତି ଯେ ତାଙ୍କ ଶାଶୁ ବର୍ଷେ ତାଙ୍କ ସ୍ୱାମୀ ଅଜୟଙ୍କ ପାଖରେ ରହିବା ପରେ ତାଙ୍କ ଦେଢ଼ଶୂର ଅଖିଳ କୁମାର ସ୍ୱାଇଁଙ୍କ ପାଖରେ ଏକବର୍ଷ ରହିବା ପାଇଁ ଯାଇଥିଲେ । ନିଷ୍ପତ୍ତି ଅନୁଯାୟୀ ଶାଶୁ ଯେଉଁ ପୁଅ ପାଖରେ ରହିବେ ସେହି ପୁଅ ତାଙ୍କର ସମସ୍ତ ଭରଣପୋଷଣ କରିବା ସହିତ ଶାଶୁଙ୍କ ପେନସନରୁ ମାତ୍ର ୫ହଜାର ଟଙ୍କା ଉଠାଇପାରିବ ବୋଲି ସ୍ଥିର ହୋଇଥିଲା । କିନ୍ତୁ ଦେଢ଼ଶୂର ଅଖିଳ ପେନସନ ଥିବା ବ୍ୟାଙ୍କ ପାସବୁକରୁ ୮ହଜାର ଟଙ୍କା ଉଠାଇ ନେଇଥିବା ଜାଣିବା ପରେ ଗୁରୁବାର ରାତିରେ ଏସମ୍ପର୍କରେ ରଶ୍ମିପ୍ରଭା ପଚାରିବାରେ ଦେଢ଼ଶୂର ଓ ତାଙ୍କ ଦୁଇ ପୁଅ ରଶ୍ମିପ୍ରଭାଙ୍କୁ ଗାଳିଗୁଲଜ କରିବା ସହ ଏକ ଲୁହା ପାଇପରେ ଆକ୍ରମଣ କରିଥିଲେ। ଏହାସହ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଦେଢ଼ଶୂର ଓ ତାଙ୍କ ପୁଅମାନେ ଧମକ ଦେଇଥିବା ରଶ୍ମିପ୍ରଭା ଅଭିଯୋଗ କରିଛନ୍ତି । ଫଳରେ ରଶ୍ମିପ୍ରଭାଙ୍କ ମୁଣ୍ଡ ଫାଟିଯିବା ସହ ସେ ଗୁରୁତର ହୋଇପଡ଼ିଥିଲେ । ଗୁରୁତର ଅବସ୍ଥାରେ ରଶ୍ମିପ୍ରଭାଙ୍କୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏସମ୍ପର୍କରେ ଟାଉନ ଥାନାଧିକାରୀ ଜିଲ୍ଲିପ ସାହୁଙ୍କୁ ପଚାରିବାରେ ସେ କହିଲେ ଘଟଣାର ତଦନ୍ତ ଚାଲିଛି । ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ନାବାଳିକାଙ୍କ ଫଟୋ ଭାଇରାଲ କରି ଗିରଫ ହେଲେ ଟ୍ୟୁସନ ମାଷ୍ଟର



**ମାର୍ଶାଘାଇ,୨୨।୮(ସଂଚାର ବ୍ୟୁରୋ):** ଯେଉଁ ନାବାଳିକା ଛାତ୍ରୀଙ୍କୁ ଟିଉସନ କରୁଥିଲେ,ସେହି ଛାତ୍ରୀର ଅଶ୍ଳୀଳ ଫଟୋ ଭାଇରାଲ କରି ଜଣେ ରସିକିଆ ଟ୍ୟୁସନ ମାଷ୍ଟର ବନ୍ଧା ହୋଇଛନ୍ତି। କେବଳ ଅଶ୍ଳୀଳ ଫଟୋ ଭାଇରାଲ ନୁହେଁ ସମ୍ପୃକ୍ତ ଛାତ୍ରୀଙ୍କୁ ବିବାହ କରିବାକୁ ପ୍ରୟାସ କରି ବିଫଳ ହେବାପରେ ବାପାମାଆଙ୍କୁ ଧମକ ଦେଇ ଝିଅକୁ ଉଠାଇ ନେବାକୁ କହୁଥିଲା। ଏନେଇ ନାବାଳିକାଙ୍କ ମାଆ ମାର୍ଶାଘାଇ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ରସିକିଆ ଟ୍ୟୁସନ ମାଷ୍ଟରଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ହେଲେ ମହାକାଳପଡ଼ା ବ୍ଲକ ବଡକୂଳ ଗ୍ରାମପଞ୍ଚାୟତ ବଡକୂଳ ଗ୍ରାମ ରବିନ୍ଦ୍ର ବେହେରାଙ୍କ ପୁଅ ରାଜେଶ ବେହେରା(ରାଜା)। ସେହି ଗ୍ରାମର ଜଣେ ନାବାଳିକାକୁ ୪ ବର୍ଷ ତଳେ ଟ୍ୟୁସନ କରୁଥିଲେ। ସେହି ସମୟରେ ଛାତ୍ରୀଙ୍କ ସହିତ କିଛି ଅଶ୍ଳୀଳ ଫଟୋ ଶିକ୍ଷକ ଜଣଙ୍କ ଉଠାଇ ରଖିଥିଲେ।

## କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ଯକୃତ ରୋଗୀଙ୍କୁ ସହାୟତା



**କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ):** ରାଜ୍ୟର ଜଣାଶୁଣା ସମବାୟ ଆର୍ଥିକ ସଂସ୍ଥା କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ପାଟକୁରାର ମୁସଲିମ ବସ୍ତିର ସାବେ଼ା ଖାନ ଙ୍କ ପତ୍ନୀ ଆନସାରୀ ବିବି ଦୀର୍ଘ ଦିନ ଧରି ଯକୃତ(କିଡନୀ) ରୋଗରେ ପୀଡ଼ିତ ହୋଇ ଡାଇଲିସିସ୍ ହେବା ସହ ଚିକିତ୍ସିତ ଅଛନ୍ତି। ରୋଗୀଙ୍କର ଆର୍ଥିକ ଅବସ୍ଥା ଅତି ଦୁର୍ବଳ ଥିବା ସହିତ କୌଣସି ରୋଜଗାର ବାଟ ନଥିବାର ଖବର ପାଇ ସୋସାଇଟି ର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ପୀଡ଼ିତାଙ୍କ ଘରେ ପହଂଚି ତାଙ୍କର ଚିକିତ୍ସା ପାଇଁ ୧୦ ହଜାର ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ଗରଦପୁର ଶାଖା ପରିଚାଳକ ଅନୋଜ ସିଂହ, ନିର୍ଦ୍ଦେଶକ ବଲ୍ଲଭ ନନ୍ଦୀ, ଦିପକ ପାଣ ପ୍ରମୁଖଙ୍କ ସମେତ ବସ୍ତିର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସୋସାଇଟି ପକ୍ଷରୁ ଏହି ସହାୟତା କୁ ସ୍ଥାନୀୟ ଅଂଚଳରେ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଶଂସା କରିଛନ୍ତି ।

# ସ୍ୱାଧୀନତାର ୭୯ ବର୍ଷ ପରେ ବି ଗାଁକୁ ନାହିଁ ରାସ୍ତା

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ମହିଳା



**କେନ୍ଦ୍ରାପଡ଼ା, ୨୨।୮ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଗାଁକୁ ରାସ୍ତାଟିଏ ନଥିବାରୁ ଆଜି ଆଳି ବ୍ଲକ ଅନ୍ତର୍ଗତ ମହୁକଣସପୁର ଗ୍ରାମର ଶତାଧିକ ମହିଳା ତାଙ୍କ ଗାଁକୁ ରାସ୍ତାଟିଏ ତୁରନ୍ତ ନିର୍ମାଣ କରାଯିବା ପାଇଁ ଜିଲ୍ଲାପାଳଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ କରିଛନ୍ତି ଯେ, ତାଙ୍କ ଗ୍ରାମରେ ୨୦ରୁ ଅଧିକ ପରିବାର ବସବାସ କରନ୍ତି । ଛୋଟ ଠୁ ବଡ଼ ପର୍ଯ୍ୟନ୍ତ ପାଖାପାଖି ୨୦୦ ଜଣରୁ ଅଧିକ ଲୋକ ଦୀର୍ଘ ୨୦ ବର୍ଷ ଧରି ସେହି କଚା ରାସ୍ତାରେ ଆଣ୍ଠୁଏ କାଦୁଅ ପାଣିରେ ପଶି ସ୍କୁଲ ପିଲା, ରୋଗୀ, ବରିଷ୍ଠ ନାଗରିକ ଏବଂ ମହିଳାମାନେ ଏହି ରାସ୍ତାରେ ଯାତାୟାତ କରିଥାନ୍ତି । ଏହାସହ ଗ୍ରାମବାସୀମାନେ ବଜାର, ହାଟକୁ ଯିବା ସହିତ ନିଜର ଗୃହପାଳିତ ପଶୁମାନଙ୍କୁ ଚାଷ ଜମିକୁ ନେଇଥାନ୍ତି । ଗ୍ରାମ ରାସ୍ତା ନିର୍ମାଣ ବିଷୟରେ ସ୍ଥାନୀୟ ସରପଂଚ ଓ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରି କୌଣସି ସୁଫଳନ ମିଳିବରୁ ଗ୍ରାମର ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ




**କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଦ୍ୱାରା ପ୍ରଦତ୍ତ ପାଞ୍ଚୋଟି ଇଲେକ୍ଟ୍ରିକ୍ ଆନାଇ ବ୍ରେଲି ମେସିନ ଜିଲ୍ଲାପାଳ ରଘୁରାମ ଆର୍ ଆୟର ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁଥିବା ୫ ଜଣ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିଥିଲେ। ଏହାଦ୍ୱାରା ପିଲାମାନେ ସହଜରେ ପଢ଼ି ପାରିବେ। ଏହା ସହିତ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଦ୍ୱାରା ପ୍ରଦତ୍ତ କୃତିମ ଅଙ୍ଗ ପ୍ରତ୍ୟଙ୍ଗ ୧୬ ଜଣ ଶାରୀରିକ ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମନୋଜ କୁମାର ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ପ୍ରଶାନ୍ତ କୁମାର ମିଶ୍ର, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେଉରା,ପୌର ସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ଶିକ୍ଷକ ଶିକ୍ଷୟତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

## ଦାଦନ ଦୁଃଖ ଟ୍ରେନରୁ ଖସିପଡ଼ି ଦୁଇ ଗୋଡ଼ ହରାଇଲେ

**ରାଜନଗର,୨୨।୮ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ଦାଦନ ଦୁଃଖ ବଢ଼ିବାରେ ଲାଗିଛି। କାମଧନ୍ଦା ଅଭାବରୁ ଯୁବକମାନେ ରାଜ୍ୟ ବାହାରକୁ ଯାଉଛନ୍ତି। ସେଠାରେ ନିର୍ଯାତିତ ହେଉଛନ୍ତି। ବାଙ୍ଗାଲୋରରେ ଦାଦନ ଖଟୁଥିବା ଯୁବକ ଲୋକାଲ ଟ୍ରେନରୁ ଖସିପଡ଼ି ଗୁରୁତର ଆହତ ହେବା ଓ ଡାକ୍ତରଖାନାରେ ତାଙ୍କର ଦୁଇ ଗୋଡ କଟାହେବା ଭଳି ଦୁଃଖଦ ଖବର ସାମନାକୁ ଆସିଛି।

ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ବିଷ୍ଣୁପଡା ଗ୍ରାମର ଅଙ୍କୁର ଚରଣ ଚଣ୍ଡଙ୍କ ପୁଅ ଅରୁଣ ୩୦ ବର୍ଷ ଦୁଇବର୍ଷ ତଳେ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଦୁଇଦିନ ତଳେ ଅରୁଣ କମ୍ପାନୀରୁ କାମ ସାରି ରହୁଥିବା ଭଡା ଘରକୁ ଫେରିବା ପାଇଁ ଲୋକାଲ ଟ୍ରେନରେ ଚଢ଼ିବା ବେଳେ ପଡ଼ିଯାଇଥିଲେ। ଟ୍ରେନ ତାଙ୍କର ଗୋଡ ଉପରେ ଚଢ଼ି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲା। ଗୋଡ ଏପରି ହୋଇଥିଲା ଯେ, ଅରୁଣଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କର ଦୁଇ ଗୋଡକୁ ଆଣ୍ଠୁ ପାଖରୁ କାଟିବାକୁ ପଡ଼ିଥିଲା। ଅରୁଣଙ୍କ ପରିବାର ଅତ୍ୟନ୍ତ ଗରିବ। ସେ ଦାଦନ ଖଟିଲେ ପରିବାର ଚଳେ। ଘରେ ତାଙ୍କର ବାପା, ମାଆ ଓ ପତ୍ନୀ ଅଛନ୍ତି। ତାଙ୍କର ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି।

କିନ୍ତୁ ଅରୁଣଙ୍କ ପରିବାର ଗରିବ ଦିନ ମଜୁରିଆ ହୋଇଥିବାରୁ ଏତେ ଯୋଗାଡ଼ କରିବା ସମ୍ଭବ ନୁହେଁ। ଯଦି କେହି ସହୃଦୟ ବ୍ୟକ୍ତି ଓ ସାମାଜିକ ସଂଗଠନ ସାହାଯ୍ୟ କରନ୍ତି ତାହେଲେ ଅରୁଣଙ୍କ ଉତ୍ତମ ଚିକିତ୍ସା ହୋଇପାରିବ ବୋଲି ତାଙ୍କ ପରିବାର ଲୋକେ ଅନୁରୋଧ କରିଛନ୍ତି।

## ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ

**ସାଲେପୁର,୨୨।୮ (ସଂଚାର ବ୍ୟୁରୋ):** ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଥିବା ଜଣାଯାଇଛି। ବାଲିସାହି ପଞ୍ଚାୟତ ନଈଗୁଆଁରୋଡ୍‌ରେ ଥିବା ଜରାଶ୍ରମର ଅନ୍ତେବାସୀମାନଙ୍କୁ କଟକ ଟାଉନ୍‌ର ସମାଜସେବୀ ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଭଗବାନ ବିଶ୍ୱାଳ, ଶରତ ଚନ୍ଦ୍ର ପାଣି, ରମଣୀରଞ୍ଜନ ଦାଶ, ଶରତ ଚନ୍ଦ୍ର ଦାଶ, ପ୍ରହଲ୍ଲାଦ ଚନ୍ଦ୍ର ମହାନ୍ତି, ବିଷ୍ଣୁପ୍ରସାଦ କର ପ୍ରମୁଖ ପହଞ୍ଚି ଶାଢ଼ୀ, ଧୋତି, ଗାମୁଛା ଇତ୍ୟାଦି ବଣ୍ଟନ କରିବା ସହ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥିଲେ। ସମାଜସେବୀ ଅବତନ ଷଡ଼ଙ୍ଗୀ ଓ ଜରାଶ୍ରମର ପରିଚାଳକ ବିଚିତ୍ରାନନ୍ଦ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କାଡ଼ା କେନାଲର ପୁନରୁଦ୍ଧାର ପାଇଁ ଦାବିପତ୍ର



**ସାଲେପୁର,୨୨।୮ (ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷ ହେବ କାଡ଼ା କେନାଲ ଗୁଡିକ ସଫେଇ କରାନଯିବାରୁ କାଡ଼ା କେନାଲ ପୋତି ହୋଇଯାଇଛି। ଫଳରେ ଚାଷ ଜମିରୁ ବର୍ଷା ପାଣି ନିଷ୍କାସିତ ହୋଇନପାରି ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇପଡୁଥିବାବେଳେ ଅଧିକାଂଶ ଫସଲ ପାଣିରେ ବୁଡ଼ିରହୁଥିବାରୁ ବହୁ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି। ଏହା ସାଲେପୁର ବ୍ଲକ ଅଞ୍ଚଳର ମୁଖ୍ୟ ସମସ୍ୟା ହୋଇଥିବାରୁ ଏନେଇ ଟାଙ୍ଗୀ-ସାଲେପୁର ଅଞ୍ଚଳର ବିଧାୟକ ପ୍ରାର୍ଥୀ ବିଶେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଡ୍ରେନେଜ୍ ଡିଭିଜନ୍‌ର ମୁଖ୍ୟଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ପୋତି ହୋଇଥିବା କାଡ଼ା କେନାଲର ପୁନରୁଦ୍ଧାର ପାଇଁ ସେ ଦାବି କରିଛନ୍ତି। ସାଲେପୁର ବ୍ଲକ ଅଞ୍ଚଳର ବାରବୋଡ଼ିଆ, ଆଡୋଡ଼ା, ଶିଶୁଆ ସମେତ ବିଭିନ୍ନ ପଞ୍ଚାୟତରେ ୧ଶହରୁ ଦେଢ଼ଶହ ଏକର ଚାଷ ଜମି ଜଳମଗ୍ନ ହୋଇ ଧାନଫସଲ ସମେତ ବିଭିନ୍ନ ଫସଲ ନଷ୍ଟ ହୋଇଛି। ଏହି ଅଞ୍ଚଳରେ ଥିବା କାଡ଼ା କେନାଲ ଗୁଡିକ ପୋତି ହୋଇଥିବାବେଳେ ଏହାର ପୁନରୁଦ୍ଧାର କରାଯାଇନଥିବାରୁ ବର୍ଷାପାଣି ନିଷ୍କାସିତ ହୋଇନପାରି ଚାଷ ଜମିରେ ଜମି ରହୁବା ଫଳରେ ଫସଲ ପାଣିରେ ବୁଡ଼ିରହି ନଷ୍ଟ ହେଉଛି ବୋଲି ଶ୍ରୀ ସ୍ୱାଇଁ ଦାବିପତ୍ରରେ ଦର୍ଶାଇବା ସହ ଦୀର୍ଘବର୍ଷ ହେବ ପୋତିହୋଇଥିବା କାଡ଼ା କେନାଲ ଗୁଡିକର ପୁନରୁଦ୍ଧାର ପାଇଁ ସେ ଦାବି କରିଛନ୍ତି।

### ଅମଲା କର୍ମଚାରୀଙ୍କ ଆନ୍ଦୋଳନ

## ବ୍ଲକ୍, ତହସିଲରେ ଅଚଳାବସ୍ଥା

**କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ):** ବିଭିନ୍ନ ଦାବି ନେଇ ଅମଲା କର୍ମଚାରୀଙ୍କ ସାମୁହିକ ଛୁଟିରେ ରହିବା ଘଟଣାକୁ ଦୁଇ ସପ୍ତାହ ବିତିଲାଣି। ଏହି ଆନ୍ଦୋଳନର ଗଭୀର ପ୍ରଭାବ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଅମଲା କର୍ମଚାରୀମାନେ ଛୁଟିରେ ରହିବା ଯୋଗୁଁ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାରୀ ଫାଇଲ କାର୍ଯ୍ୟ କିମ୍ବା ଉନ୍ନୟନମୂଳକ କାର୍ଯ୍ୟ ଆଗକୁ ଯାଇପାରୁ ନାହିଁ।

ସେହିପରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ବିଲ ହୋଇନପାରି ଫାଇଲ ପଡ଼ିରହିଛି। ଫଳରେ ଜିଲ୍ଲାର ନଅଟି ବ୍ଲକ୍ ସମେତ ଦୁଇଟି ପୌର କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସହ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ନିରାଶ ହୋଇ ଫେରୁଛନ୍ତି। ଶୀଘ୍ର କୌଣସି ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ତହସିଲରେ ଜନସାଧାରଣ ଅନେକ ସମସ୍ୟା ଭୋଗିବେ।

# ମିଶନ ଶକ୍ତି ଅତିରିକ୍ତ ଶାସନ ସଚିବଙ୍କ ଡେରାବିଶ ଗସ୍ତ

**ଡେରାବିଶ,୨୨।୮ (ସଂଚାର ବ୍ୟୁରୋ):** ମିଶନ ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ଡ. ଅବିନାଶ ରାଉତଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ ଅବସରରେ ଡେରାବିଶ ବ୍ଲକର ବିଭିନ୍ନ ମହିଳା ଉତ୍ପାଦକ ଗୋଷ୍ଠୀକୁ ପରିଦର୍ଶନରେ ଯାଇ ଗୋଷ୍ଠୀର ସଦସ୍ୟଙ୍କ ସହିତ ସେମାନଙ୍କ କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଛନ୍ତି । ଆଜି ଅତିରିକ୍ତ ଶାସନ ସଚିବ ଡକ୍ଟର ରାଉତ ପୂର୍ବାହ୍ନରେ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକସ୍ଥ ପଞ୍ଚୁପାଣ୍ଡବ ଛକରେ ପହଞ୍ଚିବା ପରେ ତାଙ୍କୁ କେନ୍ଦ୍ରାପଡ଼ାର ଡିପିଏମ୍ ପ୍ରଶାନ୍ତ ପାଢ଼ୀ, ଡିପିସି ଆରତୀ ସାହୁ, ଡେରାବିଶ ବ୍ଲକ ବିପିସି ମାମଲି ବେହେରା ଓ ବିପିଏମ୍ ଅମୀୟ ରାଉତ ସ୍ୱାଗତ କରିବା ସହିତ ପଞ୍ଚୁପାଣ୍ଡବସ୍ଥ ସ୍କିଲ କାଉନସେଲ୍‌ଫ ଟ୍ରେନିଂ ସେଣ୍ଟରକୁ ଯାଇ ବୁଲି ଦେଖୁଥିଲେ ପରେ ଲକ୍ଷ୍ମୀନାରାୟପୁର ପଂଚାୟତ ଅନ୍ତର୍ଗତ କେଉଟକଣ୍ଡିଆସ୍ଥ ମା' ମଙ୍ଗଳା ପିଜିଗ୍ରୁପ ପରିସରକୁ ଯାଇଥିଲେ । ସେଠାରେ



ଏହି ପିଜି ଗ୍ରୁପ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଅଗରବତୀ, ଫିନାଇଲ ଓ ମହମବତୀ ନିର୍ମାଣ ଶୈଳୀ ବୁଲି ଦେଖିବା ସହିତ ଏହାର ସଦସ୍ୟଙ୍କ ସହିତ ଗ୍ରୁପର ଅଭାବ ଅସୁବିଧା ଓ ଅନ୍ୟାନ୍ୟ ସମ୍ପର୍କରେ ପଚାରି ବୁଝିଥିଲେ ପରେ ସେଠାରୁ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁରସ୍ଥ ଗୃହିଣୀ ମହିଳା ଉତ୍ପାଦକ ଗୋଷ୍ଠୀରେ ପହଞ୍ଚି ଏହି ଗ୍ରୁପର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୋଷାକ ତିଆରି କାର୍ଯ୍ୟ ଦେଖିଥିଲେ। ସେଠାରୁ ଗୋଲରାହଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟସ୍ଥ ଉତ୍କଳ ଗ୍ରାମୀଣ ପ୍ରଡ୍ୟେସର୍ସ ଗ୍ରୁପ ପରିସରରେ ପହଞ୍ଚି ଏହି ଗ୍ରୁପର ମହିଳା ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଏମ୍ବ୍ରୋଡୋରୀ କାର୍ଯ୍ୟ ବୁଲି ଦେଖିଥିଲେ। ଏଥିସହିତ ସଭାନେତ୍ରୀ ଲେସାବୁନ୍ ବିବି ଓ ସମ୍ପାଦିକା ରେଶମା ବେଗମ୍‌ଙ୍କ ସହିତ ସେମାନଙ୍କ କାର୍ଯ୍ୟଶୈଳୀ ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଡକ୍ଟର ରାଉତ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଉତ୍ପାଦକ ଗୋଷ୍ଠୀ ପରିଦର୍ଶନରେ ଯାଇଥିଲେ।

# ଅଜଣା ରୋଗରେ କୁକୁଡ଼ା ମଡ଼କ



**ଡେରାବିଶ,୨୨।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଅଞ୍ଚଳରେ ଅଜଣା ରୋଗରେ କୁକୁଡାଙ୍କର ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଛି । ଡେରାବିଶର ଜାଗୁଲେଇପଡା, ତିଲଙ୍ଗ ଓ ବାଲିଆ ପ୍ରଭୃତି ଅଞ୍ଚଳରେ ଥିବା କୁକୁଡା ଫାର୍ମ ଗୁଡିକରେ କୁକୁଡା ମରିଯାଉଥିବା ଦେଖିବାକୁ ମିଳିଛି । କୁକୁଡା ଗୁଡିକ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ହଠାତ୍ ପଡି ମରିଯାଉଥିବା କୁକୁଡ଼ା ଚାଷୀ କହିଛନ୍ତି। ତେବେ କେତେକ ଫାର୍ମ ରେ ଗତ ସପ୍ତାହକ ମଧରେ ସମ୍ପୂର୍ଣ୍ଣ କୁକୁଡା ମରି ଯାଇଥିବା ଅଭିଯୋଗ ହୋଇଛି । ଖବର ପାଇବା ପରେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଫାର୍ମ ରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ବର୍ଷର କେତେକ ନିର୍ଦ୍ଦିଷ୍ଟ ସମୟରେ କୁକୁଡା ମଡକ ହେଉଥିବା ବେଳେ ଏବେ ବର୍ଷ ସାରା କୁକୁଡା ମରିବା ଯୋଗୁଁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ।

## ପ୍ରଗତି ମିଲ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ




**ମାର୍ଶାଘାଇ,୨୨।୮(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଣିକୁଣ୍ଡା ପଞ୍ଚାୟତ ରାମିଆଗଞ୍ଜ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଆଜି ପ୍ରଗତି ମିଲ୍କ ପକ୍ଷରୁ କୁନିକୁନି ଛାତ୍ର ଛାତ୍ରୀମାନଙ୍କୁ ସ୍କୁଲ ବ୍ଯାଗ୍ ବଣ୍ଟନ କରାଯାଇଛି। ନିଜର ସାମାଜିକ ଦାୟିତ୍ୱ ବୋଧତା ପାଣ୍ଠି ମାଧ୍ୟମରେ ବିଦ୍ୟାଳୟର ଶିଶୁବାଟିକା ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ବ୍ଯାଗ୍ ଦିଆଯାଇଥିବା ଏପିଏମ୍ ପ୍ରକାଶ କୁମାର ଉଡାଣସିଂ କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ଥସାରଥୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଗତି ମିଲ୍କ ର ଏଜିଏମ୍ କିଶୋର ଚନ୍ଦ୍ର ବେହେରା, ସାମ୍ବାଦିକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ, କମଳ ଲୋଚନ ସାମଲ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପତି, ସୁପରଭାଇଜର ସତ୍ୟଜିତ ସୂତାର ଓ ପ୍ରଦୀପ ପ୍ରହରାଜ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ବ୍ଯାଗ୍ ବଣ୍ଟନ କରିବା ସହ ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇ ଉତ୍ସାହିତ କରିଥିଲେ।

# ନୂତନ ତହସିଲ ଅଫିସରେ କାର୍ଯ୍ୟ ଆରମ୍ଭ

**ରାଜନଗର,୨୨।୮ (ସଂଚାର ବ୍ୟୁରୋ):** ରାଜନଗରର ନୂତନ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ ହୋଇଛି। ଦୀର୍ଘ ଦିନ ହେବ ନୂଆ ରୂପରେ ନିର୍ମାଣ କରାଯାଇଥିବା ୩ ମହଲା ବିଶିଷ୍ଟ କୋଠାରେ ଏହି ସପ୍ତାହ ପ୍ରାରମ୍ଭରେ ଅଫିସ କାମ କରାଯାଉଛି।

ପୁରୁଣା ତହସିଲ କାର୍ଯ୍ୟାଳୟ ୮୦ ଦଶକରେ ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଅଫିସ ଗୃହ ଗୁଡିକ ବିପଦ ସଂକୁଳ ଅବସ୍ଥା ଭିତରେ ସରକାରୀ କାର୍ଯ୍ୟାଳୟ ଚାଲୁଥିଲା। ପୂର୍ବ ସରକାରଙ୍କ ପକ୍ଷରୁ ରାଜନଗର ବ୍ଲକର ପୁରାତନ ଡାକବଙ୍ଗଳାକୁ ଭଙ୍ଗା ଯାଇ ନୂତନ କୋଠା ଘର ନିର୍ମାଣ କରାଯାଇଥିଲା। ନୂତନ ତହସିଲଦାର ଯୀଶୁକ୍ରିଷ୍ଟ ଦାସ କାର୍ଯ୍ୟରେ ଯୋଗଦାନ କରି ନୂତନ ତହସିଲ କାର୍ଯ୍ୟାଳୟର ପୂଜାର୍ଚ୍ଚନା କରାଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ପୁରୁଣା ତହସିଲରେ ଥିବା ସମସ୍ତ କାଗଜପତ୍ର ନୂତନ ରେକର୍ଡ ରୁମକୁ ଅଣାଯାଇଛି। ବର୍ତ୍ତମାନ ତହସିଲରେ ୯ ଜଣ କିରାଣୀ କାର୍ଯ୍ୟ କରୁଥିବା ବେଳେ ୬ ଜଣ କିରାଣୀ ପଦବୀ ଦୀର୍ଘ ଦିନ ହେବ ଖାଲି ରହିଛି। ଅଦ୍ୟାବଧି ସ୍ଥାୟୀ ଭାବରେ ଅତିରିକ୍ତ ତହସିଲଦାର ନିଯୁକ୍ତି ପାଇଁ ନଥିବାରୁ ସୁଦୂର ୪୫ କିଲୋମିଟର ଦୂରତ୍ୱ ରଂଗଣୀ, ବାଘମାରୀ, ତାଳଚୁଆ, କେଂରୁଆପାଳ, କୃଷ୍ଣ ନଗର, ଡାଙ୍ଗମାଳ ପ୍ରଭୃତି ଉପାନ୍ତ ଅଞ୍ଚଳରୁ ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ଆସି ହତାଶ ହୋଇ ଫେରିଯାଉଛନ୍ତି। ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପାଇଁ ଜିଲ୍ଲାପାଳଙ୍କ ପାଖରେ ଦାବୀ ହୋଇ ଆସୁଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଥିବା କାର୍ଯ୍ୟାଳୟଟି ସରକାରୀ ଭାବେ ଉଦଘାଟନ କରାଯାଇନାହିଁ। ରାଜନୈତିକ ଉଷ୍ମ ବାତାବରଣ ଯୋଗୁଁ ନିଡାମ୍ବର ଭାବରେ ହୋମଯଜ୍ଞ କରି ତହସିଲଦାର ଶ୍ରୀ ଦାସ କାର୍ଯ୍ୟ ଆରମ୍ଭ କରିଛନ୍ତି। ଜନସାଧାରଣ ଏଣିକି ଏହି ନୂତନ କାର୍ଯ୍ୟାଳୟକୁ ଆସି ସେମାନଙ୍କ କାମ କରିବାକୁ କୁହାଯାଇଛି।

## ଶ୍ରୀ ବଳଦେବଜୀୟୁ ମନ୍ଦିରର ଉନ୍ନତିକରଣ ନିମନ୍ତେ ସମୀକ୍ଷା

**କେନ୍ଦ୍ରାପଡା,୨୨।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀୟୁଙ୍କ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି କରଣ ନିମନ୍ତେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଆଜି ମନ୍ଦିର କାର୍ଯ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଆର୍କିଟେକଚର ସ୍ୱାଗତ କୁମାର ଜେନା ପ୍ରସ୍ତାବିତ କାର୍ଯ୍ୟର ଡିଜାଇନ୍‌କୁ ଉପସ୍ଥାପିତ କରିବାସହ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହିତ ଜିଲ୍ଲାପାଳ ଶ୍ରୀ ଆୟାର ଅନ୍ୟ ଅଧିକାରୀ ମାନଙ୍କ ସହ ମନ୍ଦିର ଓ ପାର୍କ, ବିବାହ ମଣ୍ଡପ, ଚନ୍ଦନ ପୁଷ୍କରିଣୀ, ଏଣ୍ଡାମେଣ୍ଟ କାର୍ଯ୍ୟାଳୟ ଓ ସଂଲଗ୍ନ ପରିସର, ମନ୍ଦିର ସମ୍ମୁଖ ଦାଣ୍ଡ ଓ ଅନ୍ୟାନ୍ୟ ସ୍ଥାନକୁ ସରଜମିନ୍ ଅନୁଧ୍ୟାନ କରି ପ୍ରସ୍ତାବିତ ଉନ୍ନତିକରଣ କାର୍ଯ୍ୟ ସଂପର୍କରେ ପଚାରି ବୁଝିଥିଲେ। ଏହାର



ବୃତ୍ତାନ୍ତ ରୂପରେଖ ଶୀଘ୍ର ସାରି ଏକ ଡି.ପି.ଆର. ପ୍ରସ୍ତୁତ ହେବାପରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇ ଅନୁମୋଦନ ଓ ଅଟକଳ ମୁତାବକ ପାଣ୍ଠି ମଂଞ୍ଜୁର ହେବ । ଉକ୍ତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏସଡିପିଓ ଜ୍ୟୋତି ରଂଜନ ଗୌଡ, ଟ୍ରଷ୍ଟବୋର୍ଡ ସଭ୍ୟ, ପୂର୍ବତନ ନଗରପାଳ, ଦେବୋତର ସଂସ୍ଥାର ନିର୍ବାହୀ ଅଧିକାରୀ, ପୂର୍ତ୍ତବିଭାଗ କେନ୍ଦ୍ରାପଡା ଡିଭିଜ -୧ର ଅଧିକ୍ଷଣଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ● ଆଳି ପଞ୍ଚାୟତ ସମିତିର ଷଷ୍ଠ ଅଧିବେସନ

## ସାମ୍ବାଦିକଙ୍କୁ ବିଡ଼ିଓଙ୍କ ବାରଣ, ଗୁମର ଲୁଚାଇବାକୁ ଚେଷ୍ଟା କରୁଛି ବ୍ଲକ୍ ପ୍ରଶାସନ?




**ଆଳି,୨୨।୮(ସଂଚାର ବ୍ୟୁରୋ):** ଆଳି ପଞ୍ଚାୟତ ସମିତିର ଷଷ୍ଠ ଅଧିବେସନ ଶୁକ୍ରବାର ଦିନ ଚାଲିଥିବା ବେଳେ ସାମ୍ବାଦିକଙ୍କୁ ଅଧିବେସନ ଗୃହକୁ ଛାଡିଲେନି ବିଡ଼ିଓ । ଏହାକୁ ନେଇ ସାମ୍ବାଦିକ ମାନେ କଣ ପାଇଁ ଅଧିବେସନ ଆଲୋଚନା ସମୟରେ ସାମ୍ବାଦିକ ମାନଙ୍କୁ ବାରଣ କରାଯାଉଛି ବୋଲି ପଚାରିବାରୁ ବିଡ଼ିଓ ବୈଠକ ଶେଷରେ ଆଲୋଚନା ହୋଇଥିବା ବିଷୟ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି କହିଥିଲେ । କିନ୍ତୁ ବୈଠକ ସରିବା ପରେ ବିଡ଼ିଓ ନା ଗଣମାଧ୍ୟମକୁ କୌଣସି ସୂଚନା ଦେଲେ ନା କୌଣସି ତଥ୍ୟ । ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚମ ଅଧିବେଶନରେ ସାମ୍ବାଦିକ ମାନଙ୍କୁ ଚିଠି ମାଧ୍ୟମରେ ଉପସ୍ଥିତ ରହିବାକୁ ସୂଚନା ଦେଇଥିବା ବେଳେ ଷଷ୍ଠ ଅଧିବେଶନରେ ସାମ୍ବାଦିକ ମାନଙ୍କୁ ଅଧିବେସନକୁ ଡାକିନଥିବା ବେଳେ ସାମ୍ବାଦିକଙ୍କୁ ବୈଠକରେ ଉପସ୍ଥିତ ରହିବାକୁ ସୁଯୋଗ ମଧ୍ୟ ଦେଲେନାହିଁ । ଆଳି ବିଡ଼ିଓ କଣ ପାଇଁ ଏଭଳି ଏକ ନିଷ୍ପତି ନେଲେ ତାହା ଜଣା ନଥିବା ବେଳେ କେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହେଉଥିଲା ଯାହା ପାଇଁ ବିଡ଼ିଓ ଅଧିବେସନ ଗୃହକୁ ସାମ୍ବାଦିକଙ୍କ ପ୍ରବେଶ କରାଇ ଦେଇ ନଥିଲେ । ଅନ୍ୟ ପକ୍ଷେ ପଞ୍ଚାୟତ ସମିତିର କଣ ଏମିତି ଗୁପ୍ତ ଆଲୋଚନା ହେବାରେ ଥିଲା କି ଯାହା ଗଣମାଧ୍ୟମ ପ୍ରକାଶ ହେଲେ ବ୍ଲକ୍ ପ୍ରଶାସନର ଗୁମର କଥା ପଦାରେ ପଡ଼ି ହାଟରେ ଗଡ଼ି ଥାଆନ୍ତା । ଏହି ବୈଠକରେ ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ କନକଲତା ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ସାଂସଦ ପ୍ରତିନିଧି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ୩୪ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟଙ୍କ ସହ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ



ଭୁବନେଶ୍ୱର, ୨୨।୮ (ସଂଚାର ବ୍ୟୁରୋ): ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ସଭାପତିଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧିମଣ୍ଡଳୀ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଦୀର୍ଘ ୨୦ ବର୍ଷ ଧରି ସ୍ୱଳ୍ପ ଦରମାରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଡାକ୍ତରଖାନାରେ କର୍ମଚାରୀମାନେ କାର୍ଯ୍ୟ କରୁଥିବା ନେଇ ସରକାର ଅବଗତ ଅଛନ୍ତି।। ରାଜ୍ୟ ସରକାର ମଧ୍ୟ ସେମାନଙ୍କ ସମସ୍ୟା ବିଷୟରେ ସମ୍ପୂର୍ଣ୍ଣ ଅବଗତ ଓ ଏହାର ସମାଧାନ ନେଇ ବିଚାର ଚାଲିଛି। ଖୁବଶୀଘ୍ର ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ଦିଗରେ ନିଷ୍ପତ୍ତି ନିଆଯିବ। ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସମସ୍ୟାକୁ ସରକାର ଗୁରୁତ୍ୱର ସହ ସମାଧାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଭେଟି ପ୍ରତିନିଧିମଣ୍ଡଳୀ ସମସ୍ୟା ସମ୍ପର୍କରେ ଏକାଧିକ ବାର ଅବଗତ କରାଇଛନ୍ତି। ଶ୍ରୀ ସାମଲ କର୍ମଚାରୀଙ୍କ ସମସ୍ତ ସମସ୍ୟାର ସମାଧାନ ସହ ଦରମା ବୃଦ୍ଧି, ୨୫ ପ୍ରତିଶତ ପ୍ରୋତ୍ସାହନ ରାଶି ଉଚ୍ଛେଦ, ରାଜ୍ୟ ପ୍ରୋତ୍ସାହନ ରାଶି ବୃଦ୍ଧି, ସମସ୍ତଙ୍କୁ ବୀମାଭୁକ୍ତ କରିବା ଆଦି ଦାବିର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ପ୍ରତିନିଧି ମଣ୍ଡଳୀରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ସମେତ ସାଧାରଣ ସମ୍ପାଦକ ଗୋପବନ୍ଧୁ କର, କୋଷାଧ୍ୟକ୍ଷ ଆଶୁତୋଷ ମିଶ୍ର, ସହସମ୍ପାଦକ ପ୍ରଦୀପ୍ତ ମଲ୍ଲ ପ୍ରମୁଖ ସାମିଲ୍ ଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ କର୍ମଚାରୀମାନଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି ଓ ଖୁବ୍‌ଶୀଘ୍ର ସେମାନଙ୍କ ଆଶା ପୂରଣ ହେବ ବୋଲି ଆଶାବାଦୀ ଅଛନ୍ତି।

### କମଳାକାନ୍ତ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ପାଳିତ

# ହଲ୍ ପାଇଁ ୧ କୋଟି ସହାୟତା ଦେଲେ ମୁଖ୍ୟମନ୍ତ୍ରୀ

କଟକ,୨୨।୮(ସଂଚାର ବ୍ୟୁରୋ): ସ୍ଥାନୀୟ କାଳିଆବୁଦାସ୍ଥିତ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟକୁ ଏକ ଜ୍ଞାନ ଦୀପସ୍ତମ୍ଭ, ଯାହା ୬୦ ବର୍ଷ ହେଲାଣି କଟକ ସହରରେ ଜ୍ଞାନର ଆଲୋକ ବିକିରଣ କରୁଛି ବୋଲି ମତ ବ୍ୟକ୍ତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଏହି ବିଦ୍ୟାଳୟକୁ ଖୁବଶୀଘ୍ର ପିଏମଶ୍ରୀ ଯୋଜନାରେ ସାମିଲ କରିବା, ମିନି ଷ୍ଟାଡିଅମ ନିର୍ମାଣ, ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରିବା ଓ ବିଦ୍ୟାଳୟର ଆନୁଷଙ୍ଗିକ ଆବଶ୍ୟକତା ସବୁ ଖୁବଶୀଘ୍ର ପୂରଣ କରିବା ପାଇଁ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହୀରକ ଜୟନ୍ତୀ କେବଳ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ଏହା ପୂର୍ବତନ ଛାତ୍ରଛାତ୍ରୀମାନଙ୍କର ମିଳନ ମହୋତ୍ସବ ମଧ୍ୟ। ଯେଉଁମାନେ ଏହି ବିଦ୍ୟାଳୟରୁ ପଢ଼ି ସମାଜରେ ମର୍ଯ୍ୟାଦାଜନକ ସ୍ଥାନରେ ପହଞ୍ଚିଛନ୍ତି, ସେମାନଙ୍କ ଉପଲବ୍ଧି ଏହି ବିଦ୍ୟାଳୟର ପ୍ରତିଷ୍ଠାକୁ ବହୁଗୁଣିତ କରିଛି।

**■ ଖୁବଶୀଘ୍ର ପିଏମଶ୍ରୀ ଯୋଜନାରେ ସାମିଲ ହେବ ବିଦ୍ୟାଳୟ**

ଛାତ୍ରଛାତ୍ରୀଙ୍କ ସଫଳତାରେ ବିଦ୍ୟାଳୟର ସଫଳତା ବୋଲି ଆମେ ଅନୁଭବ କରୁଛୁ। ଆଜିର ଛାତ୍ରଛାତ୍ରୀ ଆଗାମୀ ଭବିଷ୍ୟତ ଓ ସେମାନେ ହେବେ ବିକଶିତ ଭାରତର ନିର୍ମାତା। ତେଣୁ ଆଜିର ବିଦ୍ୟାର୍ଥୀଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବା ଉଚିତ। ଏହା ଯେକୌଣସି ସରକାରଙ୍କ ମୌଳିକ ଓ ନୈତିକ କର୍ତ୍ତବ୍ୟ। ଆମ ସରକାର ଆସିବା ଦିନଠାରୁ ହିଁ ଶିକ୍ଷାକ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରୟାସ କରୁଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏହାର ଏକ ପ୍ରକୃଷ୍ଟ ଉଦାହରଣ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଏହି ବିଶ୍ୱସ୍ତରୀୟ ବିଦ୍ୟାଳୟ ନିର୍ମାଣ ହେବ ଓ ଏହି ଦିଗରେ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତିଯେ ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟ ହାସଲ ପାଇଁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଜରୁରୀ। ଏଥିପାଇଁ ପ୍ରଥମେ ପ୍ରାଥମିକ ଶିକ୍ଷା ବା ସ୍କୁଲ ଶିକ୍ଷାକୁ ସୁଦୃଢ଼ କରାଯିବା ଆବଶ୍ୟକ । ଜାତୀୟ ଶିକ୍ଷାନୀତି-୨୦୨୦ରେ ମଧ୍ୟ ଗୁଣାତ୍ମକ ଶିକ୍ଷା ଉପରେ ଫୋକସ୍ କରାଯାଇଛି। ରାଜ୍ୟରେ ପ୍ରାଥମିକ ଶିକ୍ଷା ବିକାଶ ପାଇଁ ସରକାର ପ୍ରତିବଦ୍ଧ। ଚଳିତ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ନିକଟରେ ରାଜ୍ୟର ପ୍ରାଥମିକ ଶିକ୍ଷାକୁ ଉନ୍ନତ କରିବା ସକାଶେ ନିଆଯାଇଥିବା ପ୍ରମୁଖ ନିଷ୍ପତ୍ତି ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟର ହୀରକ ଜୟନ୍ତୀ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ନୟନ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭଦର୍ଶିନୀ ନନ୍ଦ ମଞ୍ଚାସୀନ ଥିଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ପ୍ରସ୍ତୁତି



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି।ଏଥିପାଇଁ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଓ ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

ଏହି ପ୍ରସ୍ତୁତି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା,ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ସମ୍ପୃକ୍ତ ତୀର୍ଥଯାତ୍ରୀମାନେ ଆସନ୍ତା ୯ ତାରିଖରେ ସମ୍ପୃକ୍ତ ଜିଲ୍ଲାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିବେ। ସେମାନଙ୍କ ନିମନ୍ତେ ଭୁବନେଶ୍ୱରର ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣି ବ୍ୟବସ୍ଥା କରାଯିବ। ଏହି ରହଣିସ୍ଥଳରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଯାଞ୍ଚ, ଖାଦ୍ୟପାନୀୟ ଓ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଶ୍ରୀ ବେଉରା ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ପର୍ଯ୍ୟଟନ ସହନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକ, ଖୋର୍ଦ୍ଧା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମୀରା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ପୁଲିସ, ଅଗ୍ନିଶମ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ● ଖଣ୍ଡଗିରି ଫ୍ଲାଏ ଓଭରବ୍ରିଜ୍ ବିପଦସଙ୍କୁଳ

# ମରାମତି ପାଇଁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ବନ୍ଦ



● ସର୍ଭିସ୍ ରୋଡ୍ ବିକଳ୍ପ ରାସ୍ତା

ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ଖଣ୍ଡଗିରି ଫ୍ଲାଏ ଓଭରବ୍ରିଜ୍‌ର ବିପଦସଙ୍କୁଳ ଅବସ୍ଥା ଯୋଗୁଁ ମରାମତି କାର୍ଯ୍ୟ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏହାକୁ ୧୨ ଦିନ ପାଇଁ ବନ୍ଦ ରଖାଯିବ। ଗତକାଲିଠାରୁ ଏହି କଟକଣା ଆରମ୍ଭ ହୋଇଥିବା ବେଳେ ଆସନ୍ତା ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଲାଗୁ ହେବ। ଏହି ସମୟରେ ଯାତ୍ରୀମାନେ ଏନ୍‌ଏଚ୍-୧ରେ ଯାତାୟାତ କରିପାରିବେ। ଏଥିସକାଶେ ଟ୍ରାଫିକ୍ ଡାଇଭର୍ସନ କରାଯାଇଛି। ପୁଲିସ କମିଶନରେଟ୍ ପକ୍ଷରୁ ଦିଆଯାଇଥିବା ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଗାଡ଼ିଗୁଡ଼ିକ ହୋଟେଲ ଖାରବେଳ ନିକଟସ୍ଥ ସର୍ଭିସ୍ ରୋଡ୍ ଦେଇ ଟିଭିଏସ୍ ଶୋ'ରୁମ ପର୍ଯ୍ୟନ୍ତ ଯାତାୟାତ କରୁଛନ୍ତି। ତେବେ ଏହି ଡାଇଭର୍ସନ ଯୋଗୁଁ ଖଣ୍ଡଗିରି ଛକରେ ପ୍ରବଳ ଟ୍ରାଫିକ୍ ଜାମ୍ ଦେଖାଦେଇଛି। ଏନ୍‌ଏଚ୍‌ଏଆଇ ମରାମତି କାର୍ଯ୍ୟ ପାଇଁ ସମୟ ନେଇଥିବା ସୂଚନା ଦେଇଛି। ପୁଲିସ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପ୍ରୟାସ ଜାରି ରଖିଛି, କିନ୍ତୁ ସର୍ଭିସ୍ ରୋଡ୍‌ରେ ଗାଡ଼ିର ଚାପ ଯୋଗୁଁ ସ୍ଥିତି ଜଟିଳ ହୋଇଥିବା ଜଣାପଡ଼ିଛି।

# ଭୁବନେଶ୍ୱର-ଜେଆର୍-ଭୁବନେଶ୍ୱର ଏକ୍ସପ୍ରେସ ଏଲ୍‌ଏଚ୍‌ବି ସହ ଚଳାଚଳ କରିବ

ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ୨୦୮୩୭/୨୦୮୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ଏକ୍ସପ୍ରେସ୍ ଏବେ ସମ୍ପୂର୍ଣ୍ଣ ଭାବେ ଆଧୁନିକ ଲିଙ୍କ୍ ହଫମ୍ୟାନ୍ ବୁଶ୍ (ଏଲ୍‌ଏଚ୍‌ବି) କୋଚ୍‌କୁ ଅପଗ୍ରେଡ୍ କରାଯାଇଛି, ଯାହା ଯାତ୍ରୀମାନଙ୍କ ପାଇଁ ଉନ୍ନତ ସୁରକ୍ଷା, ଆରାମ ଓ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିଥାଏ। ଏଲ୍‌ଏଚ୍‌ବି-ସଜ୍ଜିତ ସେବା ଆସନ୍ତା ୨୫ରେ ଭୁବନେଶ୍ୱରରୁ ଓ ୨୬ରେ ଜୁନାଗଡ଼ ରୋଡ୍‌ରୁ ଯାତ୍ରା ଆରମ୍ଭ କରିବ। ଏପର୍ଯ୍ୟନ୍ତ ଏହି ଟ୍ରେନ୍ ଗୋଟିଏ ଏଲ୍‌ଏଚ୍‌ବି ରେକ୍ ଓ ଗୋଟିଏ ପାରମ୍ପରିକ ଆଇସିଏଫ୍ ରେକ୍ ସହ କାର୍ଯ୍ୟ କରୁଥିଲା। ଏହି ଅପଗ୍ରେଡ୍ ସହ ଉଭୟ ପାର୍ଶ୍ୱରୁ ସମାନ ଭାବରେ ଏଲ୍‌ଏଚ୍‌ବି କୋଚ୍ ସହ ଚଳାଚଳ କରିବ। ପୂର୍ବରୁ ଗତ ୮ତାରିଖରେ ଗୋଟିଏ ରେକ୍‌କୁ ଏଲ୍‌ଏଚ୍‌ବି କୋଚରେ ପରିବର୍ତ୍ତନ କରାଯିବ। ବର୍ତ୍ତମାନ ସେହି ପଦକ୍ଷେପ ଉପରେ ଆଧାର କରି ଉଭୟ ରେକ୍ ପାଇଁ ପରିବର୍ତ୍ତନ କରାଯାଇଛି। ଏହି ପରିବର୍ତ୍ତନ ଯାତ୍ରୀ ସୁବିଧା ଓ କାର୍ଯ୍ୟକ୍ଷମ ଦକ୍ଷତାରେ ଏକ ପ୍ରମୁଖ ଉନ୍ନତିକୁ ଚିହ୍ନିତ କରେ, ଯାହା ଓଡ଼ିଶାର ଉପକୂଳ ଓ ଆଦିବାସୀ ଅଞ୍ଚଳ, ଆନ୍ଧ୍ରପ୍ରଦେଶର ପ୍ରମୁଖ ସହର ଓ ରାଜ୍ୟ ରାଜଧାନୀ ଭୁବନେଶ୍ୱର ମଧ୍ୟରେ ରେଳ ସଂଯୋଗକୁ ସୁଦୃଢ଼ କରିବ।

### ● କେନ୍ଦ୍ର ମନ୍ତ୍ରୀଙ୍କୁ କଂଗ୍ରେସର ପ୍ରଶ୍ନ

# କେବେ କାର୍ଯ୍ୟକ୍ଷମ ହେବ ତାଳଚେର ସାର କାରଖାନା?



ଭୁବନେଶ୍ୱର, ୨୨।୮ (ସଂଚାର ବ୍ୟୁରୋ): ତାଳଚେର ସାର କାରଖାନା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୧୮ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୩୬ ମାସ ମଧ୍ୟରେ କାମ ଶେଷ ହେବ ବୋଲି ଘୋଷଣା କରିଥିଲେ। କିନ୍ତୁ ଇତିମଧ୍ୟରେ ଏହାକୁ ୭ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ସୁଦ୍ଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏଥିପାଇଁ କଂଗ୍ରେସ ବିଜେପି ସରକାରକୁ ଦାୟୀ କରିଛି। ଏହି ପ୍ରକଳ୍ପରେ ୧୩ ହଜାର କୋଟି ପରିବର୍ତ୍ତେ ଆହୁରି ସାଢ଼େ ୫ ହଜାର କୋଟି ଟଙ୍କା ଅଧିକ ଖର୍ଚ୍ଚ ହେଲାଣି। ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି ଏହି ପ୍ରକଳ୍ପର ଅବସ୍ଥା ହୋଇଛି ବୋଲି ଆଜି କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ତଥା ତଥ୍ୟ, ଗବେଷଣା ଓ ସୂଚନା ଶାଖାର ମୁଖ୍ୟ ଜଗଦାନନ୍ଦ ପ୍ରଧାନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାରଙ୍କ ଅପରିଣାମଦର୍ଶିତା, ଅପରିପକ୍ୱତା ଓ ଦାୟିତ୍ୱହୀନତା ଯୋଗୁଁ ଆଜି ତାଳଚେର ସାର କାରଖାନାର ନିର୍ମାଣ କାର୍ଯ୍ୟ ଆଗେଇପାରୁନାହିଁ। ଶିଳାନ୍ୟାସ ସମୟରେ କେନ୍ଦ୍ର ମନ୍ତ୍ରୀ ତଥା ତାଳଚେର ମାଟିର ପୁଅ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ଏବେ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହେବା ନେଇ ସେ କାହିଁକି ଚୁପ୍ ଅଛନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି। ଏହା ପଛରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ସ୍ଥାଣୁତାକୁ ସେ ଦାୟୀ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅମିୟ ପାଣ୍ଡବଙ୍କ ସହ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

### ଜାତୀୟ ଜଳ ବିଜ୍ଞାନ ପ୍ରତିଷ୍ଠାନର ମେସିନ ଲର୍ଣ୍ଣିଂ ପ୍ରଶିକ୍ଷଣ ଶିବିର

# ଯୋଗଦେଲେ ବିଭିନ୍ନ ରାଜ୍ୟର ଉଠା ଜଳସେଚନ ଯନ୍ତ୍ରୀ ଓ ଗବେଷକ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ସମଗ୍ର ଦେଶରେ ଜଳସମ୍ପଦର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି। ବିଭିନ୍ନ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀ, ଗବେଷକ, ଆଗ୍ରହୀ ଛାତ୍ରଛାତ୍ରୀ ତଥା ଜଳ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ନେଇ ଜାତୀୟ ଜଳ ବିଜ୍ଞାନ ପ୍ରତିଷ୍ଠାନ, ରୁର୍କୀ ପକ୍ଷରୁ ଆୟୋଜିତ ୫ଦିନିଆ ମେସିନ ଲର୍ଣ୍ଣିଂ ତାଲିମ୍ ଶିବିର ଆଜି ଉଦ୍‌ଯାପିତ ହୋଇଛି। ଗତ ୧୮ରୁ ଆରମ୍ଭ ହୋଇଥିବା ଏହି ଶିବିରରେ ବିଭିନ୍ନ ରାଜ୍ୟରୁ ୧୨ ଜଣ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ଜଳ ସମ୍ପଦ ବିଭାଗ ଅଧୀନସ୍ଥ ଓଡ଼ିଶା ଉଠାଜଳସେଚନ ନିଗମର ଉପନିର୍ଦ୍ଦେଶକ (ଯୋଜନା ଓ ମୂଲ୍ୟାଙ୍କନ) ଇଂ ଅଜୟ କୁମାର ମହାକୁଡ଼ ଯୋଗ ଦେଇ ଅତ୍ୟାଧୁନିକ ମେସିନ ଲର୍ଣ୍ଣିଂ ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଓଡ଼ିଶା ଉଠାଜଳସେଚନ ନିଗମ ଉଭୟ ଭୂତଳ ଓ ଭୂପୃଷ୍ଠ ଜଳକୁ ବ୍ୟବହାର କରି ଜଳସେଚନର ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ଯୋଗୁଁ ତାଙ୍କର ଏହି ତାଲିମ୍ ନିଗମ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ଶ୍ରୀ ମହାକୁଡ଼ ଆଶା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ପ୍ରାୟ ୧.୫୦ ଲକ୍ଷ ଗଭୀର ନଳକୂପ ପ୍ରକଳ୍ପ ଓ ୩୮ ହଜାର ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚନ କ୍ଷେତ୍ରରେ ନିଗମ ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି। ଆସନ୍ତା ୫ ବର୍ଷରେ ଆହୁରି ୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସମ୍ପ୍ରତି ପରିବର୍ତ୍ତିତ ପରିସ୍ଥିତିରେ ଓଡ଼ିଶାର ଯନ୍ତ୍ରୀମାନେ ଏଭଳି ତାଲିମ୍ ନେଇ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ରାଜ୍ୟର ଜଳସମ୍ପଦକୁ ଉପଯୁକ୍ତ ଭାବେ ବିନିଯୋଗ ତଥା ପରିଚାଳନା କରାଯାଇପାରିବ ବୋଲି ଶ୍ରୀ ମହାକୁଡ଼ କହିଛନ୍ତି।

# ଯୁବ ସଂଯୋଗ କମିଟିର ପ୍ରଥମ ବୈଠକ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ନୂତନ ଭାବେ ଗଠିତ 'ଯୁବ ସଂଯୋଗ' କମିଟିର ପ୍ରଥମ ବୈଠକ ଆଜି ପିସିସି କାର୍ଯ୍ୟାଳୟଠାରେ ସଂଯୋଜକ ନଳିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଛି। ଭୋଟ ଚୋରି ପ୍ରସଙ୍ଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବାର୍ତ୍ତାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୁବ ସଂଯୋଗ କମିଟି ସବୁପ୍ରକାର ପ୍ରୟାସ କରିବ। ଆଗାମୀ ସପ୍ତାହରେ କମିଟି ଅନୁଗୁଳ, ଢେଙ୍କାନାଳ ଓ ଦେବଗଡ଼ ଜିଲ୍ଲା ଗସ୍ତ କରି ନିଷ୍କ୍ରିୟ ଥିବା ବହୁ କର୍ମକର୍ତ୍ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଆଜିର ବୈଠକରେ ବିଶ୍ୱଭୂଷଣ ଦାସ, ତୋଫାନ ଷଡ଼ଙ୍ଗୀ, ବିପ୍ଳବ ଚୌଧୁରୀ, ପ୍ରତାପ କୁମାର ପ୍ରଧାନ, ଅମିତା ବିଶ୍ୱାଳ, ମନୋଜ ଦେହୁରୀ ଓ ସୁନୀଲ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

### ଆସୁଛି ପାର୍ବଣ ଋତୁ, ଡିଜିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ

# ବେଆଇନ ଚାନ୍ଦା ଆଦାୟ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ




କଟକ,୨୨।୮(ସଂଚାର ବ୍ୟୁରୋ): ଆଗକୁ ପାର୍ବଣ ଋତୁ ଥିବା ବେଳେ କୌଣସି ବ୍ୟକ୍ତିବିଶେଷ ଯେପରି ବେଆଇନ ଚାନ୍ଦା ଆଦାୟ ନ କରିବେ, ତା' ଉପରେ ଗୁରୁତ୍ୱ ଦେବା ଓ ଏପରି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ପ୍ରମାଣ ମିଳିଲେ, କଠୋର ଦଣ୍ଡ ବିଧାନ କରିବା ସକାଶେ ଆଜି ଡିଜି ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଜିଲ୍ଲାର ଏସ୍‌ପିମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆଜି ଅପରାହ୍ନରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ଅଗ୍ରାଧିକାର ଦେଇ ସେ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଡିଜି ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ପାର୍ବଣ ଋତୁରେ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜି ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥି ନିମନ୍ତେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରୁଥିବା ସାଇବର ସେଲଗୁଡ଼ିକୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଆହୁରି ସମ୍ବେଦନଶୀଳ ସ୍ଥାନରେ ପୁଲିସ ପାଟ୍ରୋଲିଂ, କଡାକଡି ଯାଞ୍ଚ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସିସିଟିଭି ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ପୂଜା କମିଟି ସହ ଆଲୋଚନା, ବିଭିନ୍ନ ଗୋଷ୍ଠୀ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ସୁସମ୍ପର୍କ ସ୍ଥାପନ, ଗୁଜବକାରୀଙ୍କୁ ଚିହ୍ନଟ, ପୂଜା ସ୍ଥାନରେ ବ୍ୟାପକ ପୁଲିସ ମୁତୟନ, ଭସାଣି ସମୟରେ ସତର୍କତାମୂଳକ ପଦକ୍ଷେପ ପ୍ରସଙ୍ଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଏସପି ଓ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ପାର୍ବଣ ଋତୁ ସମୟରେ ବେଆଇନ ଗୋ-ଚାଲାଣ ଓ ବେଆଇନ ବାଣ ବିକ୍ରି ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଡିଜି ନିର୍ଦ୍ଦେଶ ଦେଇଛନ୍ତି।

# ଷ୍ଟଣ୍ଟ ପାଇଁ କଟିଲା ୧୦ ହଜାର ଟଙ୍କାର ଚାଲାଣ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ରାଜଧାନୀ ରାଜରାସ୍ତାରେ ଷ୍ଟଣ୍ଟ ମାରିବା ମହଙ୍ଗା ପଡ଼ିଛି। ଗାଡ଼ି ମାଲିକ ସତ୍ୟଭାମା ସାହୁଙ୍କ ନାଁରେ ୧୦ ହଜାର ଟଙ୍କାର ଚାଲାଣ ପରିବହନ ବିଭାଗ ପକ୍ଷରୁ କଟାଯାଇଛି। ଆର୍‌ଟିଓ-୧ ପକ୍ଷରୁ ଏହି ଚାଲାଣ କରାଯାଇଛି। ପଳାଶୁଣୀ ଓଭରବ୍ରିଜ ଉପରେ ବେପରୁଆ ଭାବେ ଗାଡି ଚଳାଉଥିବା ଦୃଶ୍ୟର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରଲ ହୋଇଥିଲା। ୨ ଜଣ ଯୁବକ କାର୍ ବାହାରକୁ ମୁଣ୍ଡ କାଢ଼ି ପୋଜ ଦେଉଥିବା ସମୟରେ କାର୍‌ଟି ବେଶ୍ ଦ୍ରୁତ ଗତିରେ ଆଗକୁ ଦୌଡୁଥିଲା। ଏପରି ଏକ ଭିଡିଓ ଭାଇରାଲ୍ ହେବା ପରେ ଏହା ଆରଟିଓ-୧ କର୍ତ୍ତୃପକ୍ଷଙ୍କ ନଜରକୁ ଆସିବାରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମୋଟା ଅଙ୍କର ଚାଲାଣ କରାଯାଇଛି।

# ଓଭରଟେକ ବେଳେ ରାସ୍ତା ତଳକୁ ଖସିଲା ବସ୍

## ଅଳ୍ପକେ ବର୍ତ୍ତିଲେ ଶହେରୁ ଊର୍ଦ୍ଧ୍ୱ ଯାତ୍ରୀ

ଭଦ୍ରକ,୨୨।୮(ସଂଚାର ବ୍ୟୁରୋ): ଓଭରଟେକ ହେଲା କାଳ। ରାସ୍ତା ତଳକୁ ଖସିଲା ଯାତ୍ରୀବାହୀ ବସ୍। ଅଳ୍ପକେ ବର୍ତ୍ତିଲେ ଶହେରୁ ଊର୍ଦ୍ଧ୍ୱ ଯାତ୍ରୀ। ଉକ୍ତ ବସଟି ଔପଦାରୁ ଭୁବନେଶ୍ୱର ଯାଉଥିବା ସମୟରେ ସ୍ଥାନୀୟ ଆଗରପଡ଼ା-ବରପଦା ରାସ୍ତାର ଧୋବାଗଡ଼ିଆ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବସ୍‌ରେ ଥିବା ଶହେରୁ ଊର୍ଦ୍ଧ୍ୱ ଯାତ୍ରୀ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଖବର ପାଇ ଆଗରପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।



# ବଢୁଛି ବେକାରୀ, ଖାଲି ପଡିଛି ସରକାରୀ ଚାକିରି



ଭୁବନେଶ୍ୱର,୨୨।୮(ତଥ୍ୟ): ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଏକ ତୃତୀୟାଂଶରୁ ଅଧିକ ସରକାରୀ ପଦପଦବୀ ଖାଲି ପଡିଥିବାବେଳେ ନିଯୁକ୍ତି ପ୍ରକ୍ରିୟା ଯେଉଁଭଳି ଚାଲିଛି ତାହା ଅବ୍ୟାହତ ରହିଲେ ୨୦୩୦ ମସିହା ବେଳକୁ ଖାଲି ପଦବୀ ସଂଖ୍ୟା କମିବା ପରିବର୍ତ୍ତେ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି।

୨୦୨୪ ସେପ୍ଟେମ୍ବର ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅର୍ଥ ବିଭାଗର ତଥ୍ୟ ଆଧାରରେ ଯେଉଁ ପରିସଂଖ୍ୟାନ ପ୍ରଦାନ କରିଥିଲେ ସେଥିରୁ ଜଣାଯାଇଛି ଯେ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସଂଖ୍ୟା ୫,୯୬,୬୪୭ ଥିବାବେଳେ ସେଥିରୁ ୨,୦୫,୨୨୮ଟି ପଦବୀ ଖାଲି ପଡିଥିଲା। ସେହି ସମୟ ସୁଦ୍ଧା ଖାଲି ପଡିଥିବା ପଦବୀ ମଧ୍ୟରୁ 'ଏ' ବର୍ଗର ୧୯,୨୯୯ଟି ପଦବୀ ଥିବା ବେଳେ 'ବି' ବର୍ଗର ୪୪,୮୮୬, 'ସି' ବର୍ଗର ସର୍ବାଧିକ ୧,୦୪,୦୪୨ ଓ 'ଡି' ବର୍ଗର ୩୭,୦୦୧ଟି।

୨୦୨୪ର ପ୍ରଥମ ଭାଗରେ ରାଜ୍ୟରେ ସାଧାରଣ ନିର୍ବାଚନ ଦୃଷ୍ଟିରୁ ନୂତନ ନିଯୁକ୍ତି ଉପରେ କଟକଣା ରହିଥିବା ପରିପ୍ରେକ୍ଷୀରେ ୨୦୨୪ ଶେଷ ସୁଦ୍ଧା ଖାଲି ପଦବୀ ସଂଖ୍ୟା ଢେର ବଢ଼ିଥିଲା। ସରକାରୀ କର୍ମଚାରୀଙ୍କ ଅବସର, ଚାକିରିରେ ଥାଇ ମୃତ୍ୟୁ, ଇସ୍ତଫା, ଚାକିରିରୁ ବରଖାସ୍ତ ଆଦି ବିଭିନ୍ନ କାରଣରୁ ପ୍ରତି ମାସରେ କିଛି କିଛି ସରକାରୀ ପଦପଦବୀ ଖାଲି ହୋଇଥାଏ। କିନ୍ତୁ ଯେତେ ସଂଖ୍ୟକ ପଦବୀ ଖାଲି ହୁଏ ତାହା ତୁଳନାରେ ଗତ ୨୦ବର୍ଷ ଭିତରେ ନିଯୁକ୍ତି ସଂଖ୍ୟା ତୁଳନାତ୍ମକ ଭାବେ ଢେର କମ୍ ରହିଥାଏ।

୨୦୨୩ ଶେଷ ସୁଦ୍ଧା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୩,୪୮୫ଟି ପଦବୀ ଖାଲି ପଡିଥିବାବେଳେ ଗୃହ ବିଭାଗରେ ୧୯,୮୮୯; ରାଜସ୍ୱ ବିଭାଗରେ ୧୧,୮୮୦; ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୩୯,୧୨୭; ପଞ୍ଚାୟତିରାଜ ବିଭାଗରେ ୭୪୬୫; ଜଳ ସଂପଦ ବିଭାଗରେ ୭୫୬୭; କୃଷି ବିଭାଗରେ ୭୨୯୬; ମତ୍ସ୍ୟ ଓ ପଶୁ ସଂପଦ ବିଭାଗରେ ୬୦୭୨ଟି ପଦବୀ ଖାଲି ପଡ଼ିଥିଲା। ଅନ୍ୟ ବିଭାଗଗୁଡ଼ିକରେ ବି ବିଭିନ୍ନ ପାହ୍ୟାର ଢେର ସଂଖ୍ୟକ ପଦବୀ ଖାଲି ରହିଥିଲା।

ଚଳିତବର୍ଷ ଜୁନ୍ ମାସରେ ହୋଇଥିବା ନିଯୁକ୍ତି ମେଳାରେ ଦିଆଯାଇଥିବା ସୂଚନା ମୁତାବକ ଓଡ଼ିଶାରେ ବିଜେପି ସରକାର ଗଢ଼ାଯିବାର ପ୍ରଥମ ବର୍ଷରେ ୨୭,୪୨୮ଟି ପଦବୀ ପୂରଣ ହୋଇଥିବାବେଳେ ଦ୍ୱିତୀୟ ବର୍ଷରେ ଆଉ ପ୍ରାୟ ୩୮ ହଜାର ପଦବୀ ପୂରଣ ହେବାର ଅଛି। ଅର୍ଥାତ୍ ପ୍ରଥମ ଦୁଇବର୍ଷରେ ରାଜ୍ୟ ସରକାର ବିଭିନ୍ନ ଦପ୍ତରରେ ୬୫ ହଜାର ଖାଲି ପଦବୀ ପୂରଣ କରିବାକୁ ଯାଉଛନ୍ତି। ମୋଟାମୋଟି ଭାବେ ୫ବର୍ଷରେ ଅର୍ଥାତ୍ ୨୦୨୯ ଜୁନ୍ ସୁଦ୍ଧା ଓଡ଼ିଶା ସରକାର ଦେଢ଼ ଲକ୍ଷ ସରକାରୀ ଚାକିରିରେ ନିଯୁକ୍ତି ଦେବେ ବୋଲି କହୁଛନ୍ତି। ୫ ବର୍ଷ ଭିତରେ ଦେଢ଼ଲକ୍ଷରୁ ଅଧିକ ପଦପଦବୀ ଖାଲି ହେଉଥିବାବେଳେ ୨୦୩୦ ବେଳକୁ ମୋଟ ଖାଲି ପଦବୀ ସଂଖ୍ୟା ୨୦୨୪ ତୁଳନାରେ ଅଧିକ ହୋଇପାରେ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨୦୨୩ ଶେଷ ସୁଦ୍ଧା ୬୩ ହଜାରରୁ ଅଧିକ ପଦବୀ ଖାଲି ପଡିଥିବାବେଳେ ୩ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା ୪୦ ହଜାର ନୂଆ ଶିକ୍ଷକ ପଦବୀ ସୃଷ୍ଟି କରାଯିବ ବୋଲି କୁହାଯାଇଛି। ଶିକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଚଳିତ ଶିକ୍ଷାବର୍ଷ ଭିତରେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଖାଲି ପଡିଥିବା ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ କରିବା ଉପରେ ଶିକ୍ଷାବିତ୍‌ମାନେ ଗୁରୁତ୍ୱାରୋପ କରୁଛନ୍ତି। ଏହାଛଡ଼ା ବଢ଼ି ଚାଲିଥିବା ବେକାରୀ ସମସ୍ୟାର ସମାଧାନ ପାଇଁ ରାଜ୍ୟର ସମସ୍ତ ବିଭାଗରେ ଖାଲି ପଡିଥିବା ପଦପଦବୀ ସବୁ ୬ମାସ ଭିତରେ ପୂରଣ କରିବାକୁ ସରକାର ପଦକ୍ଷେପ ନେବା ସହିତ ପ୍ରତି ବର୍ଷ ଖାଲି ହେଉଥିବା ପଦବୀଗୁଡ଼ିକୁ ପୂରଣ କରାଯିବାର ଆବଶ୍ୟକତା ରହିଛି ବୋଲି ସେମାନେ କହୁଛନ୍ତି। (ତଥ୍ୟ)

জীবন অমৃত অনুচিন্তা

# ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶନିବାର ୨୩ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Saturday 23 August 2025, Bhubaneswar

# ଭୋଟର ତାଲିକାର ପୁନର୍ବିବେଚନା ଏକ ଜରୁରୀ ପଦକ୍ଷେପ

ଭାରତର ଲୋକତାନ୍ତ୍ରିକ ବ୍ୟବସ୍ଥାର ମୂଳଭିତ୍ତି ହେଉଛି ସ୍ୱଚ୍ଛ ଏବଂ ସଠିକ୍ ମତଦାନ ତାଲିକା। ପ୍ରତ୍ୟେକ ନିର୍ବାଚନରେ ମତଦାତାମାନଙ୍କର ଅଧିକାର ସୁରକ୍ଷିତ ରଖିବା ପାଇଁ ନିର୍ବାଚନ ଆୟୋଗ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥାଏ। ଏହାର ମଧ୍ୟରେ ବିଶେଷ ଗହନ ପୁନର୍ବିବେଚନା ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହି ପ୍ରକ୍ରିୟା ମାଧ୍ୟମରେ ମତଦାନ ତାଲିକାରେ ନୂତନ ମତଦାତାଙ୍କୁ ଯୋଡ଼ିବା, ମୃତ ବା ଅଯୋଗ୍ୟ ନାମଗୁଡ଼ିକୁ ହଟାଇବା ଏବଂ ଭୁଲ୍ ସଂଶୋଧନ କରିବା ହୁଏ। ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ଚାଲୁ ରହିଛି ଏବଂ ଏହାର ମହତ୍ତ୍ୱକୁ ବୁଝିବା ଆବଶ୍ୟକ। ପ୍ରଥମେ, ଏହି ପୁନର୍ବିବେଚନାର ଆବଶ୍ୟକତା କ'ଣ? ଓଡ଼ିଶାରେ ଲକ୍ଷାଧିକ ଯୁବକ ପ୍ରତିବର୍ଷ ୧୮ ବର୍ଷ ପୂରଣ କରନ୍ତି, କିନ୍ତୁ ଅନେକ କାରଣରୁ ସେମାନଙ୍କ ନାମ ତାଲିକାରେ ଯୋଡ଼ା ଯାଏ ନାହିଁ। ଏହାଛଡ଼ା ଜନସଂଖ୍ୟା ପରିବର୍ତ୍ତନ, ପ୍ରବାସ, ମୃତ୍ୟୁ ଆଦି କାରଣରୁ ତାଲିକାରେ ଅନେକ ଭୁଲ୍ ରହିଯାଏ। ଫଳରେ ନିର୍ବାଚନରେ ଅନୁପଯୁକ୍ତ ମତଦାନ ବା ମତଦାନରୁ ବଞ୍ଚିତ ହେବାର ସମ୍ଭାବନା ବଢ଼ିଯାଏ। ଭାରତୀୟ ନିର୍ବାଚନ ଆୟୋଗର ନିର୍ଦ୍ଦେଶ ଅନୁଯାୟୀ, ଏହି ବିଶେଷ ଗହନ ପୁନର୍ବିବେଚନା ପ୍ରତ୍ୟେକ ବର୍ଷ କରାଯାଏ, ଯାହା ମତଦାନ ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ସମାବେଶୀ କରିଥାଏ। ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଜାନୁଆରୀ ୧ ତାରିଖରୁ ଆରମ୍ଭ ହୋଇଥାଏ ଏବଂ ଅକ୍ଟୋବର ମାସରେ ଶେଷ ହୁଏ। ଏହି ପ୍ରକ୍ରିୟାର ପ୍ରଧାନ ଉପାୟଗୁଡ଼ିକ ହେଉଛି ଘରେ ଘରେ ଯାଚନା, ବିଶେଷ ଶିବିର ଏବଂ ଅନଲାଇନ୍ ଆବେଦନ। ବୁଥ୍ ଲେଭେଲ୍ ଅଫିସରମାନେ ଘରେ ଯାଇ ମତଦାତାଙ୍କ ବିବରଣୀ ଯାଞ୍ଚ କରନ୍ତି। ଏହାଦ୍ୱାରା ନୂତନ ମତଦାତାଙ୍କୁ ଫର୍ମ୍ ୬ ମାଧ୍ୟମରେ ଯୋଡ଼ାଯାଏ, ନାମ ହଟାଇବା ପାଇଁ ଫର୍ମ୍ ୭, ସଂଶୋଧନ ପାଇଁ ଫର୍ମ୍ ୮ ଏବଂ ପ୍ରବାସୀ ମତଦାତାଙ୍କ ପାଇଁ ଫର୍ମ୍ ୮ଏ ବ୍ୟବହାର କରାଯାଏ। ଏହାଛଡ଼ା ଭୋଟର୍ ହେଲ୍ପଲାଇନ୍ ଆପ୍ ଏବଂ ନ୍ୟାସନାଲ୍ ଭୋଟର୍ ସର୍ଭିସ୍ ପୋର୍ଟାଲ୍ ମାଧ୍ୟମରେ ଅନଲାଇନ୍ ସୁବିଧା ଉପଲବ୍ଧ। ଓଡ଼ିଶାରେ ଏହି କାର୍ଯ୍ୟକ୍ରମରେ ମହିଳା, ଯୁବକ ଏବଂ ଅନୁସୂଚିତ ଜାତି/ଜନଜାତିର ସମାବେଶକୁ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ ଏହି ପ୍ରକ୍ରିୟାରେ ଅନେକ ଚ୍ୟାଲେଞ୍ଜ୍ ରହିଛି। ପ୍ରଥମେ, ମତଦାତାଙ୍କର ଉଦାସୀନତା ଏକ ବଡ଼ ସମସ୍ୟା। ଅନେକେ ଘରେ ନଥିବା ବା ସହଯୋଗ ନକରିବା କାରଣରୁ ଯାଚନା ଅସମ୍ପୂର୍ଣ୍ଣ ରହେ। ଦ୍ୱିତୀୟତଃ, ରାଜନୈତିକ ହସ୍ତକ୍ଷେପ ଯୋଗୁଁ କେତେକ ଅଞ୍ଚଳରେ ଭୁଲ୍ ନାମ ଯୋଡ଼ାଯାଏ ବା ହଟାଯାଏ। ତୃତୀୟତଃ, ଗ୍ରାମାଞ୍ଚଳରେ ଡିଜିଟାଲ୍ ସାକ୍ଷରତାର ଅଭାବ ଅନଲାଇନ୍ ପ୍ରକ୍ରିୟାକୁ ବାଧା ଦେଇଥାଏ। ଏହାକୁ ଦୂର କରିବା ପାଇଁ ସରକାର ଏବଂ ନିର୍ବାଚନ ଆୟୋଗକୁ ଅଧିକ ସଚେତନତା କାର୍ଯ୍ୟକ୍ରମ ଚଳାଇବା ଆବଶ୍ୟକ। ସ୍କୁଲ୍, କଲେଜ୍ ଏବଂ ସମୁଦାୟ ସ୍ତରରେ କ୍ୟାମ୍ପେନ୍ କରି ଯୁବକମାନଙ୍କୁ ଉତ୍ସାହିତ କରାଯାଉ।



ଏହି ପୁନର୍ବିବେଚନାର ଲାଭ ଅନେକ। ଏକ ସଠିକ୍ ତାଲିକା ନିର୍ବାଚନରେ ଧାନ୍ଦଲି କମାଏ ଏବଂ ମତଦାନ ପ୍ରତିଶତକୁ ବଢ଼ାଏ। ଓଡ଼ିଶାରେ ଗତ ନିର୍ବାଚନରେ ମତଦାନ ହାର ୭୫%ରୁ ଅଧିକ ଥିଲା, କିନ୍ତୁ ଏହାକୁ ୯୦%କୁ ବଢ଼ାଇବା ସମ୍ଭବ। ଏହା ସରକାରୀ ଯୋଜନାଗୁଡ଼ିକର ଲାଭାର୍ଥୀ ଚୟନରେ ମଧ୍ୟ ସାହାଯ୍ୟ କରିଥାଏ, ଯେହେତୁ ଭୋଟର୍ ଆଇଡି ଅନେକ ସରକାରୀ ସେବାର ପ୍ରମାଣପତ୍ର ଭାବେ ବ୍ୟବହୃତ ହୁଏ। ଏହାଛଡ଼ା ଏହା ଲୋକତାନ୍ତ୍ରିକ ଅଧିକାରକୁ ସଶକ୍ତ କରି ସମାଜର ସମସ୍ତ ବର୍ଗକୁ ସମାନ ଅବସର ପ୍ରଦାନ କରିଥାଏ।

ଶେଷରେ, ଏହି ବିଶେଷ ଗହନ ପୁନର୍ବିବେଚନାରେ ସମସ୍ତ ଓଡ଼ିଆଙ୍କୁ ସକ୍ରିୟ ଭାଗିଦାରୀ କରିବାକୁ ଆହ୍ୱାନ। ଆପଣଙ୍କ ନାମ ଯାଞ୍ଚ କରନ୍ତୁ, ଭୁଲ୍ ଥିଲେ ସଂଶୋଧନ କରନ୍ତୁ ଏବଂ ନୂତନ ମତଦାତାଙ୍କୁ ଉତ୍ସାହିତ କରନ୍ତୁ। ସରକାର ଏବଂ ଆୟୋଗକୁ ଅଧିକ ସ୍ୱଚ୍ଛତା ଏବଂ ଦକ୍ଷତା ସହିତ କାର୍ଯ୍ୟ କରିବାକୁ ପଡ଼ିବ। କେବଳ ଏହାଦ୍ୱାରା ହିଁ ଆମର ଲୋକତନ୍ତ୍ର ଆହୁରି ମଜବୁତ୍ ହେବ ଏବଂ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ।

# ବସୁଧୈବ କୁଟୁମ୍ବକମ୍ ସ୍ୱାବଲମ୍ବନ-ସ୍ୱାଭିମାନର ଜୟଗାନ



**ବିକ୍ରମ କେଶରୀ ବିଶ୍ୱାଳ**

ଆମ ଭାରତ ଆଜି ସାର୍ବଭୌମତ୍ୱ ଓ ସ୍ୱାଭିମାନ କ୍ଷେତ୍ରରେ ବିଶ୍ୱଗୁରୁର ମର୍ଯ୍ୟାଦା ପାଇଛି। ନିକଟରେ ଆମେ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଛେ ସ୍ୱାଧୀନତାର ଅମୃତ କାଳ ଯାତ୍ରାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁ ଆହ୍ୱାନକୁ ପ୍ରତିହିତ କରିବାର ଦର୍ପ ଓ ଦମ୍ଭ ସହ ଆମେ ଆଜି ସ୍ୱାଧୀନ ସାର୍ବଭୌମ, ବୀରତ୍ୱ-ବଳୀଦାନ, ପ୍ରଗତି-ପ୍ରେରଣାର ପ୍ରତୀକ ତ୍ରିରଙ୍ଗା ତଳେ ସଗର୍ବେ ଏକାଠି ହୋଇ ସ୍ୱାଧୀନତା-ସ୍ୱାବଲମ୍ବନ-ସ୍ୱାଭିମାନର ଜୟଗାନ କରୁଛୁ। ଭାରତ ଆଜି ୧୯୬୦ କାଳଖଣ୍ଡରେ ସୀମାବଦ୍ଧ ହୋଇନାହିଁ। ସମଗ୍ର ବିଶ୍ୱରେ ତୃତୀୟ ମହାଶକ୍ତି ରୂପେ ବିଶ୍ୱ ଅତିକ୍ରମଣ କରିବାର କ୍ଷମତା ଏକ ମୁକ୍ତ ବିହଙ୍ଗ ରୂପେ ରଖିପାରିଛି। ନିକଟରେ ଆମେରିକାର ତଥାକଥିତ ଟାରିଫ ଚଢ଼କ କିଛି ବର୍ଗରେ ଭୟ ସୃଷ୍ଟି କରିଥିବାବେଳେ ଭାରତ ଆଜି ଏକ ବିକଶିତ ରାଷ୍ଟ୍ରର ମର୍ଯ୍ୟାଦା ପାଇଛି। ତେଣୁ ଭାରତ କୌଣସି ପ୍ରକାର ବ୍ଲାକମେଲିଂ ବା ଧମକକୁ ଖାତିର କରୁନାହିଁ। ଭାରତର ସ୍ୱାଧୀନତା ଦିବସ ଅବସରରେ ସ୍ୱଦେଶୀ ସାମଗ୍ରୀକୁ ଆଦରି ପରାଧୀନ ସାମଗ୍ରିର ବର୍ଜନ ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଆହ୍ୱାନ ଦେଇଛନ୍ତି ତାହା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ।

୧୯୫୦ ଦଶକରେ ଗୋଷ୍ଠୀ ନିରପେକ୍ଷ ଭୂମିକା ତୁଲାଇଥିବା ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେଉଛି, ଜି-୨୦ର ଅଧ୍ୟକ୍ଷତା କରିଛି ଏବଂ ଆଗାମୀ ଦିନରେ ଅଲିମ୍ପିକ ଓ ଜଳବାୟୁ ଶିଖର ସମ୍ମିଳନୀ ଆୟୋଜନ ଲାଗି ରୂପରେଖ ପ୍ରସ୍ତୁତ କରୁଛି। ସ୍ୱାଧୀନ ସ୍ୱୟଂକ୍ରିୟ ନୀତି ନିର୍ଦ୍ଧାରକ ଭାରତ ଆଉ ଏବେ କାହା ଅନୁମତି ଭିକ୍ଷା କରିବା ସ୍ଥିତିରେ ନାହିଁ। ବିଶ୍ୱର ପରିବର୍ତ୍ତିତ ବହୁଧ୍ରୁବୀୟ ଭୂରାଜନୈତିକ ସମୀକରଣରେ ଭାରତର ଅଭ୍ୟୁଦୟ ଅନ୍ୟ ମାନଙ୍କ ପାଇଁ ଈର୍ଷଣୀୟ ହୋଇଛି ଅଥଚ ଭାରତର ସାର୍ବଭୌମତା, ଅଖଣ୍ଡତା ଓ ଏକତା ତା'ର ଶକ୍ତିରେ ରୂପାନ୍ତରିତ ହୋଇଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, ଯାହାର ସିଂହଭାଗ ଯୁବଶକ୍ତି। ଏହି ଜନସଂଖ୍ୟକ ବିସ୍ଫୋରଣ ବିଶ୍ୱ ବୈଷୟିକ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଆମେରିକାର ବୃହତ ଆଇଟି ହବ୍ ସିଲିକନ ଭ୍ୟାଲି ଭାରତୀୟ ମେଧା ଭରସାରେ ଚାଲିଛି। ମାଇକ୍ରୋସଫ୍ଟ, ଗୁଗୁଲ, ଆଡୋବର ମୁଖ୍ୟ ଭାରତୀୟ ବଂଶୋଦ୍ଭବ। ଭାରତରେ ସ୍ମାର୍ଟଫୋନ ଓ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ଯଥାକ୍ରମେ ୧୦୦ କୋଟି ଓ ୯୦ କୋଟି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅନଲାଇନ ଆର୍ଥିକ ଦେଣନେଣ ମାଧ୍ୟମ ୟୁପିଆଇ ଆମେରିକାର ଭିଜା ଓ ମାଷ୍ଟର କାର୍ଡ଼କୁ ଟକ୍କର ଦେଉଛି। ଏହି ସଫଳତା ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘକାଳୀନ ନିରନ୍ତର ଯୋଜନାବଦ୍ଧ ପ୍ରୟାସର ପ୍ରତିଫଳନ। ଭାରତ ବର୍ତ୍ତମାନ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ କମ୍ପ୍ୟୁଟିଂ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ସବୁଜ ଶକ୍ତି ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ବିଶ୍ୱର ନିଜକୁ ପ୍ରତିଯୋଗୀକ୍ଷମ ହୋଇପାରିଛି। ମେକ ଇନ ଇଣ୍ଡିଆ କେବଳ ଏକ ସ୍ଲୋଗାନ ହୋଇ ରହିନାହିଁ, ଗୁଗୁଲ, ଆପଲ, ଟେସଲା ଭଳି କମ୍ପାନୀଙ୍କୁ ଭାରତରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିଛି। ନିର୍ମାଣ ଓ ଯୋଗାଣରେ ଭାରତ ଏବେ ଚୀନର ବିକଳ୍ପ ଭାବେ ଉଭା ହୋଇଛି। ଏହା ନିଶ୍ଚିତ ଭାବେ ତ୍ରିରଙ୍ଗା ତଳେ ସ୍ୱାବଲମ୍ବନ ଓ ସ୍ୱାଭିମାନର ଜୟଗାନ କରିବାର ମହାର୍ଘ ମୁହୂର୍ତ୍ତ।

ସବୁଠାରୁ ବଡ଼ କଥା ହେଉଛି ସାମ୍ପ୍ରତିକ ଭୂ-ରାଜନୈତିକ ସମୀକରଣରେ ଉତ୍ତର-ଦକ୍ଷିଣ ବିଶ୍ୱ ଖେଳରେ ଭାରତ ଆଉ ଏକ ମୋହରା ହୋଇନାହିଁ କି କାହାର ଧମକ କିମ୍ବା ଚାପରେ ନିଷ୍ପତ୍ତି ନେଉନାହିଁ। ଭାରତ ବଶମ୍ବଦ ହେବା ପରିବର୍ତ୍ତେ ପ୍ରତିସ୍ପର୍ଦ୍ଧାର ଆସ୍ପର୍ଦ୍ଧା ରଖୁଛି ଏବଂ ନିଜକୁ ବିଶ୍ୱର ମହାଶକ୍ତି ରୂପେ ଉପସ୍ଥାପିତ କରିପାରିଛି। ଭାରତର ବିଶାଳ ଉପଭୋକ୍ତା ବଜାର ଏହାର ଶକ୍ତି, ଯାହା ଆମେରିକୀୟ ଶିଳ୍ପପତି ଏପରିକି ରାଷ୍ଟ୍ରପତିଙ୍କୁ ମଧ୍ୟ ଟାଣି ଆଣିପାରୁଛି। ଭାରତୀୟ ମୁଦ୍ରା ଟଙ୍କାର ବିଶ୍ୱାୟନ ଆରମ୍ଭ ହୋଇସାରିଛି, ଯାହା ଡଲାର ଆଧିପତ୍ୟକୁ ସଂକୁଚିତ କରିବାର ଅପାର ସମ୍ଭାବନା ସୃଷ୍ଟି ହୋଇ ଆମେରିକାକୁ ଭୟଭୀତ କରିଛି। ଭାରତର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥା, ଭାରତର ଅଖଣ୍ଡ ସାର୍ବଭୌମତ୍ୱ ହେଉଛି ଏହାର ଏକତାର ଶକ୍ତି। ପ୍ରତିଟି ଭାରତୀୟ ଆଜି ବିବିଧ ସଂସ୍କୃତି, ବହୁବାଦ, ବହୁମତ, ବହୁପନ୍ଥ ବ୍ୟତିରକେ ନିଜକୁ ଗର୍ବିତ ଓ ଗୌରବାନ୍ୱିତ ମନେ କରନ୍ତି। ଭାରତ ସନାତନ ସଂସ୍କୃତିର ସେହି ମହାନ ବାଣୀ 'ବସୁଧୈବକ କୁଟୁମ୍ବକମ୍'ର ଉଦଘୋଷକ। ତେଣୁ ଭାରତ ଆଜି ସ୍ୱାବଲମ୍ବନର ସନ୍ଦେଶକୁ ଗ୍ରହଣ କରି ଯୁଦ୍ଧ ପ୍ରପୀଡ଼ିତ ବିଶ୍ୱରେ ଭ୍ରାତୃତ୍ୱର ବାର୍ତ୍ତାବହ ଚେତନାର ପ୍ରତୀକ। ଆମ ଅଖଣ୍ଡତା, ଗର୍ବ, ଗୌରବ ଓ ବିଶାଳ ତଥା ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ଚେତନା ପ୍ରଗତିର ପ୍ରତୀକ ତ୍ରିରଙ୍ଗା ତଳେ ଆମେ ସମସ୍ତେ ଏକତାର ମହାମନ୍ତ୍ରରେ ଦୀକ୍ଷିତ ହୋଇ ସ୍ୱାବଲମ୍ବନର ଚେତନାକୁ ବ୍ୟକ୍ତିନିଷ୍ଠ ଜୀବନରେ ଗ୍ରହଣ କରିବା ସହ ଭାରତୀୟତାର ଜୟଗାନ କରିବା ହିଁ ଆମ ପାଇଁ ଶ୍ରେଷ୍ଠ ଓ ଗୌରବମୟ ଆନନ୍ଦର ଅବକାଶ କହିଲେ ଅତ୍ୟୁକ୍ତି ହେବନାହିଁ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ: ୯୯୩୮୫୩୬୦୭୬



# ଯଦି ଏଇ ବିଲ୍ ଆଗରୁ ଆଇନରେ ପରିଣତ ହୋଇଥାନ୍ତା ?



**ସୁବାସ ଷଡଙ୍ଗୀ**

ମୌସୁମୀ ଅଧିବେଶନ ଶେଷ ହେବାର ଗୋଟିଏ ଦିନ ପୂର୍ବରୁ ତିନୋଟି ନୂତନ ବିଲ ଲୋକସଭାରେ ଆଗତ କରିଛନ୍ତି ମୋଦି ସରକାର। ଯେଉଁଥିରେ କୁହାଯାଇଛି, ଯଦି ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ବା ଅନ୍ୟ କୌଣସି ମନ୍ତ୍ରୀ କୁରୁତର ଅଭିଯୋଗରେ ତିରିଶ ଦିନ ଜେଲରେ ରୁହନ୍ତି ଏବଂ ତାଙ୍କ ଅପରାଧରେ ପାଞ୍ଚବର୍ଷ ଜେଲର ପ୍ରାବଧାନ ଥାଏ, ତାହାହେଲେ ଏକତିରିଶଦିନ ତାଙ୍କୁ ନିଜ ପଦରୁ ଅପସାରଣ କରାଯିବ। ଏହା ପୂର୍ବରୁ କେବଳ ଅଭିଯୁକ୍ତ ଆଧାରରେ କାହାକୁ ପଦବରୁ ହଟାଇବାର ବ୍ୟବସ୍ଥା ନଥିଲା। ଏଇ ବିଲଟିକୁ ବିରୋଧୀ ଦଳର ସବୁ ସଦସ୍ୟ ବିରୋଧ କରିଛନ୍ତି। ଏମଆଇଏମ ନେତା ଅବେସି କହିଛନ୍ତି, ଏ ସରକାର ନାଜି ସରକାର ଭଳି ବ୍ୟବହାର କରୁଛନ୍ତି। ବିଜେପି ନେତାମାନଙ୍କର ଯୁକ୍ତି ହେଉଛି, ଦୋଷ ପ୍ରମାଣିତ ନହେବା ପର୍ଯ୍ୟନ୍ତ କ୍ଷମତାରେ ରହିଲେ ପଦବୀ ବ୍ୟବହାର କରି ଖସିଯିବାର ବାଟ ବାହାର କରୁଛନ୍ତି ନେତାମାନେ। ଦିଲ୍ଲିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏହାର ସଦ୍ୟତମ ଉଦାହରଣ। ତାମିଲନାଡୁର ମନ୍ତ୍ରୀ ଭି.ଏସ. ବାଲାଜି ମଧ୍ୟ। ଏଣୁ ରାଜନୀତିର ଶୁଦ୍ଧିକରଣ ଦରକାର। ସେଥିପାଇଁ ଏପରି ଏକ ବିଲ ଅଣାଯାଇଛି। ତେବେ ଅନେକଙ୍କର ମତ ହେଉଛି ଏଇ ସମ୍ବିଧାନ ସଂଶୋଧନ ବିଲକୁ ଚାଲେଂଜ କରାଯାଇପାରିବ। କାରଣ ଏହା ସମ୍ବିଧାନର ମୂଳ ବ୍ୟବସ୍ଥାର ବିରୋଧୀ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମତ ହେଉଛି, ସରକାର ଦେଶକୁ ମଧ୍ୟଯୁଗକୁ ନେଇଯାଉଛନ୍ତି। ଏଭଳି ଏକ ବିଲ ମାଧ୍ୟମରେ ଇଡି ଓ ସିବିଆଇ ଭଳି ତଦନ୍ତକାରୀ ସଂସ୍ଥାଗୁଡିକର ଅପବ୍ୟବହାର କରି ବିରୋଧୀ ମାନଙ୍କୁ ହଇରାଣ କରାଯାଇପାରିବ। ଯେଉଁ ରାଜ୍ୟରେ ବିଜେପି ଛଡା ଅନ୍ୟ ଦଳର ସରକାର ଅଛି, ସେମାନଙ୍କୁ କ୍ଷମତାରୁ ହଟାଇବାର ଏହା ହେଉଛି ଏକ ଅମୋଘ ଅସ୍ତ୍ର। ତେବେ ମନରେ ପ୍ରଶ୍ନ ଉଠେ, ଏଇ ବିଲ ଯଦି ବହୁ ପୂର୍ବରୁ ଆଇନରେ ପରିଣତ ହୋଇଥାନ୍ତା, ତେବେ କେଉଁ କେଉଁ ନେତା ଏଇ ଆଇନର ଚକ୍ରବ୍ୟୁହରେ ଫଶି ଯାଇଥାନ୍ତେ? ଦିଲ୍ଲିର ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ଠାରୁ ଆରମ୍ଭ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ପର୍ଯ୍ୟନ୍ତ କଥା ମନକୁ ଆସେ।

୨୦୨୪ ମସିହା ମାର୍ଚ୍ଚ ୨୧ ତାରିଖରେ ଦିଲିର ଅବକାରି ମାମଲାର ତଦନ୍ତ କରି ଇଡି କେଜ୍ରିୱାଲଙ୍କୁ ଗିରଫ କଲା। କିନ୍ତୁ ଗିରଫ ହୋଇ ଜେଲ ଯିବା ପରେ ମଧ୍ୟ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ। କେଜ୍ରିୱାଲ ହେଉଛନ୍ତି, ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ଜେଲ ଭିତରେ ରହିଥିଲେ ମଧ୍ୟ ନିଜ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇନଥିଲେ। ଗିରଫ ହୋଇ ଜେଲରେ ରହି ମଧ୍ୟ ସେ ମୁଖ୍ୟମନ୍ତ୍ରୀ ଦାଇତ୍ୱ ତୁଲାଉଥିଲେ। ସେପ୍ଟେମ୍ବର ମାସରେ ସୁପ୍ରିମ କୋର୍ଟରୁ ଜାମିନ ପାଇବା ପରେ ସେ ଇସ୍ତଫା ଦେବା କଥା ଘୋଷଣା କଲେ। ପୁନଶ୍ଚ ଭୋଟରେ ନ ଜିତିବା ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ପଦକୁ ଫେରିବେ ନାହିଁ ବୋଲି ଘୋଷଣା କଲେ। ଏହାପରେ ଅତିଶ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୨୫ ମସିହା ଫେବୃୟାରୀ ମାସରେ ନୂତନ ମୁଖ୍ୟମନ୍ତ୍ରୀ ହେଲେ ବିଜେପି ଦଳର ରେଖା ଗୁପ୍ତା। କାରଣ ନିର୍ବାଚନରେ ଆପ ଦଳର ପରାଜୟ ହେଲା।



ଆପର ଆଉ ଜଣେ ନେତା ହେଲେ, ସତେନ୍ଦ୍ର ଜୈନ। ଆର୍ଥିକ ଦୁରୁପଯୋଗ ଅଭିଯୋଗରେ ଇଡି ଆପ ନେତା ତଥା ମନ୍ତ୍ରୀ ସତେନ୍ଦ୍ର ଜୈନଙ୍କୁ ଗିରଫ କରିଥିଲା। ସେତେବେଳେ ସେ ଦିଲ୍ଲିର ସ୍ୱାସ୍ଥ୍ୟ ମନ୍ତ୍ରୀ ଥିଲେ। ଗିରଫ ହେବାର ନଅ ମାସପରେ ସେ ନିଜ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

ଏହା ପରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ କଥା। ଜୟଲଳିତା ତାମିଲନାଡୁର ଛଅଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୪ ମସିହାରେ ଆୟବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ବାଙ୍ଗାଲୋରର ଏକ ଅଦାଲତରେ ସେ ଦଣ୍ଡି ହୋଇଥିଲେ। ଏହାପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଜେଲ ଯାଇଥିଲେ।ଅବଶ୍ୟ କର୍ଣ୍ଣାଟକ ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିବା ପରେ ସେ ଜେଲରୁ ଖଲାସ ହେଲେ ୨୦୧୫ ମସିହାରେ। ସେ ପୁଣିଥରେ ମୁଖ୍ୟମନ୍ତ୍ରୀ ହେଲେ। କିନ୍ତୁ ସୁପ୍ରିକୋର୍ଟର ରାୟ ଆସିବା ପୂର୍ବରୁ ୨୦୧୬ ମସିହା ଡିସେମ୍ବର ପାଞ୍ଚ ତାରିଖରେ ମୃତ୍ୟୁବରଣ କଲେ।

ପଶ୍ଚିମବଙ୍ଗର ଜଣେ ମନ୍ତ୍ରୀ ହେଲେ ଜ୍ୟୋତିପ୍ରିୟ ମଲ୍ଲିକ। ତାଙ୍କୁ ୨୦୨୩ ମସିହା ଅକ୍ଟୋବର ୨୭ ତାରିଖରେ ଏକ ରେଶନ ଦୁର୍ନତିରେ ଗିରଫ କରିଥିଲା ଇଡି। ୨୦୨୧ ମସିହ ପୂର୍ବରୁ ସେ ରାଜ୍ୟର ଖାଦ୍ୟମନ୍ତ୍ରୀ ଥିଲେ। ଚୁଦ ମାସ ପରେ ସେ ଜେଲରୁ ମୁକୁଳିଥିଲେ।

୨୦୨୩ ମସିହା ଫେବୃୟାରୀ ୨୬ ତାରିଖରେ ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲିର ଉପମୁଖ୍ୟମନ୍ତ୍ରୀ ମନିଶ ସିସୋଦିଆଙ୍କୁ ସିବିଆଇ ଗିରଫ କରିଥିଲା। ସେ ଫେବୃୟାର ୨୮ ତାରିଖରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ପଶୁ ଖାଦ୍ୟ ଦୁର୍ନୀତି ମାମଲାରେ ବିହାରର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଚାର୍ଜସିଟ କରିଥିଲା ସିବିଆଇ। ଅଦାଲତରେ ଆତ୍ମସମର୍ପଣ କରିଥିଲେ ଲାଲୁ। ଜେଲ ଯିବା ପୂର୍ବରୁ ନିଜ ପତ୍ନୀଙ୍କ ସେ ବିହାରର ମୁଖ୍ୟମନ୍ତ୍ରୀ କରିଥିଲେ।

୨୦୦୬ ମସିହାରେ ଏକ ବାରବର୍ଷ ତଳର ଅପହରଣ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ଶିବୁ ସୋରେନ। ସେତେବେଳେ ସେ ମନମୋହନ ସିଂ ସରକାରରେ କୋଇଲା ମନ୍ତ୍ରୀ ଥାନ୍ତି। ତାଙ୍କ ଜେଲ ଦଣ୍ଡାଦେଶ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଶିବୁ ସୋରେନ। ଓଡ଼ିଶାରେ ସେଭଳି କୌଣସି ଘଟଣା ଘଟି ନାହିଁ। ଦୁର୍ନୀତିର ଅଭିଯୋଗ ଆସିଲେ ନେତାମାନେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। କେତେକ ନେତାଙ୍କୁ ଦୁନୀତି କରିଥିବାର ଆଶଙ୍କା କରି ମନ୍ତ୍ରୀମଣ୍ଡଳରୁ ମୁଖ୍ୟମନ୍ତ୍ରୀ ବହିଷ୍କାର କରିଛନ୍ତି। ଦେଶରେ ଦୁର୍ନୀତି ନହେବାର ଯେଉଁ ବାଟ କରାଯାଇ ବିଲ ଅଣାଯାଉଛି, ତାହା କେତେଦୂର କାର୍ଯ୍ୟକାରି ହୋଇପାରିବ ତାହା ସମୟ କହିବ। ତେବେ ବିରୋଧୀ ଯେଉଁ ଅଭିଯୋଗ କରୁଛନ୍ତି, ଯଦି ସରକାର ବଦଳି ଯାଏ, ତେବେ ଏହା ସେଇମାନଙ୍କ ପାଇଁ ମଧ୍ୟ ଲାଗୁ ହେବ। ଏଣୁ କେହି କହିପାରିବେ ନାହିଁ, କାହା ବିରୋଧରେ ଲାଗୁ କରିବା ପାଇଁ ଏପରି ବିଲ ଅଣାଯାଇଛି।

**ମୋବାଇଲ୍: ୯୪୩୯୬୫୨୩୨୨**

# ଓଡ଼ିଶାରୁ ସେମିକଣ୍ଡକ୍ଟର ସତ୍ୟାଗ୍ରହ

**ରାଜେଶ କୁମାର ତ୍ରିପାଠୀ**

ଭାରତର ସ୍ୱାଧୀନତା ସଂଗ୍ରାମ ଅନ୍ୟତମ ପ୍ରମୁଖ ଘଟଣା "ଲବଣ ସତ୍ୟାଗ୍ରହ " ଯାହାକି ଗୁଜରାଟ ରାଜ୍ୟର ସମୁଦ୍ର ତଟବର୍ତ୍ତୀ ଗ୍ରାମ ଦାଣ୍ଡୀକୁ ପଦଯାତ୍ରା ସହ ଆରମ୍ଭ ହେଇଥିଲା। ଏହା ପରାଧୀନ ଭାରତରେ ବ୍ରିଟିଶ୍ ସରକାରଙ୍କ ଲବଣ ବ୍ୟବସାୟରେ ଏକଚାଟିଆ ଆଧିପତ୍ୟ ଓ ଲବଣ ଉପରେ ଅତ୍ୟଧିକ ଟିକସ ବିପକ୍ଷରେ ଏକ ଶକ୍ତିଶାଳୀ ଆନ୍ଦୋଳନ ଥିଲା।

ମୋହନଦାସ କରମଚାନ୍ଦ ଗାନ୍ଧୀ (ମହାତ୍ମା ଗାନ୍ଧୀ) ଏହି ଆନ୍ଦୋଳନର ଆରମ୍ଭ କରି ପ୍ରାୟ ୨୪୧ ମାଇଲ୍ (୩୯୦ କି.ମି.) ଦୂରରେ ଅବସ୍ଥିତ ଦାଣ୍ଡୀକୁ ଯାତ୍ରା ଆରମ୍ଭ କରିଥିଲେ। ୨୪ ଦିନ ଧରି ଚାଲିଥିବା ଏହି ପଦଯାତ୍ରାରେ କ୍ରମେ ସହସ୍ରାଧିକ ଦେଶବାସୀ ଗାନ୍ଧିଜୀଙ୍କ ସହ ଯୋଗ ଦେଇଥିଲେ।

ଏହି ସତ୍ୟାଗ୍ରହ ସମଗ୍ର ଓଡ଼ିଶା ସମେତ ଭାରତବର୍ଷରେ ଲୋକମାନଙ୍କ ମଧ୍ୟରେ ଗଭୀର ଉତ୍ସାହ ଭରି ଦେଇଥିଲା ଓ ଦେଶର ଅନେକ ସ୍ଥାନରେ ବ୍ରିଟିଶ୍ ସରକରଙ୍କ ଲବଣ ଆଇନ ଭଙ୍ଗ କରାଯାଇଥିଲା। ଓଡ଼ିଶାର ପ୍ରଥମ ସତ୍ୟାଗ୍ରହୀଦଳ ଲବଣ ଆଇନ ଅମାନ୍ୟ ଉଦ୍ଦଶ୍ୟରେ ଗୋପବନ୍ଧୁ ଚଉଧୁରୀଙ୍କ ନେତୃତ୍ୱରେ କଟକରୁ ବାହାରି ବାଲେଶ୍ୱରର ଇଞ୍ଚୁଡ଼ି ଅଭିମୁଖେ ଯାତ୍ରା କଲେ। ଏଥିରେ ଯୋଗ ଦେଇଥିଲେ ୨୧ ଜଣ ସତ୍ୟାଗ୍ରହୀ। ଏହି ସତ୍ୟାଗ୍ରହୀମାନେ ପାଦରେ ଚାଲିଚାଲି ଇଞ୍ଚୁଡ଼ି ଅଭିମୁଖେ ଯାତ୍ରା କରୁଥିବା ବେଳେ ବାଟରେ ଚାନ୍ଦୋଳଠାରେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରାଗଲା। ଚାନ୍ଦୋଳଠାରୁ ଏହି ଦଳର ନେତୃତ୍ୱ ନେଲେ ଆଚାର୍ଯ୍ୟ ହରିହର। ସ୍ୱାଧୀନତା ପାଇଁ ସେହି ଲୁଣମରା ଆନ୍ଦୋଳନରେ ଓଡ଼ିଶାର ହଜାର ହଜାର ସତ୍ୟାଗ୍ରହୀଙ୍କ ଯୋଗଦାନକୁ ଇତିହାସର ପୃଷ୍ଠା ଜୀବନ୍ତ କାବ୍ୟ ରୂପେ ପ୍ରତିପାଦିତ କରୁଛି।ଆଜି ଆମେ ଯେତେବେଳେ ୭୯ ତମ ସ୍ୱାଧୀନତା ଦିବସ ପାଳୁଛନ୍ତି ଏବଂ ଆଉ କିଛି ବର୍ଷ ପରେ ସ୍ୱାଧୀନତାର ଶହେ ବର୍ଷ ପାଳିବା ସେତେବେଳେ ଜ୍ଞାନ , କୌଶଳ , ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱ ଅଧିନରୁ ଆମ ଦେଶ କେମିତି ଅଧିକ ମୁକ୍ତ ହୋଇ ପାରିଥିବ ସେ ଦିଗରେ ଆତ୍ମନିର୍ଭର ଭାରତ ଅଭିଯାନ ଏକ ବଳିଷ୍ଠ ପରିକଳ୍ପନା।

ଏହି ପର୍ଯ୍ୟାୟରେ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଓଡ଼ିଶାର ଦୁଇଟି ସେମିକଣ୍ଡକ୍ଟର ଫ୍ୟାବ୍ ପ୍ରକଳ୍ପ ସହିତ ଦେଶରେ ଚାରୋଟି ନୂତନ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ନିଷ୍ପତ୍ତିକୁ , ଭାରତର ପ୍ରଯୁକ୍ତିବିଦ୍ୟା ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖା ଯିବା ଉଚିତ ମନେହୁଏ। ଆଧୁନିକ ଜଗତୀକରଣ ଯୁଗରେ ନିଜକୁ ବିଶ୍ୱ ଗୁରୁ ଭାବେ ପ୍ରତିପାଦିତ କରିବାକୁ ପ୍ରୟାସ କରୁଥିବା ଭାରତ କିନ୍ତୁ ପ୍ରଯୁକ୍ତି ଏବଂ ବୈଷିକ ପୃଷ୍ଠ ଭୂମିରେ ସ୍ୱତନ୍ତ୍ର ହୋଇ ପାରି ନାହିଁ। ବୈଜ୍ଞାନିକ ଉଦ୍ଭାବନ, ମହାକାଶ ବିଜ୍ଞାନ ଏବଂ ସୁରକ୍ଷା ଯୁଦ୍ଧ ଉପକରଣ ଆଦି ପାଇଁ ଯେଉଁ ସେମିକଣ୍ଡକ୍ଟର ଚିପ ଦରକାର ତାହା ପାଇଁ ପ୍ରାୟ ଆମେ ଅନ୍ୟ ଦେଶ ଉପରେ ନିର୍ଭରଶୀଳ।ଭାରତ ଏବେ ପ୍ରତିବର୍ଷ $10 ବିଲିଅନ୍‌ରୁ ଅଧିକ ଚିପ୍ ଆମଦାନୀ କରୁଛି। ବିଦେଶ ଶକ୍ତି ଉପରେ ନିର୍ଭରତା ହେଉଛି ଅର୍ଥନୈତିକ ଓ ରାଷ୍ଟ୍ରୀୟ ସୁରକ୍ଷା ଦୁହିଁଟି ପାଇଁ ଅସୁବିଧାଜନକ। ତେଣୁ ସେମିକଣ୍ଡକ୍ଟର ଫ୍ୟାବ୍ ପ୍ରତିଷ୍ଠା ଦେଶର ଆତ୍ମନିର୍ଭରତା ଲକ୍ଷ୍ୟର ମୁଖ୍ୟ ଅଂଶ।



ସେମିକଣ୍ଡକ୍ଟର ଚିପ୍-ଯାହା ସ୍ମାର୍ଟଫୋନ୍, କମ୍ପ୍ୟୁଟର, ଇଭି ଯାନ, ଡାକ୍ତରୀ ଯନ୍ତ୍ର, ଡିଫେନ୍ସ ଉପକରଣ, ଏବଂ ଆଇଓଟି ଗ୍ୟାଜେଟ୍‌ରେ ଅତ୍ୟାବଶ୍ୟକ ଅଂଶ। ଆବଶ୍ୟକତାର ଗୁରୁତ୍ୱ ଦେଖି, ଭାରତ ଚିପ୍ ଉତ୍ପାଦନରେ ଆତ୍ମନିର୍ଭର ହେବାକୁ ପଦକ୍ଷେପ ନେଉଛି, ଯାହା ଦେଶ ପାଇଁ ସମ୍ଭାବନା ଭରା ନିଷ୍ପତ୍ତି ।

**ଓଡ଼ିଶାରେ ସେମିକଣ୍ଡକ୍ଟ ଉଦ୍ୟୋଗ- ଆମ ପାଇଁ ଗର୍ବ ଓ ସମ୍ଭାବନା:** ଏହି ପ୍ରକଳ୍ପ ଓଡ଼ିଶା ପାଇଁ ଗର୍ବ ଓ ସମ୍ଭାବନା ଦୁହିଁ ଅତୁଟ ଭାବେ ନେଇ ଆସିଛି। ଦେଶର ପୂର୍ବ ଅଞ୍ଚଳରେ ଏପରି ଉଚ୍ଚ ପ୍ରଯୁକ୍ତି ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠିତ ହେବା ଆମକୁ ବିକାଶମୁଖୀ କରିବ ଏହା ନିଶ୍ଚିତ - ତାହା ସହ ଓଡ଼ିଶା, ଯାହା ଏକ ସମୟରେ ଦେଶର ସ୍ୱାଧୀନତା ପାଇଁ ହୋଇଥିବା ଲବଣ ସତ୍ୟାଗ୍ରହର ବଳିଷ୍ଠ ସାକ୍ଷୀ ବନି ଥିଲା , ଏବେ ଦେଶ ପ୍ରଯୁକ୍ତି ଏବଂ ବୈଷୟିକ ଜ୍ଞାନ ସ୍ୱାଧୀନତା ପାଇଁ ସେମିକଣ୍ଡକ୍ଟର ଆତ୍ମନିର୍ଭରଶିଳତା ଦିଗରେ ଯେଉଁ ପ୍ରୟାସ ରଖୁଛି ତାହାର ମଧ୍ୟ ବତୀ ଘର ବନିବ।

ଏହି କାରଖାନା ମାଧ୍ୟମରେ:ନୂତନ ଉଦ୍ୟୋଗ ଓ ନିଯୁକ୍ତି ସୃଷ୍ଟି ହେବ।ଉତ୍ପାଦନ, ପ୍ୟାକେଜିଂ, ଲଜିଷ୍ଟିକ୍ସ ଓ ରିସର୍ଚ୍ଚରେ ଅବସର ତିଆରି ହେବ ଓ ରାଜ୍ୟର ଯୁବ ସମ୍ପଦ ପାଇଁ ଏକ ବୃହତ୍ତ ପ୍ରବେଶଦ୍ୱାର ଖୋଲିବ।ଓଡ଼ିଶାର ଆଇ.ଆଇ.ଟି., ଆଇ.ଆଇ.ଏମ. ,ଆଇଜର, ନାଇଜର ଓ ଅନ୍ୟାନ୍ୟ ଶିକ୍ଷା ପ୍ରତିଷ୍ଠାନମାନେ ଏଥିରେ ମାନବ ସମ୍ପଦ ତିଆରି ପାଇଁ ଗୁରୁତ୍ୱ ଦେଉଛନ୍ତି, ଯାହା ଓଡ଼ିଶାକୁ ପୂର୍ବ ଭାରତର ଟେକ୍ନୋଲୋଜି ହବ୍ ଭାବେ ପ୍ରତିଷ୍ଠିତ କରିବ।

ଏହି ଉଦ୍ୟମ ଆମ ପାଇଁ କେବଳ ଅର୍ଥନୈତିକ ଉନ୍ନତି ଆଣିବ ତାହା ନୁହେଁ, ବରଂ ଓଡ଼ିଶାର ପ୍ରତିଛବିରେ ଏକ ନୂଆ ଆଧୁନିକ ପରିଚୟ ଯୋଗ କରିବ। ଏହା ଦ୍ୱାରା ଓଡ଼ିଶା କେବଳ ଖଣିଜ ପଦାର୍ଥରେ ଧନୀ ରାଜ୍ୟ ରୁପେ ନୁହେଁ, ବୁଦ୍ଧିମତ୍ତା ଓ ପ୍ରଯୁକ୍ତିର ରତ୍ନ ଭାବେ ଦେଶର ଅତୁଟ ସ୍ଥାନକୁ ସଂରକ୍ଷିତ ରଖିବାରେ ସଫଳ ରହିବ।ଏହିପରି ଚିପ୍ ଉତ୍ପାଦନ କାରଖାନା ଓଡ଼ିଶାରେ ଥିବା ପ୍ରାଚୀନ ଶିଳ୍ପ ପାଇଁ ମଧ୍ୟ ଏକ ଅନୁପ୍ରେରଣା ହେବ। ଯେଉଁ ରାଜ୍ୟ ପୂର୍ବରୁ ଲୁହା , କୋଇଲା, ବାକ୍ସାଇଟ୍ ଓ ଅନ୍ୟାନ୍ୟ ଖଣିଜ ଉତ୍ପାଦନ ଏବଂ ରପ୍ତାନି ମାଧ୍ୟମରେ ଏପର୍ଯ୍ୟନ୍ତ ଆଗକୁ ଆସିଛି , ଏବେ ଏହା ଚିପ୍ ଏବଂ ସିଲିକନ୍ ଭିତ୍ତିକ ଉପକରଣ ସହ ବିଶ୍ୱ ଆଗକୁ ଆସିବ। ଏହା ଗଢ଼ି ଦେବ ଏକ ଏମିତି ଆର୍ଥିକ ଢଞ୍ଚା, ଯେଉଁଠି ଏକତ୍ର ହେବ ପାରମ୍ପରିକ ଶିଳ୍ପ ଓ ନୂତନ ପ୍ରଯୁକ୍ତିର ମିଶ୍ରଣ।ଏହା ସହିତ ଓଡ଼ିଶା ଦେଶର ପୂର୍ବ ଅଞ୍ଚଳରେ ଏକ ପ୍ରଯୁକ୍ତି ରାଜଧାନୀର ମାନ୍ୟତା ସହ ଉଦୟମାନ ରାଜ୍ୟ ଭାବେ ପରିଗଣିତ ହେବ ଏବଂ ସଗର୍ବେ ଭାରତର ବିକାଶର ତ୍ରିରଙ୍ଗା ଉଡ଼ାଇବ।

**ଭୁବନେଶ୍ୱର, ଓଡ଼ିଶା**

# ଏକୁଟିଆ ଲଢ଼ିବେ ଥଲାପତି ବିଜୟ



**ଚେନ୍ନାଇ, ୨୨।୮:** ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ସାଉଥ ଷ୍ଟାର୍ ବିଜୟଙ୍କ ତାମିଲଗା ଭେଟ୍ରି କାଜଗମ୍ (ଟିଭିକେ) କୌଣସି ଦଳ ସହ ମେଣ୍ଟ ନ କରି ଏକାକୀ ଲଢ଼ିବ। ଚେନ୍ନାଇରେ ଏକ ରାଲିକୁ ସମ୍ବୋଧନ କରିବା ସମୟରେ ବିଜୟ ଏହି ଘୋଷଣା କରିଛନ୍ତି। ରାଜ୍ୟରେ ଶାସକ ଦଳ ଡିଏମ୍‌କେ ସହ ତାଙ୍କର ରାଜନୈତିକ ଶତ୍ରୁତା ରହିଛି ଏବଂ କେନ୍ଦ୍ରରେ ଶାସକ ଭାଜପା ସହ ତାଙ୍କର ବୈଚାରିକ ଶତ୍ରୁତା ରହିଛି। ତେଣୁ ଉଭୟ ଦଳ ସହ ଟିଭିକେ ହେବା ମେଣ୍ଟ ହେବା ପ୍ରଶ୍ନ ଉଠୁନାହିଁ ବୋଲି ବିଜୟ କହିଛନ୍ତି। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନରେ ମୁଖ୍ୟ ମୁକାବିଲା ଡିଏମ୍‌କେ ଓ ଟିଭିକେ ମଧ୍ୟରେ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ବିଜୟ ମଦୁରାଇ ପୂର୍ବ ଆସନରୁ ଲଢ଼ିବେ ବୋଲି ଘୋଷଣା କରିଛନ୍ତି।

# ଆଧାର ଗ୍ରହଣ କରିବାକୁ ନିର୍ବାଚନ ଆୟୋଗଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୨୨।୮:** ସୁପ୍ରିମକୋର୍ଟ ଶୁକ୍ରବାର ବିହାରରେ ଚାଲିଥିବା ସ୍ୱତନ୍ତ୍ର ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ବାଦ ପଡ଼ିଥିବା ଭୋଟରମାନଙ୍କ ଆଧାରକୁ ବୈଧ ପରିଚୟ ପ୍ରମାଣ ଭାବେ ଉପସ୍ଥାପନ କରିବାକୁ ଅନୁମତି ଦେଇଛନ୍ତି। କୋର୍ଟ ନିର୍ବାଚନ ଆୟୋଗଙ୍କୁ ଆଧାରକୁ ୧୧ଟି ଅନ୍ୟ ପରିଚୟ ପତ୍ର ସହ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିହାରରେ 'ସ୍ପେଶାଲ ଇଣ୍ଟେନସିଭ ରିଭିଜନ' ତାଲିକାକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଶୁଣାଣି କରି କୋର୍ଟ କହିଛନ୍ତି, ବାଦ ପଡ଼ିଥିବା ଭୋଟରମାନେ ୧୧ଟି ପରିଚୟ ପତ୍ର ବା ଆଧାର ସହ ପୁନଃଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ। କୋର୍ଟ ବିହାରର ରାଜନୈତିକ ଦଳଗୁଡ଼ିକୁ କଡ଼ା ସମାଲୋଚନା କରି ପଚାରିଛନ୍ତି, ୬୫ ଲକ୍ଷରୁ ଅଧିକ ବାଦ ପଡ଼ିଥିବା ଭୋଟରଙ୍କୁ ସେମାନେ ସାହାଯ୍ୟ କାହିଁକି କରୁନାହାନ୍ତି। ଏହା ରାଜନୈତିକ ଦଳଗୁଡ଼ିକ ନୁହେଁ, ବରଂ ବ୍ୟକ୍ତିଗତ ସାଂସଦ ଓ ବିଧାୟକମାନଙ୍କ ଦ୍ୱାରା ଆପତ୍ତି ଉଠାଯାଇଥିବା ନିର୍ବାଚନ ଆୟୋଗ ଉଲ୍ଲେଖ କରିଛନ୍ତି।

# ବଢ଼ିଲା ଚୀନ-ପାକିସ୍ତାନର ଟେନସନ



**ନୂଆଦିଲ୍ଲୀ,୨୨।୮:** ଆଫଗାନିସ୍ତାନରୁ ବଢ଼ୁଥିବା ସୁରକ୍ଷା ଚିନ୍ତା, ଆଭ୍ୟନ୍ତରୀଣ ଅସ୍ଥିରତା ଏବଂ ଆର୍ଥିକ ସ୍ୱାର୍ଥକୁ ଚୀନ ଏବଂ ପାକିସ୍ତାନ ଭୟ କରୁଛନ୍ତି। ପାକିସ୍ତାନ-ଚୀନ ଉପରେ ଆକ୍ରମଣ କରୁଥିବା 3ଟି ପ୍ରମୁଖ ଉଗ୍ରବାଦୀ ସଂଗଠନ ଆଫଗାନିସ୍ତାନ ମାଟିରୁ କାର୍ଯ୍ୟ କରୁଥିବା ଅଭିଯୋଗ ଆସିଛି। ଏହି ସଂଗଠନଗୁଡ଼ିକ ଚୀନ ଏବଂ ପାକିସ୍ତାନୀ ନାଗରିକଙ୍କୁ ଟାର୍ଗେଟ କରନ୍ତି, ଯେଉଁଥିରେ ଚୀନ-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ମଧ୍ୟ ଅନ୍ତର୍ଭୁକ୍ତ।

ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଏବଂ ପୂର୍ବ ତୁର୍କିସ୍ତାନ ଇସଲାମିକ ମୁଭମେଣ୍ଟ (ଇଟିଆଇଏମ୍) ଏବଂ ବାଲୁଚ ଲିବରେସନ ଆର୍ମି (ବିଏଲ୍‌ଏ) ପାକିସ୍ତାନ ଏବଂ ଚୀନ ପାଇଁ ସୁରକ୍ଷା ଏବଂ ଆର୍ଥିକ କ୍ଷତି ଘଟାଉଛନ୍ତି। ଅଗଷ୍ଟ ୨୦୨୧ରେ ତାଲିବାନ କ୍ଷମତାକୁ ଆସିବା ପରଠାରୁ ଆଫଗାନିସ୍ତାନ ସୀମାବର୍ତ୍ତୀ ଉଭୟ ପ୍ରଦେଶ ପାକିସ୍ତାନର ଖାଇବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନରେ ହିଂସା ବୃଦ୍ଧି ପାଇଛି। ସେହି ସମୟରେ, ଚୀନ ଇଟିଆଇଏମ୍ ଉପରେ ଉଇଘୁର ମୁସଲମାନମାନଙ୍କୁ ଉସୁକାଇବାର ଅଭିଯୋଗ ଆଣୁଛି।

ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଗତ 6 ମାସରେ ପାକିସ୍ତାନରେ ହଜାରରୁ ଅଧିକ ଆକ୍ରମଣ କରିଛି। ଏହି ଆକ୍ରମଣ ମଧ୍ୟରୁ ୩୦୦ ରୁ ଅଧିକ ଜୁଲାଇରେ ହୋଇଥିଲା। ଏକ ପୃଥକ ପସ୍ତୁନ ରାଷ୍ଟ୍ର ଦାବି କରିବା ପାଇଁ ୨୦୦୭ ରେ ଟିଟିପି ପ୍ରତିଷ୍ଠିତ ହୋଇଥିଲା। ପାକିସ୍ତାନ ଆଫଗାନିସ୍ତାନରୁ ହିଂସା ଏବଂ ଆତଙ୍କବାଦୀ ଆକ୍ରମଣ ବୃଦ୍ଧିର ସମ୍ମୁଖୀନ ହେଉଛି। ଗ୍ଲୋବାଲ ଟେରୋରିଜମ ଇଣ୍ଡେକ୍ସ ୨୦୨୫ ଅନୁଯାୟୀ, ୨୦୨୪ ମସିହାରେ, ଟିଟିପି କାର୍ଯ୍ୟକଳାପ ଯୋଗୁଁ ୫୫୮ ଜଣଙ୍କ ମୃତ୍ୟୁ ଘଟିଥିଲା, ଯାହା ଆତଙ୍କବାଦ ଯୋଗୁଁ ହୋଇଥିବା ମୋଟ ମୃତ୍ୟୁର ୫୨% ଥିଲା।

ପୂର୍ବ ତୁର୍କିସ୍ତାନ ଇସଲାମିକ ମୁଭମେଣ୍ଟ (ଇଟିଆଇଏମ୍) ଏକ ଉଗ୍ରବାଦୀ ସଂଗଠନ, ଯାହା ୧୯୯୦ ମସିହାରେ ପ୍ରତିଷ୍ଠିତ ହୋଇଥିଲା, ଏହାର ଲକ୍ଷ୍ୟ ହେଉଛି ଚୀନର ଜିନଜିଆଙ୍ଗ ପ୍ରଦେଶକୁ ପୃଥକ କରିବା ଏବଂ ଏହାକୁ ଏକ ସ୍ୱାଧୀନ ମୁସଲିମ ଦେଶ ପୂର୍ବ ତୁର୍କିସ୍ତାନ କରିବା। ଜିନଜିଆଙ୍ଗରେ ୧.୭ କୋଟି ଉଇଘୁର ମୁସଲିମ ବାସ କରନ୍ତି। ଚୀନ ଚିନ୍ତିତ ଯେ ଆଫଗାନିସ୍ତାନ ଉଇଘୁର ବିଚ୍ଛିନ୍ନତାବାଦୀଙ୍କ ଗଡ଼ ହେଉଛି, ଯାହା ଏହାର ଜିନଜିଆଙ୍ଗ ପ୍ରଦେଶ ପାଇଁ ବିପଦ ସୃଷ୍ଟି କରୁଛି। ୨୦୦୮ ରୁ ୨୦୧୪ ପର୍ଯ୍ୟନ୍ତ, ଏହି ଆତଙ୍କବାଦୀ ସଂଗଠନ ଚୀନରେ 8 ଟି ବଡ଼ ଆକ୍ରମଣ କରିଥିଲା। ଏଥିରେ କାଶଗାର ଆକ୍ରମଣ, ବେଜିଂ ଅଲିମ୍ପିକ୍ସ ପୂର୍ବରୁ ଆକ୍ରମଣ, ଉରୁମ୍‌କି ଦଙ୍ଗା ଏବଂ କୁନମିଂ ରେଳ ଷ୍ଟେସନ ଆକ୍ରମଣ ଅନ୍ତର୍ଭୁକ୍ତ। ଏହି ଆକ୍ରମଣରେ ଅତି କମରେ ୨୬୦ ଜଣ ଚୀନ ଲୋକ ପ୍ରାଣ ହରାଇଥିଲେ। ୫୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ।

ବିଏଲ୍‌ଏ ପାକିସ୍ତାନ ଏବଂ ଚୀନ ଉଭୟ ପାଇଁ ଏକ ବଡ଼ ବିପଦ ରହିଛି। ବିଏଲ୍‌ଏ ବେଲୁଚିସ୍ତାନରେ ପାକିସ୍ତାନୀ ଏବଂ ଚୀନ ନାଗରିକଙ୍କ ସହିତ ଉଭୟର ସାର୍ବଜନୀନ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଉଛି। ବିଏଲ୍‌ଏ ବେଲୁଚିସ୍ତାନ ପ୍ରଦେଶର ସ୍ୱାଧୀନତା ପାଇଁ ଲଢ଼ୁଛି। ଏହା ୨୦୦୦ ମସିହାରେ ପ୍ରତିଷ୍ଠିତ ହୋଇଥିଲା, ଅନେକ ଦେଶ ଏହାକୁ ଏକ ଆତଙ୍କବାଦୀ ସଂଗଠନ ମଧ୍ୟ ଘୋଷଣା କରିଛନ୍ତି। ବାଲୁଚିସ୍ତାନ ନେତା ମୀର ୟାର ବାଲୁଚ ୧୪ ମଇ ୨୦୨୫ ରେ ପାକିସ୍ତାନଠାରୁ ବେଲୁଚିସ୍ତାନର ସ୍ୱାଧୀନତା ଘୋଷଣା କରିଥିଲେ।

ବିଏଲ୍‌ଏ କହିଛନ୍ତି ଯେ ବେଲୁଚିସ୍ତାନର ପ୍ରାକୃତିକ ସମ୍ପଦ ଶୋଷଣ କରାଯାଉଛି ଏବଂ ବେଲୁଚିସ୍ତାନ ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଇଛି। ଏହି ସଂଗଠନ ପାକିସ୍ତାନୀ ସେନା, ସରକାର ଏବଂ ସିପିଇସି ଭଳି ଚୀନ ପ୍ରକଳ୍ପକୁ ଟାର୍ଗେଟ କରି ଆସୁଛି। ବିଏଲ୍‌ଏ ଲଢ଼ୁଆମାନେ ଗରିଲା ଯୁଦ୍ଧ ଲଢ଼ନ୍ତି, ସେମାନେ ପର୍ବତମୟ ଅଞ୍ଚଳରେ ଲୁଚି ରହନ୍ତି, ସେନା ଉପରେ ଆକ୍ରମଣ କରନ୍ତି ଏବଂ ଫେରିଯାଆନ୍ତି। ପାକିସ୍ତାନ ଅଭିଯୋଗ କରିଛି ଯେ ଟିଟିପି ବାଲୁଚିସ୍ତାନ ଲଢ଼ୁଆମାନଙ୍କୁ ତାଲିମ ଦେଉଛି, ଏହା ବେଲୁଚିସ୍ତାନରେ ୨ଟି ତାଲିମ ଶିବିର ମଧ୍ୟ ନିର୍ମାଣ କରିଛି।

ଅଗଷ୍ଟ ୨୦ ତାରିଖରେ କାବୁଲରେ ପାକିସ୍ତାନ, ଆଫଗାନିସ୍ତାନ ଏବଂ ଚୀନ ବୈଦେଶିକ ମନ୍ତ୍ରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ, ପାକିସ୍ତାନ ଆଫଗାନିସ୍ତାନରୁ ଟିଟିପି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ଏହା ସହିତ, ତାଲିବାନ ସରକାର ଉପରେ ଟିଟିପିକୁ ସମର୍ଥନ କରିବାର ମଧ୍ୟ ଅଭିଯୋଗ ହୋଇଥିଲା। ପାକିସ୍ତାନ ଜାତିସଂଘରେ କହିଛି ଯେ ଟିଟିପି ଏବଂ ଅନ୍ୟାନ୍ୟ ଆତଙ୍କବାଦୀ ଗୋଷ୍ଠୀର 8 ହଜାର ଲଢ଼ୁଆ ଆଫଗାନିସ୍ତାନରେ ଉପସ୍ଥିତ ଅଛନ୍ତି।

ସେହି ସମୟରେ, ଅଗଷ୍ଟ ୨୦ ତାରିଖରେ ଜାତିସଂଘ ବୈଠକରେ ଚୀନ ଇଟିଆଇଏମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ ଜାତିସଂଘରେ ପାକିସ୍ତାନ ଏବଂ ଚୀନ ର ବୟାନ ଉପରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ମୁଜାହିଦ ଙ୍କ ଅନୁଯାୟୀ, ଆଫଗାନ ମାଟିରେ ଏବେ ଗୋଟିଏ ବି ଆତଙ୍କବାଦୀ ଗୋଷ୍ଠୀ ନାହିଁ। ବିଶ୍ୱର ଦେଶଗୁଡ଼ିକ ଜାଣିଶୁଣି ସେମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାର ପାଇଁ ଆମକୁ ଦୋଷ ଦେଉଛନ୍ତି।

# ହିମନ୍ତ ବିଶ୍ୱଶର୍ମାଙ୍କ ନିଷ୍ପତ୍ତି: ଆଉ ହେବ ନାହିଁ ନୂଆ ଆଧାର କାର୍ଡ



**ଗୁଆହାଟୀ,୨୨।୮:** ଆସାମ ସରକାର ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବପିଢ଼ିଙ୍କୁ ଆଉ ବର୍ଷେ ପାଇଁ ନୂଆ ଆଧାର କାର୍ଡ ଜାରି କରିବେ ନାହିଁ। ରାଜ୍ୟ କ୍ୟାବିନେଟ୍‌ରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। କେବଳ ଅନୁସୂଚିତ ଜାତି, ଜନଜାତି ଓ ଚା' ବଗିଚା ଶ୍ରମିକମାନଙ୍କୁ ଆଧାର କାର୍ଡ ଜାରି ରହିବ। ଅନ୍ୟ ସମ୍ପ୍ରଦାୟର ଯେଉଁମାନେ ଏପର୍ଯ୍ୟନ୍ତ ଆଧାର କାର୍ଡ କରିନାହାନ୍ତି, ସେମାନଙ୍କୁ ସେପ୍ଟେମ୍ବର ମାସରେ ଆବେଦନ ପାଇଁ ସୁଯୋଗ ମିଳିବ। ଅତି ବିରଳ ମାମଲାରେ ଆବେଦନପତ୍ର ୱିଣ୍ଡୋ ବନ୍ଦ ହେବା ପରେ ଆଧାର କାର୍ଡ ଇସ୍ୟୁ ନେଇ ଜିଲା କମିଶନର ନିଷ୍ପତ୍ତି ନେବେ। ତେବେ ଏଥିପାଇଁ ଅନୁମୋଦନ କରିବା ପୂର୍ବରୁ କମିଶନରଙ୍କୁ ସ୍ପେଶାଲ ବ୍ରାଞ୍ଚ୍ ରିପୋର୍ଟ ଓ ଫରେନର୍ସ ଟ୍ରିବ୍ୟୁନାଲ ରିପୋର୍ଟକୁ ଯାଞ୍ଚ କରିବାକୁ ହେବ। ବେଆଇନ ବିଦେଶୀ ବିଶେଷ କରି ବାଂଲାଦେଶୀମାନେ ଯେପରି ଆସାମରେ ଆଧାର କାର୍ଡ ନ ପାଆନ୍ତି ଓ ନିଜକୁ ଭାରତୀୟ ନାଗରିକ ଭାବେ ଦାବି ନ କରନ୍ତି, ସେଥିପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଥିବା ବିଶ୍ୱଶର୍ମା କହିଛନ୍ତି।

# ସର୍ବସାଧାରଣ ସ୍ଥାନରେ କୁକୁରକୁ ଖାଦ୍ୟ ଦେବା ଉପରେ ଲାଗିଲା ରୋକ୍



**ନୂଆଦିଲ୍ଲୀ, ୨୨।୮:** କୁକୁର ପ୍ରେମୀଙ୍କ ପାଇଁ ଖୁସି ଖବର । ଶୁକ୍ରବାର ସୁପ୍ରିମକୋର୍ଟ ବୁଲା କୁକୁରମାନଙ୍କୁ ନେଇ ରାୟ ଶୁଣାଇଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଆଶ୍ରୟ ଗୃହକୁ ପଠା ଯାଇଥିବା କୁକରମାନଙ୍କୁ ଛାଡ଼ି ଦିଆଯିବ । ବନ୍ଧ୍ୟାକରଣ ଓ ଟୀକାକରଣ ପରେ କୁକୁରମାନଙ୍କୁ ମୁକ୍ତ କରାଯିବ । ସର୍ବସାଧାରଣ ସ୍ଥାନରେ ବୁଲା କୁକୁରଙ୍କୁ ଖାଦ୍ୟ ଦେବା ଉପରେ ଲାଗିଲା ରୋକ୍ । ନିର୍ଦ୍ଦିଷ୍ଟ ସ୍ଥାନରେ ବୁଲା କୁକୁରଙ୍କୁ ଖାଇବାକୁ ଦେବାକୁ ନିର୍ଦ୍ଦେଶ । ହିଂସାତ୍ମକ କୁକୁରଙ୍କୁ ନିର୍ଦ୍ଦିଷ୍ଟ ସେଲଟରରେ ରଖିବାକୁ ନିର୍ଦ୍ଦେଶ । ବନ୍ଧ୍ୟାକରଣ ପରେ ବୁଲାକୁକୁରକୁ ଛାଡିଦିଆଯିବାକୁ ନିର୍ଦ୍ଦେଶ । ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ପରିବର୍ତ୍ତନ କହିଛନ୍ତି, ବନ୍ଧ୍ୟାକରଣ ପରେ ସେହି ଅଞ୍ଚଳରେ ଛଡାଯିବ ବୁଲା କୁକୁର । ସାରା ଦେଶରେ ଏହି ନିୟମ କାର୍ଯ୍ୟକାରୀ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ତାଙ୍କ ନିଷ୍ପତ୍ତିରେ ଅଗଷ୍ଟ ୧୧ ତାରିଖର ଆଦେଶକୁ ସଂଶୋଧନ କରି କହିଛନ୍ତି, ଯେଉଁଥିରେ ବୁଲା କୁକୁରମାନଙ୍କୁ ଧରି ସେଲଟର ହୋମରେ ରଖିବାକୁ କୁହାଯାଇଥିଲା କୋର୍ଟ ଆଜି ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ, କେବଳ ଅସୁସ୍ଥ ଓ ଆକ୍ରମଣାତ୍ମକ କୁକୁରମାନଙ୍କୁ ସେଲଟର ହୋମରେ ରଖାଯିବ। ବୁଲା କୁକୁରମାନଙ୍କୁ ସେଲଟର ହୋମରେ ରଖାଯିବ ନାହିଁ। ଆଶ୍ରୟସ୍ଥଳୀକୁ ପଠାଯାଇଥିବା କୁକୁରମାନଙ୍କୁ ମଧ୍ୟ ତୁରନ୍ତ ମୁକ୍ତ କରାଯିବ । ଆଶ୍ରୟସ୍ଥଳୀକୁ ପଠାଯାଇଥିବା କୁକୁରମାନଙ୍କୁ ମୁକ୍ତ କରାଯିବ। କେବଳ ଅସୁସ୍ଥ ଏବଂ ଆକ୍ରମଣାତ୍ମକ କୁକୁରମାନଙ୍କୁ ସେଲଟର ହୋମରେ ରଖାଯିବ। ଜଷ୍ଟିସ୍ ବିକ୍ରମ ନାଥଙ୍କ ନେତୃତ୍ୱରେ ତିନି ଜଣ ବିଚାରପତିଙ୍କ ଖଣ୍ଡପୀଠ ଏହି ନିଷ୍ପତ୍ତି ଦେଇଛନ୍ତି ।

# ଟ୍ରକ୍ ଡ୍ରାଇଭରଙ୍କ ଭିଜାକୁ ନିଷେଧ କଲା ଆମେରିକା: ଚିନ୍ତାରେ ଭାରତ

**ୱାଶିଂଟନ/ନୂଆଦିଲ୍ଲୀ,୨୨।୮:** ଟ୍ରମ୍ପ ପ୍ରଶାସନ ବାଣିଜ୍ୟିକ ଟ୍ରକ ଡ୍ରାଇଭରମାନଙ୍କ ପାଇଁ ସମସ୍ତ ପ୍ରକାରର ଶ୍ରମିକ ଭିଜା ପ୍ରଦାନକୁ ତୁରନ୍ତ ନିଷେଧ କରିଛି। ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଗୁରୁବାର (୨୧ ଅଗଷ୍ଟ ୨୦୨୫) ଏହା ଘୋଷଣା କରିଛନ୍ତି। ଭାରତରୁ ଅବୈଧ ଭାବରେ ଆମେରିକା ଯାଇଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ଘଟିଥିବା ଏକ ଦୁର୍ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆମେରିକାରେ ରହୁଥିବା ହରଜିନ୍ଦର ସିଂହଙ୍କ ବିରୁଦ୍ଧରେ ତିନି ଜଣଙ୍କ ମୃତ୍ୟୁର କାରଣ ହୋଇଥିବା ଅଭିଯୋଗ ହୋଇଛି।

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏକ୍ସରେ ପୋଷ୍ଟ କରିଛନ୍ତି, 'ଆମେରିକୀୟ ରାସ୍ତାରେ ବଡ଼ ଟ୍ରାକ୍ଟର-ଟ୍ରେଲର ଟ୍ରକ ଚଲାଉଥିବା ବିଦେଶୀ ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆମେରିକୀୟ ଜୀବନ ବିପଦରେ ପଡୁଛି। ଏହି ଲୋକମାନେ ଆମେରିକୀୟ ଟ୍ରକ ଡ୍ରାଇଭରମାନଙ୍କ ଜୀବିକା ହ୍ରାସ କରୁଛନ୍ତି। ଆମେ ତୁରନ୍ତ ପ୍ରଭାବରେ ବାଣିଜ୍ୟିକ ଟ୍ରକ ଡ୍ରାଇଭରମାନଙ୍କ ପାଇଁ ଶ୍ରମିକ ଭିଜା ପ୍ରଦାନ ଉପରେ ନିଷେଧ ଜାରି କରୁଛୁ।' କୁହାଯାଉଛି ଯେ ଫ୍ଲୋରିଡାର ଏକ ରାଜପଥରେ ଟ୍ରକ ଚଲାଉଥିବା ଭାରତୀୟ ଡ୍ରାଇଭର ହରଜିନ୍ଦର ସିଂହ ଭୁଲ ସ୍ଥାନରୁ ୟୁ-ଟର୍ଣ୍ଣ ନେଇଥିଲେ, ଯାହା ଫଳରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଛି ଏବଂ ହରଜିନ୍ଦରଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ଆସିଛି।

ଆମେରିକାର ଫେଡେରାଲ ଅଧିକାରୀଙ୍କ ଅନୁଯାୟୀ, ହରଜିନ୍ଦର ସିଂହ ଭାରତର। ସେ ମେକ୍ସିକୋ ଦେଇ ବେଆଇନ ଭାବରେ ଆମେରିକାରେ ପ୍ରବେଶ କରିଥିବା ଅଭିଯୋଗ ହୋଇଛି। ଟ୍ରମ୍ପ ପ୍ରଶାସନ ଏପ୍ରିଲ ୨୦୨୫ରେ ଏକ ଆଦେଶ ପାସ କରିଥିଲା, ଯେଉଁଥିରେ ବାଣିଜ୍ୟିକ ଟ୍ରକ ଡ୍ରାଇଭରମାନଙ୍କ ପାଇଁ ଇଂରାଜୀ ମାନଦଣ୍ଡ ପୂରଣ କରିବା ପାଇଁ ଦୀର୍ଘକାଳୀନ ଆବଶ୍ୟକତା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଟ୍ରମ୍ପ ପ୍ରଶାସନ କହୁଛି ଯେ ହରଜିନ୍ଦର ସିଂହ ଇଂରାଜୀ କହିବା ପାଇଁ ନିର୍ଦ୍ଦେଶ ପାଳନ କରିପାରୁ ନାହାଁନ୍ତି।

ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଫ୍ଲୋରିଡାରେ ଏହି ପ୍ରସଙ୍ଗକୁ ବହୁତ ଉଠାଇଥିଲା। ଏହି ପ୍ରସଙ୍ଗକୁ ନେଇ ଆମେରିକାରେ ରାଜନୀତି ଆରମ୍ଭ ହୋଇଛି କାରଣ ହରଜିନ୍ଦର ସିଂହ କାଲିଫର୍ନିଆରୁ ତାଙ୍କର ବାଣିଜ୍ୟିକ ଲାଇସେନ୍ସ ପାଇଥିଲେ ଏବଂ ସେ ସେଠାରେ ମଧ୍ୟ ରହୁଥିଲେ। କାଲିଫର୍ନିଆ ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ ଡେମୋକ୍ରାଟିକ ପାର୍ଟି ଦ୍ୱାରା ନିୟନ୍ତ୍ରିତ, ଯାହା ଆମେରିକା ସରକାରଙ୍କ ପ୍ରବାସନ ଉପରେ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରେ।

# ଅବୈଧ ସମ୍ପର୍କ: ଭାଇ ପୋଛିଲା ଭଉଣୀ ମଥାର ସିନ୍ଦୂର



**ଜୟପୁର, ୨୨।୮:** ଆଜି ଜଣେ ନିରୀହ ସ୍ୱାମୀର ଚିତା ଜଳୁଛି । ହଁ ଦର୍ଶକ ବନ୍ଧୁ, କହିବାକୁ ଲାଜ ଲାଗୁଛି ଆଉ ଘୃଣା ମଧ୍ୟ ଲାଗୁଛି । ଗୋଟେ ସ୍ତ୍ରୀ ତା' ସ୍ୱାମୀକୁ ହତ୍ୟା କରି ୬୪ ବର୍ଷୀୟ ଭାଇ ସହ ଛୁ ମାରିଲା। ନିଜ ସଂସାରରେ ନିଜେ ନିଆଁ ଲଗାଇଦେଲା । ରାଜସ୍ଥାନ ଭିୱାଡିରୁ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଗୋଟିଏ ସ୍ତ୍ରୀ ତା' ଭାଇ ପ୍ରେମରେ ଉବୁଟୁବୁ ହୋଇ ସ୍ୱାମୀକୁ ମାରି ଦେଇଛି ।

ଖୈର୍ଥଲ ତିଜାରା ଜିଲ୍ଲାର ଭିୱାଡିର ୟୁଆଇଟି ପୋଲିସ ଷ୍ଟେସନ ଅଞ୍ଚଳରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ସାନ୍ତ୍ରା କଲୋନୀରେ ଜଣେ ୩୫ ବର୍ଷୀୟ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ଭାଇ ଭଉଣୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି । ଭିୱାଡି ପୋଲିସ ମାମଲାର ତଦନ୍ତ କରୁଛି । ଅଲୱାରରୁ ଏଫଏସଏଲ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରୁଛି । ମୃତକଙ୍କ ଶରୀର ଏବଂ ବେକରେ ଆଘାତ ଚିହ୍ନ ରହିଛି। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ତେବେ ଘଟଣାଟି ଏହିପରି, ମୃତକ ବିହାରର ଜାହାଜପୁର ଜିଲ୍ଲାର ବାସିନ୍ଦା ଥିଲେ ଏବଂ ମାତ୍ର ୧୫ ଦିନ ପୂର୍ବରୁ ତାଙ୍କ ପତ୍ନୀ ବବିଙ୍କ ସହ ସାନ୍ତ୍ରା କଲୋନୀରେ ଏକ ଭଡା ଘରେ ରହିବାକୁ ଆସିଥିଲେ। ଘଟଣା ପରେ, ମୃତକଙ୍କ ସ୍ତ୍ରୀ ଏବଂ ସେହି କଲୋନୀରେ ରହୁଥିବା ତାଙ୍କ ଭାଇ ଅନୁଜ ଚୌଧୁରୀ କୁଆଡ଼େ ପଳାଇ ଯାଇଥିବା କୁହାଯାଉଛି । ମୃତକଙ୍କ ପୁଅ, ଯିଏ ଭିୱାଡିର ଅନ୍ୟ ଏକ କଲୋନୀରେ ରହୁଥିଲେ, ସେ ମଧ୍ୟ ଫେରାର୍ ଅଛି । ସାନ୍ତାରା କଲୋନୀର ମାଲିକାଣୀ ସାନ୍ତାରା ଦେବୀ କହିଛନ୍ତି ଯେ ଗୁଡ୍ଡୁ ପ୍ରାୟ ୧୫ ଦିନ ପୂର୍ବରୁ ତାଙ୍କ କଲୋନୀରେ ରହିବାକୁ ଆସିଥିଲେ। ତାଙ୍କ ସ୍ତ୍ରୀ ବବି ମଧ୍ୟ ଯୁବକଙ୍କ ସହିତ ରହୁଥିଲେ। ବବିଙ୍କ ଭାଉଜ ଅନୁଜ ଚୌଧୁରୀ ସେମାନଙ୍କ ପାଖରେ ଥିବା ଅନ୍ୟ କୋଠରୀରେ ରହୁଥିଲେ, ଯିଏ ସକାଳରୁ ନିଖୋଜ ଅଛନ୍ତି। ଯୁବକଙ୍କ ସ୍ତ୍ରୀ ବବି ସକାଳେ କଲୋନୀ ଛାଡି ଚାଲି ଯାଇଥିଲେ। କହିଥିଲେ ଯେ ତାଙ୍କ ସ୍ୱାମୀ ଅସୁସ୍ଥ ଅଛନ୍ତି ଓ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ସେ ତାଙ୍କୁ ଭେଟିବାକୁ ଯାଉଛନ୍ତି । ବବି ବାହାରୁ ରୁମ ବନ୍ଦ କରି ଚାଲି ଯାଇଥିଲେ। ସୂଚନା ପାଇ, ୟୁଆଇଟି ପୋଲିସ ଷ୍ଟେସନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରାତି ପ୍ରାୟ ୮ ଟାରେ, ଅଲୱାରରୁ ଏଫ୍‌ଏସ୍‌ଏଲ୍ ଟିମକୁ ଡକା ଯାଇଥିଲା, ଯାହା ପ୍ରମାଣ ସଂଗ୍ରହ କରିବାରେ ନିୟୋଜିତ ଥିଲା। ଯୁବକଙ୍କ ଶରୀରର ଅନେକ ସ୍ଥାନରେ ଆଘାତ ଚିହ୍ନ ଥିଲା, ବେକରେ ଗଭୀର ଆଘାତ ଏବଂ ମୁହଁର ଚର୍ମ ପୋଡ଼ି ଯାଇଥିଲା।

ୟୁଆଇଟି ପୋଲିସ ଷ୍ଟେସନ ଅଧିକାରୀ ସତ୍ୟନାରାୟଣ କହିଛନ୍ତି ଯେ ଗତ ମଙ୍ଗଳବାର ସନ୍ଧ୍ୟା ୬ଟାରେ ସୂଚନା ମିଳିଥିଲା ଯେ ସାନ୍ତାରା କଲୋନୀର ଏକ କୋଠରିରେ ଏକ ମୃତଦେହ ପଡ଼ିଛି। ଅତିରିକ୍ତ ପୋଲିସ ଅଧୀକ୍ଷକ ଅତୁଲ ସାହୁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାରମ୍ଭିକ ତଦନ୍ତରେ ମାମଲା ହତ୍ୟା ଭଳି ଦେଖା ଯାଉଛି। ଏଫ୍‌ଏସ୍‌ଏଲ୍ ତଦନ୍ତ ଏବଂ ପୋଷ୍ଟମର୍ଟମ ପରେ ହିଁ ହତ୍ୟାର କାରଣ ଜଣା ପଡିବ। ପୋଲିସ ପଳାତକ ପତ୍ନୀ ଏବଂ ଭାଇକୁ ଖୋଜିବାରେ ଲାଗିଛି ।

# ଭୂକମ୍ପ ଝଟକାରେ ଥରିଲା ଆମେରିକା, ତୀବ୍ରତା ୭.୪, ସୁନାମୀ ଆଲର୍ଟ




**ଦକ୍ଷିଣ ଆମେରିକା, ୨୨।୮:** ଶକ୍ତିଶାଳୀ କମ୍ପନ ଝଟକାରେ ଥରିଲା ଦକ୍ଷିଣ ଆମେରିକା। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୭.୪ ରେକର୍ଡ କରାଯାଇଛି । ଶକ୍ତିଶାଳୀ ଭୂକମ୍ପ ପରେ ସୁନାମୀ ଏବଂ ଭୂକମ୍ପ ଝଟକାର ଆଶଙ୍କା କରାଯାଉଛି। ଏଥିପାଇଁ ଲୋକମାନଙ୍କୁ ସତର୍କ ରହିବାକୁ ସଚେତନ କରାଯାଇଛି । ତେବେ ଏପର୍ଯ୍ୟନ୍ତ ଭୂମିକମ୍ପ ଯୋଗୁଁ କୌଣସି ଜୀବନହାନି କିମ୍ବା କ୍ଷୟକ୍ଷତିର ଖବର ମିଳିନି। ଏହି ଭୂମିକମ୍ପ ଝଟକା ଡ୍ରେକ୍ ପାସେଜ୍ ଅଞ୍ଚଳରେ ରେକର୍ଡ କରାଯାଇଛି । ଡ୍ରେକ୍ ପାସେଜ୍ ଏକ ଗଭୀର ଓ ପ୍ରଶସ୍ତ ସମୁଦ୍ର ପଥ, ଯାହା ଦକ୍ଷିଣ-ପଶ୍ଚିମ ଆଟଲାଣ୍ଟିକ୍ ମହାସାଗର ଓ ଦକ୍ଷିଣ-ପୂର୍ବ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରେ । ନ୍ୟାସନାଲ ସେଣ୍ଟର ଫର ସିସ୍ମୋଲୋଜି ଅନୁସାରେ, ଭୂକମ୍ପ ଭାରତୀୟ ସମୟାନୁସାରେ ୭ଟା ୪୬ ମିନିଟ ୨୨ ସେକେଣ୍ଡରେ ଆସିଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୩୬ କିମି ରେକର୍ଡ କରାଯାଇଛି । ତେବେ ୟୁଏସ୍‌ଜିଏସ୍ ଅନୁଯାୟୀ ଭୂକମ୍ପର ତୀବ୍ରତା ୮ ରହିଛି ବୋଲି ପୂର୍ବରୁ କୁହାଯାଇଥିଲା । କିନ୍ତୁ ପରେ ଏହା ୭.୪ ବୋଲି ଜଣାପଡିଛି ।

# ହସ୍ପିଟାଲ୍‌ରେ କୋକିଳାବେନ୍



**ମୁମ୍ବାଇ,୨୨।୮:** ଶିଳ୍ପପତି ମୁକେଶ ଏବଂ ଅନିଲ ଅମ୍ବାନୀଙ୍କ ମା' କୋକିଳାବେନ ଅମ୍ବାନୀଙ୍କୁ ଶୁକ୍ରବାର ସକାଳେ ଏୟାରଲିଫ୍ଟ କରାଯାଇ ମୁମ୍ବାଇର ଏଚ୍‌ଏନ୍ ରିଲାଏନ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ତଥାପି, ତାଙ୍କର ବର୍ଦ୍ଧିତ ବୟସ ଯୋଗୁ ଅବସ୍ଥା ଗମ୍ଭୀର ହୋଇପାରେ ବୋଲି ଆଶଙ୍କା କରାଯାଉଛି। କୋକିଳାବେନ ଅମ୍ବାନୀ ହେଉଛନ୍ତି ରିଲାଏନ୍ସ ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀଙ୍କ ପତ୍ନୀ। ଅମ୍ବାନୀ ପରିବାରର ସଦସ୍ୟମାନେ ଦକ୍ଷିଣ ମୁମ୍ବାଇରେ ଅବସ୍ଥିତ ରିଲାଏନ୍ସ ହସ୍ପିଟାଲରେ ପହଞ୍ଚିବା ଦେଖାଯାଉଛି। ଏହା ସହିତ, ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଚିନ୍ତା ଆହୁରି ବୃଦ୍ଧି ପାଇଛି। ଏପର୍ଯ୍ୟନ୍ତ ଅମ୍ବାନୀ ପରିବାର ପକ୍ଷରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ସରକାରୀ ବିବୃତ୍ତି ଜାରି କରାଯାଇ ନାହିଁ। ୨୪ ଫେବୃଆରୀ ୧୯୩୪ ରେ ଗୁଜରାଟର ଜାମନଗରରେ ଜନ୍ମଗ୍ରହଣ କରିଥିବା କୋକିଳାବେନ ଅମ୍ବାନୀଙ୍କୁ ଅମ୍ବାନୀ ପରିବାରର ମାତୃପତି ଭାବରେ ବିବେଚନା କରାଯାଏ। ତାଙ୍କୁ କେବଳ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ପ୍ରତିଷ୍ଠାତା ସ୍ୱର୍ଗତ ଧୀରୁଭାଇ ଅମ୍ବାନୀଙ୍କ ପତ୍ନୀ ଭାବରେ ନୁହେଁ, ବରଂ ଏହି ଦ୍ରୁତ ପରିବର୍ତ୍ତନଶୀଳ ସମୟରେ ପରିବାରକୁ ମାର୍ଗଦର୍ଶନ ଏବଂ ସମର୍ଥନ କରିବାରେ ତାଙ୍କର ଭୂମିକା ପାଇଁ ମଧ୍ୟ ସମ୍ମାନିତ କରାଯାଏ। ପରିବାରକୁ ଏକାଠି ରଖିବାରେ ତାଙ୍କର ମଧ୍ୟ ଭୂମିକା ରହିଛି।

# ୪୨% ମୁଖ୍ୟମନ୍ତ୍ରୀଙ୍କ ନାଁରେ ଫୌଜଦାରୀ ମାମଲା



**ନୂଆଦିଲ୍ଲୀ,୨୨।୮:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ସମ୍ବିଧାନର ୧୩୦ତମ ସଂଶୋଧନ ଆଗତ କରିଛନ୍ତି। ଯାହାଦ୍ୱାରା କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ବହିଷ୍କାର କରିବାର ବ୍ୟବସ୍ଥା କରାଯାଇଛି, ଯେଉଁମାନେ ଗୁରୁତର ଅଭିଯୋଗରେ ଗିରଫ ହୋଇ ୩୦ ଦିନର ଜେଲ୍ ଦଣ୍ଡ ଭୋଗୁଛନ୍ତି। ବିରୋଧୀ କହିଛନ୍ତି ଯେ, ଏହି ସଂଶୋଧନ ବିପଜ୍ଜନକ କାରଣ ଏହା ଫୌଜଦାରୀ ମାମଲାରେ ଦୋଷୀ ସାବ୍ୟସ୍ତ ନ ହୋଇ ମଧ୍ୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ପଦରୁ ହଟାଇ ପାରିବ। ଏପରି ପରିସ୍ଥିତିରେ, ଭାରତରେ କେତେ ମୁଖ୍ୟମନ୍ତ୍ରୀ ଗମ୍ଭୀର ଅଭିଯୋଗର ସମ୍ମୁଖୀନ ହେଉଛନ୍ତି ତାହା ପ୍ରଶ୍ନ ଉଠେ।

ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଦ୍ୱାରା ବିଶ୍ଳେଷଣ କରାଯାଇଥିବା ନିର୍ବାଚନୀ ଶପଥପତ୍ରର ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୪୨ ପ୍ରତିଶତ ମୁଖ୍ୟମନ୍ତ୍ରୀ ନିଜ ବିରୁଦ୍ଧରେ ଫୌଜଦାରୀ ମାମଲା ଘୋଷଣା କରିଛନ୍ତି। ଡିସେମ୍ବର ୨୦୨୪ରେ ମୁଖ୍ୟମନ୍ତ୍ରୀମାନେ ଭାରତୀୟ ନିର୍ବାଚନ କମିଶନଙ୍କୁ ଦେଇଥିବା ଶପଥପତ୍ରର ସୂଚନା ଆଧାରରେ ଏଡିଆର୍ ଏକ ତାଲିକା ପ୍ରସ୍ତୁତ କରିଥିଲା। ଏହି ରିପୋର୍ଟରୁ ଜଣାପଡିଛି ଯେ, ଦେଶର ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୩ ଜଣ ନିଜ ବିରୋଦ୍ଧରେ ଫୌଜଦାରୀ ଅଭିଯୋଗ ଘୋଷଣା କରିଛନ୍ତି। ଏଥିମଧ୍ୟରୁ ୧୦ ଜଣ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ, ଅପହରଣ, ଲାଞ୍ଚ ଏବଂ ଅପରାଧିକ ଧମକ ଭଳି ଗମ୍ଭୀର ଅଭିଯୋଗ ରହିଛି। ଏହି ୧୦ ଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୬ ଜଣ ବିରୋଧୀ ଶାସିତ ରାଜ୍ୟର, ୩ ଜଣ ଭାରତୀୟ ଜନତା ପାର୍ଟି (ବିଜେପି)ର ସହଯୋଗୀ ଦଳର ଏବଂ ଜଣେ ବିଜେପିର। ଏଡିଆର୍ ଅନୁଯାୟୀ, ଏହି ମୁଖ୍ୟମନ୍ତ୍ରୀମାନଙ୍କ ବିରୋଦ୍ଧରେ ଏପରି ଅପରାଧରେ ଅଭିଯୁକ୍ତ ଅଛନ୍ତି ଯାହା ପାଇଁ ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ ଦଣ୍ଡ ହୋଇପାରେ। ଏଗୁଡ଼ିକ ଜାମିନବିହୀନ ଏବଂ ବିଚାରଯୋଗ୍ୟ କିମ୍ବା ନିର୍ବାଚନୀ ଅପରାଧ। ଏହା ବ୍ୟତୀତ, କେତେକଙ୍କ ନିକଟରେ ରାଜକୋଷ କ୍ଷତି ସହ ଜଡ଼ିତ ଅପରାଧ ରହିଛି। କେତେକଙ୍କ ନିକଟରେ ଆକ୍ରମଣ, ହତ୍ୟା, ଅପହରଣ, ବଳାତ୍କାର, ଜନପ୍ରତିନିଧିତ୍ୱ ଆଇନର ଧାରା ୮ ଅନୁଯାୟୀ ଉଲ୍ଲିଖିତ ଅପରାଧ ଭଳି ଅପରାଧ ରହିଛି, ଯେତେବେଳେ କିଛି ମାମଲା ଦୁର୍ନୀତି ନିବାରଣ ଆଇନ ଏବଂ ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ ସହିତ ଜଡ଼ିତ। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା: କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୁଦ୍ଧରେ ପଞ୍ଜିକୃତ ମୋଟ ୧୩ଟି ମାମଲା ମଧ୍ୟରୁ ୬ଟି ମାମଲା ବିଭିନ୍ନ ଆଇପିସି ଧାରା ଅନୁଯାୟୀ ଗୁରୁତର ଅପରାଧର ଅଭିଯୋଗ ଆଣିଛି। ତାଙ୍କ ବିରୋଦ୍ଧରେ ପଞ୍ଜିକୃତ ଅନ୍ୟାନ୍ୟ ମାମଲାଗୁଡ଼ିକ ମଧ୍ୟରେ ଆଇପିସି ଧାରା ୪୩୫, ୧୭୧ଇ, ୧୭୧ସି, ୧୭୧ଏଫ୍, ୧୪୩ ଏବଂ ଆଇପିସି ଧାରା ୧୪୯ ଅନ୍ତର୍ଭୁକ୍ତ, ଯାହା ସାଧାରଣ ଉଦ୍ଦେଶ୍ୟ ପାଇଁ କରାଯାଇଥିବା ଅପରାଧରେ ଦୋଷୀ ଏକ ବେଆଇନ ସଭାର ପ୍ରତ୍ୟେକ ସଦସ୍ୟଙ୍କ ସହିତ ଜଡ଼ିତ।

# ପାଣିରେ ୨୯ ମିନିଟ୍ ନିଶ୍ୱାସ ରୋକିଲେ ରୁଷୀୟ ଯୁବକ

**ମସ୍କୋ, ୨୨।୮:** ପ୍ରାୟ ୨୯ ମିନିଟ୍ ୩ ସେକେଣ୍ଡ ପାଇଁ ପାଣିରେ ରହି ଗୋଟିଏ ସ୍ୱତନ୍ତ୍ର ରେକର୍ଡ ତିଆରି କରିଛନ୍ତି କ୍ରୋଏସିଆର ବାସିନ୍ଦା ଭିଟୋମିର ମାରସିକ୍ । ପେଶାରେ ଜଣେ ସେ ଫ୍ରିଡାଇଭର । ତାଙ୍କର ଏଭଳି କାର୍ଯ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି । ଯାହା ଏକ ରେକର୍ଡ ସୃଷ୍ଟି କରିବାରେ ସେ ସଫଳ ହୋଇଛନ୍ତି । ମାରିଚିକ୍ ଏକ ପୁଲ ଭିତରେ ଶୋଇ ଶେଷ ଥର ପାଇଁ ନିଶ୍ୱାସ ନେଇଥିଲେ। କିନ୍ତୁ ପରେ ପ୍ରାୟ ୨୯ ମିନିଟ୍ ୩ ସେକେଣ୍ଡ ପାଇଁ ସେ ହଲଚଲ ହୋଇ ନଥିଲେ । ଯେତେବେଳେ ସେ ବାହାରକୁ ଆସିଲେ, ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ଏହାକୁ ବିଶ୍ୱର ସବୁଠାରୁ ଦୀର୍ଘ ସ୍ୱେଚ୍ଛାକୃତ ନିଶ୍ୱାସ ଭାବରେ ଘୋଷଣା କଲା । ପୂର୍ବ ରେକର୍ଡ ଏହାଠାରୁ ପ୍ରାୟ ୫ ମିନିଟ୍ କମ୍ ଥିଲା। ତାଙ୍କର ଏଭଳି କାର୍ଯ୍ୟ ପୁରୁଣା ଖେଳାଳିଙ୍କୁ ଏକ ବଡ଼ ଝଟକା ଦେଇଥିଲା ।

# ପ୍ରେମିକାଙ୍କୁ ୭ ଖଣ୍ଡ କରି କୂଅରେ ଫିଙ୍ଗିଦେଲେ ପୂର୍ବତନ ଗାଁ ମୁଖିଆ



**ନୂଆଦିଲ୍ଲୀ,୨୨।୮:** ଉତ୍ତରପ୍ରଦେଶର ଝାନ୍ସି ଜିଲାର କିଶୋରପୁରା ଗାଁରେ ଜଣେ ମହିଳାଙ୍କ ଖଣ୍ଡିତ ଶରୀର କୂଅରୁ ଉଦ୍ଧାର ହୋଇଛି। ପୋଲିସ ଏହି ହତ୍ୟା ମାମଲାରେ ପୂର୍ବତନ ଗାଁ ମୁଖିଆ ସଞ୍ଜୟ ପଟେଲ ଓ ତାଙ୍କ ଭାଇ ସନ୍ଦୀପ ପଟେଲଙ୍କୁ ଗିରଫ କରିଛି। ତୃତୀୟ ଅଭିଯୁକ୍ତ ପ୍ରଦୀପ ଅହିରୱାର ଫେରାର ଅଛନ୍ତି। ଅଗଷ୍ଟ ୮ ରେ ସଞ୍ଜୟ ଓ ତାଙ୍କ ସହଯୋଗୀମାନେ ପ୍ରେମିକା ରଚନା ଯାଦବଙ୍କୁ ଗଳା ଚିପି ହତ୍ୟା କରିଥିଲେ। ବିବାହ ପାଇଁ ରଚନାଙ୍କ ବାରମ୍ବାର ଚାପ ଯୋଗୁଁ ସଞ୍ଜୟ ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ ଅନୁସନ୍ଧାନରୁ ଜଣାପଡ଼ିଛି। ଶରୀରକୁ ୭ ଖଣ୍ଡ କରି ବସ୍ତାରେ ଭର୍ତ୍ତି କରି କୂଅ ଓ ପୋଲ ନିକଟରେ ଫୋପାଡ଼ି ଦିଆଯାଇଥିଲା। ଅଗଷ୍ଟ ୧୩ରେ ଜଣେ କୃଷକ କୂଅରୁ ଦୁର୍ଗନ୍ଧ ଆସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। କୂଅରୁ ଦୁଇଟି ବସ୍ତାରେ ମହିଳାଙ୍କ ଶରୀରର ଅଂଶ ମିଳିଥିଲା। ଅଗଷ୍ଟ ୧୭ରେ ହାତ ଉଦ୍ଧାର ହୋଇଥିଲା, କିନ୍ତୁ ମୁଣ୍ଡ ଓ ଗୋଡ଼ ମିଳିନଥିଲା। ଗୁରୁବାର ଦିନ ଲଖେରୀ ନଦୀରୁ ମୁଣ୍ଡ ଉଦ୍ଧାର ହୋଇଛି। ଝାନ୍ସି ଏସଏସପିଙ୍କ ନେତୃତ୍ୱରେ ୮ଟି ତଦନ୍ତ ଟିମ୍ ଗଠନ କରାଯାଇଥିଲା। ୧୦୦ରୁ ଅଧିକ ଗାଁଲୋକଙ୍କୁ ପଚରାଉଚରା ଓ ୨୦୦ରୁ ଅଧିକ ସିସିଟିଭି ଫୁଟେଜ ଯାଞ୍ଚ ପରେ ହଜାର ହଜାର ପୋଷ୍ଟର ବାଣ୍ଟି ମୃତାଙ୍କୁ ଟିକମଗଡ଼ର ବିଧବା ରଚନା ଯାଦବ ବୋଲି ଚିହ୍ନଟ କରାଯାଇଛି। ରଚନାଙ୍କ ଭାଇ ପୋଷ୍ଟର ଦେଖି ତାଙ୍କୁ ଚିହ୍ନିଥିଲେ। ରଚନା ଓ ସଞ୍ଜୟଙ୍କ ମଧ୍ୟରେ ଏକ ଆଇନଗତ ବିବାଦ ସମୟରେ ଘନିଷ୍ଠ ସମ୍ପର୍କ ଗଢ଼ି ଉଠିଥିଲା। ତଦନ୍ତ ଟିମ୍ ପାଇଁ ୫୦,୦୦୦ ଟଙ୍କା ଓ ଫେରାର ଅଭିଯୁକ୍ତ ପ୍ରଦୀପଙ୍କ ପାଇଁ ୨୫,୦୦୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି।

# ବୃହତ୍ତର ଭୁବନେଶ୍ୱର ଲକ୍ଷ୍ୟରେ ବିଏମ୍‌ସିର ଡ୍ରେନେଜ୍ ମାଷ୍ଟର ପ୍ଲାନ



**ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଡ୍ରେନେଜ ମାଷ୍ଟର ପ୍ଲାନ ସମ୍ବନ୍ଧୀୟ ଏବଂ ଷ୍ଟର୍ମ ଓ୍ୱାଟର ମ୍ୟାନେଜମେଣ୍ଟକୁ ନେଇ ଏକ ସମୀକ୍ଷା ବୈଠକ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି। ଆଗାମୀ ୨୦୫୦କୁ ଦୃଷ୍ଟିରେ ରଖି ସହରର ବିକାଶ ଅନୁଯାୟୀ ବୃହତ୍ତର ଡ୍ରେନେଜ ମାଷ୍ଟର ପ୍ଲାନର ସର୍ଭେ କରାଯାଉଛି। କମିଶନର ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୁର୍କୀ ଆଇଆଇଟିର ପ୍ରଫେସର ଡିଏସ୍ ଆର୍ଯ୍ୟ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ଉପଜିଲ୍ଲାପାଳ ଡକ୍ଟର ମନୋରଞ୍ଜନ ସାହୁଙ୍କ ସମେତ ସ୍ମାର୍ଟ ସିଟି, ବିଡିଏ, ଆଇଏମ୍‌ଡି, ଓସଡମା, ଜଳସମ୍ପଦ ବିଭାଗ, ରାଜସ୍ୱ ବିଭାଗ, ଇଡକୋ ଓ ବିଏମ୍‌ସି ସମେତ ଅନ୍ୟାନ୍ୟ ଇଞ୍ଜିନିୟର ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ବୃହତ୍ତର ଭୁବନେଶ୍ୱର କଳେବରକୁ ଦୃଷ୍ଟିରେ ରଖି କରାଯାଉଥିବା ଡ୍ରେନେଜ୍ ମାଷ୍ଟର ପ୍ଲାନକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ଓ ଏହା ସାଙ୍ଗକୁ ରୋଡ ନେଟଓ୍ୱାର୍କ, ଫ୍ୟାସିଲିଟି ନେଟଓ୍ୱାର୍କ, ୟୁଟିଲିଟି ନେଟଓ୍ୱାର୍କ, ଜବରଦଖଲ ଓ ଜଳବନ୍ଦୀ ସମସ୍ୟା ଆଦିର ଯଥାଯଥ ଚିହ୍ନଟ ପାଇଁ ଜେଏସ୍ ମ୍ୟାପିଙ୍ଗ୍ ଜରିଆରେ ତଥ୍ୟ ସଂଗ୍ରହ କରାଯିବ। ତେବେ ପରବର୍ତ୍ତୀ ଉପଯୋଗ ପାଇଁ ଏହି ତଥ୍ୟକୁ ଭୁବନେଶ୍ୱର-୧ରେ ସିଟିଜେନ ପୋର୍ଟାଲରେ ସାର୍ବଜନୀନ କରାଯିବା ପାଇଁ ମଧ୍ୟ ଆଲୋଚନା ହୋଇଛି, ଯଦ୍ୱାରା ତଥ୍ୟର ବିବିଧ ଉପଯୋଗ ହୋଇପାରିବ।

ଯୋଜନାର ଦୀର୍ଘମିଆଦି ଓ ସ୍ୱଳ୍ପମିଆଦି କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ଯୋଜନାର ରୂପାୟନ କରାଯିବ। ଜନସାଧାରଣଙ୍କ ସମସ୍ତ ପ୍ରକାର ସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରାଯିବ। ପ୍ରକଳ୍ପ ରୂପାୟନ ପାଇଁ ଆଇଆଇଟି ରୁର୍କୀ ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ରୁର୍କୀର ବୈଜ୍ଞାନିକମାନେ ଏହି ସର୍ଭେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଡାଟା ସଂଗ୍ରହ କରାଯାଉଛି। ଏହି ଡାଟାକୁ ସାର୍ବଜନୀନ କରାଯିବ। ସେମାନେ ଆରମ୍ଭ କରିଥିବା କାର୍ଯ୍ୟର ନିୟମିତ ସମୀକ୍ଷା କରାଯାଉଛି।

ଆଜି ମଧ୍ୟ ଆଇଆଇଟି ରୁର୍କୀର ପ୍ରଫେସରମାନେ ସେମାନଙ୍କର ମଧ୍ୟବର୍ତ୍ତୀକାଳୀନ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ଏହି ସର୍ଭେ କାମ ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ଜଣାପଡ଼ିଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହି ସର୍ଭେକୁ ପ୍ରଶଂସା କରାଯାଇଛି।

# ଜନଆସ୍ଥା ଓ ତ୍ୟାଗରେ ସରକାର ଗଢ଼ିଛି ବିଜେପି: ଧର୍ମେନ୍ଦ୍ର

- ବିଜେପି ଏକ ସଂଗଠନ ନୁହେଁ, ଏକ ବିଚାର
- ଲୋକ ଆକାଂକ୍ଷାକୁ ସାକାର କରୁଛି ଡବଲ ଇଞ୍ଜିନ୍

**ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ):** ଆକ୍ସିଡେଣ୍ଟାଲ୍ ନୁହେଁ, ବରଂ ଜନଆସ୍ଥା ଓ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ବଳରେ ବିଜେପି ଓଡ଼ିଶାରେ ଏକକ ସରକାର କରିପାରିଛି ବୋଲି ଆଜି ଏଠାରେ ବିଶିଷ୍ଟ ଲେଖକ ତଥା ପ୍ରଫେସର ଡଃ ନେତାଜୀ ଅଭିନନ୍ଦନ ଓ ପ୍ରୀତ୍ ବୁବନାଙ୍କ ରଚିତ ଇଂରାଜୀ ପୁସ୍ତକ 'ଭଏସ୍ ଆଣ୍ଡ ଭୋଟ୍ସ: ଓଡ଼ିଶା ଇଲେକ୍ଟୋରାଲ ରିନେସନ୍ସ ଅଫ୍-୨୦୨୪'ର ଉନ୍ମୋଚନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

ସାମ୍ପ୍ରତିକ ଓଡ଼ିଶା ରାଜନୀତିର ଏହି ବିଶ୍ଲେଷଣାତ୍ମକ ପୁସ୍ତକର ଉନ୍ମୋଚନ ଅବସରରେ ଶ୍ରୀ ପ୍ରଧାନ ଲେଖକ ତଥା ପ୍ରକାଶକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ଇତିହାସ ଓ ବର୍ତ୍ତମାନକୁ ପୁସ୍ତକର ରୂପ ଦେଲେ ଭବିଷ୍ୟତକୁ ଯିବା ସହଜ ହୁଏ। କିଛି ଦିନ ପୂର୍ବରୁ ଚୌଧୁରୀ ଅମିତାଭ ଦାସଙ୍କ ଲିଖିତ 'ନିର୍ବାଚନ ୨୦୨୪- ଓଡ଼ିଶା ରାଜନୀତିର କଡ଼ ଲେଉଟାଣି' ପୁସ୍ତକକୁ ଉନ୍ମୋଚନ କରିବାର ସୌଭାଗ୍ୟ ମିଳିଥିଲା। ଓଡ଼ିଶାର ରାଜନୀତିକୁ ଜାଣିବା ପାଇଁ ଆଜି ଏପରି ବିଶ୍ଲେଷଣାତ୍ମକ ପୁସ୍ତକ ଉନ୍ମୋଚନ ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ପ୍ରଧାନ କହିବା ସହ ଏହି ପୁସ୍ତକଟି ସବୁ ବର୍ଗରେ ଆଦୃତ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ଆଗାମୀ ଦିନରେ ଏହା ଓଡ଼ିଆ ଭାଷାରେ ମଧ୍ୟ ପ୍ରକାଶ ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଓଡ଼ିଶା ଓ ସର୍ବଭାରତୀୟ ସ୍ତରରେ ବିଜେପି ରାଜନୈତିକ ଯାତ୍ରା ଉପରେ ଆଲୋକପାତ କରିଥିଲେ କେନ୍ଦ୍ରମନ୍ତ୍ରୀ। ଓଡ଼ିଶାରେ ବିଜେପିର ରାଜନୈତିକ ଅଭ୍ୟୁଦୟ, ସଂଖ୍ୟାଲଘୁରୁ ସଂଖ୍ୟାଗରିଷ୍ଠ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତାମାନେ ସାମିଲ ହେବା, ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେପିର ସଫଳତା, ବିରୋଧୀ ଦଳ ଭୂମିକାରେ ଅବତୀର୍ଣ୍ଣ ହେବା ଓ ଗତ ନିର୍ବାଚନରେ ବିଜେପିର ଏକକ ସରକାର ହେବା ଉପରେ ଶ୍ରୀ ପ୍ରଧାନ ଚର୍ଚ୍ଚା କରିଥିଲେ।

ସେ କହିଥିଲେ ଯେ ଭାରତୀୟ ଜନସଙ୍ଘ କିମ୍ବା ବିଜେପି କେବଳ ଏକ ସଂଗଠନ ନୁହେଁ, ବରଂ ଏକ ବିଚାର।



ବିଜେପି ଏକ ଆକ୍ସିଡେଣ୍ଟାଲ୍ ପାର୍ଟି ଭାବେ ନୁହେଁ, ବରଂ ଅନେକ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ସମର୍ପଣ ବଳରେ ବିଶ୍ୱର ସର୍ବବୃହତ ଦଳ ଭାବେ ଉଭା ହୋଇଛି। ଜନଆଶୀର୍ବାଦରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ଦଳ ଏକକ ସରକାର ଗଠନ କରିଛି। 'ଓଡ଼ିଆ ଅସ୍ମିତା' ଏକ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଏକ ସାଂସ୍କୃତିକ, ଅର୍ଥନୈତିକ ଆକାଂକ୍ଷା, ଗୋଟିଏ ସଭ୍ୟତାକୁ ପ୍ରତିଫଳିତ ଓ ପ୍ରବାହିତ କରିବା ତଥା ଭବିଷ୍ୟତକୁ ସୁରକ୍ଷିତ କରିବାର ଏକ ଅବଧାରଣା। ଗଣତନ୍ତ୍ରରେ ସମସ୍ତଙ୍କର ନିଜର ନିଜର ଦୃଷ୍ଟିକୋଣ ଓ ଆଭିମୁଖ୍ୟ ରହିଛି, ଏହାକୁ ଅସ୍ୱୀକାର କରାଯାଇପାରେନା। ନ୍ୟୁ ଏଜ୍ ଇକୋନୋମୀ ଓ ବୈଶ୍ୱିକ ସ୍ଥିତି ସମ୍ପର୍କରେ ଆଲୋଚନା ବେଳେ ସେମିକଣ୍ଡକ୍ଟର ବିଶ୍ୱରେ ଏକ ବଡ଼ ପ୍ରସଙ୍ଗ ହଅଆସିଛି। ଖୁସିର ବିଷୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ ପ୍ରତିଷ୍ଠା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ରାଜ୍ୟରେ ୬ ଲେନ୍ ବିଶିଷ୍ଟ କଣ୍ଟ୍ରୋଲଡ୍ ଗ୍ରୀନଫିଲ୍ଡ କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ପ୍ରକଳ୍ପ ମଧ୍ୟ ମଞ୍ଜୁରୀ ପାଇଛି। ସେହିପରି ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ସ୍କିମାଟିକ ପ୍ରାଥମିକ ଶିକ୍ଷକଙ୍କୁ ନିୟମିତ କରିବା ନେଇ ଘୋଷଣା କରିଛନ୍ତି। ଶିକ୍ଷକଙ୍କୁ ସମ୍ମାନର ସହ ବଞ୍ଚିବାକୁ ଦେବା ଆମର ପ୍ରତିବଦ୍ଧତା ଥିଲା, ଯାହାକୁ ଏବର ବିଜେପି ସରକାର ପୂରଣ କରୁଛନ୍ତି। ଶିକ୍ଷା ହେଉ କିମ୍ବା ବିଭିନ୍ନ ବିକାଶ କ୍ଷେତ୍ରରେ ଥିବା ଲୋକ ଆକାଂକ୍ଷା ଓ ଅପେକ୍ଷାକୁ ଡବଲ ଇଞ୍ଜିନ ସରକାର ସାକାର କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଲେଖକଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜାରାମ ଶତପଥୀ, ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରକାଶକ ଶୁଭାଂଶୁ ପଣ୍ଡା ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରକୁ ସାତପୁରୀ ତାଡ଼ ବିଜେ ହେଲା

**ପୁରୀ,୨୨।୮(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ପାଇଁ ଶୁକ୍ରବାର ଶ୍ରୀମନ୍ଦିରକୁ ସାତପୁରୀ ତାଡ଼ ବିଜେ ହୋଇଛି। ସତ୍ୱଲିପି ଅନୁଯାୟୀ ଅଠରନଳା ସ୍ଥିତ ମା' ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ଅମାବାସ୍ୟା ତାଡ଼ ବିଜେ ହୋଇଛି। ମଧ୍ୟାହ୍ନ ଧୂପ ସରିବା ପରେ କୁମ୍ଭକାରମାନେ ନୂତନ ବସ୍ତ୍ର ପରିଧାନ କରି ସାତପୁରି ଘେନାଣ ନିମନ୍ତେ ଶ୍ରୀମନ୍ଦିରରୁ ଘଣ୍ଟ ଛତା କାହାଳୀ ସହିତ ଅଠରନଳା ସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯାଇଥିଲେ। ସେଠାରେ ପୂର୍ବରୁ କୁମ୍ଭକାର ସେବକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଚାରିଗୋଟି ତାଡ଼ ମା ଙ୍କ ନିକଟରେ ରଖାଯାଇଥିଲା। କୁମ୍ଭକାର ନିଯୋଗର ଇଷ୍ଟଦେବୀ ମା' ଅଲାମଚଣ୍ଡିଙ୍କୁ ଶୀତଳଭୋଗ ମଣୋହୀ କରାଯିବା ପରେ କୁମ୍ଭକାର ସେବକ ମାନେ ମା'ଙ୍କ ନିକଟରେ ଥିବା ଚାରିଗୋଟି ତାଡ଼କୁ ବନ୍ଦାପନା କରିଥିଲେ। ବନ୍ଦାପନା ସମ୍ପନ୍ନ ହେବା ଉତାରେ ବିଜେ କାହାଳୀ ବାଜି ତାଡ଼ ଗୁଡିକ ଶ୍ରୀମନ୍ଦିରକୁ ବିଜେ କରିଥିଲା। ବଡ଼ଠାକୁର ବଳଭଦ୍ର, ମା ସୁଭଦ୍ରା ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ନିମନ୍ତେ ଗୋଟିଏ ଲେଖାଏଁ ତାଡ଼ସହ ଗୋଟିଏ ଅତିରିକ୍ତ ତାଡ଼ ଶ୍ରୀମନ୍ଦିରକୁ ବିଜେ ହୋଇଥିଲା।
କୁମ୍ଭକାର ସେବକ ମାନେ ମୁହଁରେ ବାଘତୁଣ୍ଡି ଭିଡି ତାଡ଼ ଗୁଡିକୁ ନେଇ ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ବେଢ଼ା ଏକ ଥର ବୁଲାଯିବା ପରେ ତାଡ଼ ରୋଷ ବେହରଣ ଠାରେ ରଖାଯାଇଥିଲା।

## ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମୀକୁ ୨୦ ବର୍ଷ ଜେଲ୍‌ଦଣ୍ଡ

**ବାରିପଦା,୨୨।୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଆଡ଼ ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକସୋ କୋର୍ଟରେ ଏକ ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଆସାମୀକୁ ୨୦ ବର୍ଷର କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଜଣକ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ ଝିନେଇ ଗ୍ରାମର ଶୁକ୍ରା ସିଂ (୬୦)।

ସୂଚନାଯୋଗ୍ୟ, ଗତ ମଇ ୨୦୨୩ରେ ଜଣେକା ଦିବ୍ୟାଙ୍ଗ ନାବାଳିକା ଜଣକ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତାଙ୍କୁ ଏକୁଟିଆ ପାଇ ଆସାମୀ ଜଣକ ଦୁଷ୍କର୍ମ କରିଥିଲା। ଏନେଇ କାହାକୁ ଜଣାଇଲେ ଜୀବନରେ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲା। ଏଥିରେ ପୀଡ଼ିତା ଜଣଙ୍କ ଭୟଭୀତ ହୋଇ ପରିବାର ଲୋକଙ୍କୁ କିଛି ବି କହିନଥିଲେ। ତେବେ ଘଟଣାର ପାଖାପାଖି ୮ ମାସ ପରେ ପୀଡ଼ିତା ଅନ୍ତଃସତ୍ତ୍ୱା ହେବାରୁ ପରିବାର ଲୋକେ ଘଟଣା ବାବଦରେ ଜାଣିବାକୁ ପାଇଥିଲେ। ଏନେଇ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

ଅଭିଯୋଗ କ୍ରମେ ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ଅଭିଯୁକ୍ତକୁ ଗିରଫ କରି ପୁଲିସ୍ କୋର୍ଟ ଚାଲାଣ କରିଥିଲା।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ, ୩ ଗିରଫ

**ଜୟପୁର, ୨୨।୮ (ସଂଚାର ବ୍ୟୁରୋ):** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ ପକ୍ଷରୁ ୩ଟି ସ୍ଥାନରେ ଚଢଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଖଇରମୁଣ୍ଡି ଗ୍ରାମର ଧନପତି ଗଣ୍ଡ (୩୭), ପାତ୍ରପୁଟ ଗ୍ରାମର ଲଛମନ ପରଜା (୩୧), ଭଙ୍ଗାଛିଛିରର ରଞ୍ଜନ କୁମାର ସାହୁ (୪୫)।

ସୂଚନା ଅନୁଯାୟୀ, ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ ତରଫରୁ ପାଟ୍ରୋଲିଙ୍ଗ କରାଯାଉଥିବା ବେଳେ ଖଇରମୁଣ୍ଡି, ପାତ୍ରପୁଟ ଓ ଭଙ୍ଗାଛିଛିରେ ଦେଶି ମଦ ଚାଲାଣ କରୁଥିବା ବେଳେ ଚଢଉ ହୋଇଥିଲା। ଚଢଉ କରି ୨୬ ଲିଟର ଦେଶି ମଦ ଜବତ ହୋଇଛି। ୩ ଅଭିଯୁକ୍ତଙ୍କୁ ସଂନ୍ଧ୍ୟା ୫ଟାରେ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ ସୂଚନା ଦେଇଛନ୍ତି।

## ରଥଭଙ୍ଗା କାର୍ଯ୍ୟ ଆରମ୍ଭ

**ପୁରୀ,୨୨।୮(ସଂଚାର ବ୍ୟୁରୋ):** ଆଜିଠୁ ରଥଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାରଙ୍କ ନେତୃତ୍ୱରେ ରଥଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମେ ଦର୍ପଦଳନ ରଥ ଭଙ୍ଗାଯାଇଛି। ଏହାପରେ ତାଳଧ୍ୱଜ ରଥ ଭଙ୍ଗାଯିବ। ଶେଷରେ ନନ୍ଦିଘୋଷ ରଥ ଭଙ୍ଗା ଯିବାର ପରମ୍ପରା ରହିଛି। ଚକ, ପ୍ରଭା, ଦ୍ୱାର ବେଢ଼ା, କୋଣଗୁଜ ନିଲାମ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ନିଲାମ କରାଯିବ। ଏବଂ ଟୁକୁରା କାଠ ଗୁଡିକୁ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର ହେବ। ପ୍ରକାଶ ଥାଉକି, ଚଳିତ ବର୍ଷ ରଥଯାତ୍ରାର ଅନ୍ତିମ ପର୍ବ ନୀଳାଦ୍ରି ବିଜେ ପରେ ଶ୍ରୀହୀନ ହୋଇପଡ଼ିଥିଲା ତିନି ରଥ।

## ଶ୍ରୀମନ୍ଦିର ଉପରକୁ ଚଢ଼ିବାକୁ ଉଦ୍ୟମ, ଜଣେ ଅଟକ

**ପୁରୀ,୨୨।୮(ସଂଚାର ବ୍ୟୁରୋ):** ଆଜି ସକାଳେ ଶ୍ରୀମନ୍ଦିର ଉପରକୁ ଚଢ଼ିବାକୁ ଉଦ୍ୟମ କରିବା ବେଳେ ଜଣେ ବ୍ୟକ୍ତି ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ପଶ୍ଚିମ ଦ୍ୱାର ନୃସିଂହ ମନ୍ଦିର ଦେଇ ସେ ଶ୍ରୀମନ୍ଦିର ଉପରକୁ ଚଢ଼ିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁ କରି ନେଇଛନ୍ତି। ତାଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖାଯାଇଛି। ସେ ଉତର ପ୍ରଦେଶ ଆଜମଗଡ଼ର ହୋଇଥିବାର ସୂଚନା ମିଳିଛି। ତାଙ୍କ ନାମ ମନୋଜ ସିଂ ବୋଲି ଜଣାପଡ଼ିଛି। ତେବେ କ'ଣ ପାଇଁ ସେ ଶ୍ରୀମନ୍ଦିର ଉପରକୁ ଚଢିବାକୁ ଉଦ୍ୟମ କରୁଥିଲେ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ।

## ଫିନଟେକ୍ କ୍ଷେତ୍ରରେ ସମ୍ପୂର୍ଣ୍ଣ ସୁଯୋଗ ନେବେ ଓଡ଼ିଶା ଯୁବପିଢ଼ି

**ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ 'ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' -ଭାରତନେତ୍ରର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱରରେ ଜ୍ଞାନ ପରମ୍ପରା ଦୀର୍ଘ ଦିନରୁ ରହିଆସିଛି। ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଆହ୍ୱାନ କରିଛନ୍ତି। ଏହି ସମୟରେ ୨୦୩୬ ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର



ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ଆଜିର ପଦକ୍ଷେପ ଆମ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଆଉ ଏକ ପଦକ୍ଷେପ। ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' ଡିଜିଟାଲ ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଯୁବପିଢ଼ିଙ୍କୁ ବିଶେଷ ଭାବରେ ଫିନଟେକ୍ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସୁଯୋଗକୁ

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନାଲିଆଖି...

ପାଇଥିବା ୭୩,୯୮୪.୮୮ କିମି ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିମି ରାସ୍ତା ନିର୍ମାଣ କରି ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପୂର୍ବରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ମାର୍ଗଦର୍ଶିକା ଅନୁଯାୟୀ କାମ କରାଯାଉଥିଲା। ବର୍ତ୍ତମାନ ଏହାର ଚତୁର୍ଥ ପର୍ଯ୍ୟାୟର କାମ ମଧ୍ୟ ହାତକୁ ନିଆଯାଇଛି। ଏହି ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳମାନଙ୍କରେ ସଡ଼କ ଓ ସେତୁ ନିର୍ମାଣ କରାଯିବ। ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗବିହୀନ ଜନବସତି ପାଇଁ ୯୪୨ଟି ସଡ଼କ ଓ ୮ଟି ସେତୁ ନିର୍ମାଣ ପ୍ରସ୍ତାବ ରହିଛି।

ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତିଗୁଡ଼ିକର ସଂଯୋଗୀକରଣ ପାଇଁ ପିଏମ୍ ଜନମନ ଯୋଜନାରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିମି ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫ ହଜାର କିମି ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା ଛାତ୍ରାବାସ, ମହାବିଦ୍ୟାଳୟ ଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଭାଗୀୟ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ, ସର୍ବୋଚ୍ଚ ଯନ୍ତ୍ରୀ ଇଂ ପ୍ରସନ୍ନ କୁମାର ସାହୁ ଓ ଇଂ ପ୍ରଦୀପ କୁମାର ଜେନାଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଓଡ଼ିଶା ହେବ...

ଓଡ଼ିଶାର ସମସ୍ତ ୩୦ ଜିଲ୍ଲାରେ ୭ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ପ୍ରଦାନ କରିବ। ଏହା ସିଙ୍ଗାପୁର ନ୍ୟାସନାଲ ୟୁନିଭରସିଟିରେ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ୍ ଫାଇନାନ୍ସ ଦ୍ୱାରା ଡିଜାଇନ୍ କରାଯାଇଥିବା ପ୍ରମାଣପତ୍ର କାର୍ଯ୍ୟକ୍ରମ ଚଲାଇବ। ଚଳିତ ବର୍ଷ ଜାନୁଆରୀରେ ସିଙ୍ଗାପୁରର ରାଷ୍ଟ୍ରପତି ଥରମନ ଶନମୁଗରତ୍ନମଙ୍କ ଐତିହାସିକ ଓଡ଼ିଶା ଗସ୍ତ ସମୟରେ ଏନେଇ ଆଲୋଚନା ହୋଇଥିଲା। ରାଜ୍ୟର ଏହି ହବ୍ ମଧ୍ୟରେ ଏକ ଉତ୍କୃଷ୍ଟ କେନ୍ଦ୍ର ପ୍ରତିଷ୍ଠା କରି ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ। ଏଥିସହ ପ୍ରକଳ୍ପ ଏକ ଗ୍ଲୋବାଲ୍ କ୍ଷମତା କେନ୍ଦ୍ର (ଜିସିସି) ମଧ୍ୟ ପ୍ରତିଷ୍ଠା କରିବ। ଏଠାରେ ଥିବା ଜିସିସି ବିଶ୍ୱସ୍ତରୀୟ ଆର୍ଥିକ ପ୍ରତିଷ୍ଠାନ ଏବଂ ଓଡ଼ିଶାରେ ନୂତନ ନିବେଶକୁ ଆକର୍ଷିତ କରିବା ପାଇଁ ଏକ ଦୃଢ଼ ଭିତ୍ତିଭୂମି ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏକ ଏଆଇ ନୀତି ପ୍ରସ୍ତୁତ କରୁଛି। ଆମେ ବର୍ତ୍ତମାନ ବିଶ୍ୱସ୍ତରୀୟ ନିବେଶକୁ ଆକର୍ଷିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ଫିନଟେକ ନୀତି ଓ ଜିସିସି ନୀତି ଆରମ୍ଭ କରିବା ପ୍ରକ୍ରିୟାରେ ଅଛୁ। ଓଡ଼ିଶାରେ ବିଭିନ୍ନ ଇଞ୍ଜିନିୟରିଂ, ପଲିଟେକ୍ନିକ୍ ଏବଂ ଆଇଟି ଷ୍ଟ୍ରିମରେ ପ୍ରତିବର୍ଷ ପ୍ରାୟ ୧.୮ ଲକ୍ଷ ସ୍ନାତକ ଏବଂ ୯୫୦ ଆଇଟିଆଇରେ ଦକ୍ଷ ଯୁବକ ସୃଷ୍ଟି ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ଫାବ୍ରିକେସନ୍ ୟୁନିଟ୍ ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ବିଶ୍ୱ ଡିଜିଟାଲ୍ ଅର୍ଥନୀତି ପାଇଁ ଆମ ଯୁବପିଢ଼ିକୁ ଦକ୍ଷତା ପ୍ରଦାନ କରିବା ପାଇଁ ଓଡ଼ିଶାର ଦୃଷ୍ଟିକୋଣ ଭାରତର ଜାତୀୟ ପ୍ରାଥମିକତା ସହ ସମନ୍ୱିତ। ଭାରତନେତ୍ର ପଦକ୍ଷେପ କେବଳ ନିଯୁକ୍ତି ଓ ଉଦ୍ୟୋଗ ପାଇଁ ପଥ ଖୋଲିବ ନାହିଁ, ବରଂ ଆର୍ଥିକ ଅନ୍ତର୍ଭୁକ୍ତି ଓ ନବସୃଜନରେ ଭାରତର ନେତୃତ୍ୱକୁ ମଧ୍ୟ ମଜବୁତ କରିବ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ପଦକ୍ଷେପ ରାଜ୍ୟବ୍ୟାପୀ ୭ ହଜାର ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପ୍ରଯୁକ୍ତିବିଦ୍ୟାରେ କ୍ୟାରିୟର ପାଇଁ ପ୍ରଯୁକ୍ତିବିଦ୍ୟା, ନିୟମ ଓ ବ୍ୟବସାୟରେ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ନବୀନ...

ହୋଇଯାଇଛି ଭିନ୍ନ ଭିନ୍ନ ଚର୍ଚ୍ଚା। ଏସବୁ ଭିତରେ ନବୀନଙ୍କୁ ଦଳର ନେତାମାନେ ମଧ୍ୟ ଭେଟୁଛନ୍ତି। ଆଜି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ବିଧାୟକ ଗଣେଶ୍ୱର ବେହେରା, ମନ୍ମଥ ରାଉତରାୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି।

### ପାଚେରି...

ପଳାଇଥିଲେ। ତାଙ୍କୁ ସୁରକ୍ଷାକର୍ମୀମାନେ କାବୁ କରିଥିଲେ ହେଁ ସେ କେଉଁ ଉଦ୍ଦେଶ୍ୟ ନେଇ ସଂସଦ ଭିତରକୁ ପ୍ରବେଶ କରିଥିଲେ, ସେନେଇ କିଛି ଜଣାପଡିନାହିଁ। ତେବେ ଉକ୍ତ ଯୁବକଙ୍କ ମାନସିକ ଅବସ୍ଥା ଠିକ୍ ଥିବା ଅନୁମାନ କରାଯାଉଛି। ଯୁବକଙ୍କୁ କାବୁ କରିବା ପରେ ସିଆଇଏସଏଫ ଯବାନମାନେ ସଂସଦ ମାର୍ଗ ପୁଲିସକୁ ହସ୍ତାନ୍ତର କରିଛନ୍ତି। ମୌସୁମୀ ଅଧିବେଶନ ସରିବାର ଦିନକ ପରେ ଏହି ଘଟଣା ଘଟିଛି। ଗତବର୍ଷ ମଧ୍ୟ ସମାନ ଘଟଣା ଘଟିଥିଲା। ଜଣେ ପାଖାପାଖି ୨୦ ବର୍ଷ ବୟସ୍କ ଯୁବକ ପାଚେରୀ ଡେଇଁ ସଂସଦ ଭବନ ଭିତରକୁ ପ୍ରବେଶ କରିଥିଲେ।

### ମୁକ୍ତିକାନ୍ତଙ୍କୁ...

ସରକାରରେ ସାମ୍ବାଦିକଙ୍କୁ ଆକ୍ରମଣ ହେଲେ ରାସ୍ତାକୁ ଓହ୍ଲାଇଆସୁଥିଲେ, ସେମାନେ ଗତ ପାଞ୍ଚ ଦିନ ହେଲା ଏହି ଘଟଣାରେ ମୁହଁ ଖୋଲୁନାହାନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ। ତେଣୁ ସାମ୍ବାଦିକଙ୍କୁ ଧମକ ଦିଆଯିବ ଆଉ ପୁଲିସ କାର୍ଯ୍ୟାନୁଷ୍ଠାନ ନହେବା ଦ୍ୱାରା ମୁଖ୍ୟମନ୍ତ୍ରୀ ବଦନାମ ହେଉଛନ୍ତି। କିନ୍ତୁ ଭାଇଚାରା ଦେଖାଇବାକୁ ରାଜ୍ୟ ଶାସନ ମୁଖ୍ୟଙ୍କ ସମ୍ମାନକୁ ବାଜିରେ ଲଗାଇବାକୁ ପଛାଉନାହିଁ କମିଶନରେଟ ପୁଲିସ। ରାଜ୍ୟ ପୁଲିସର ଏଭଳି ଏକଚାଟିଆ କାରବାର ଦ୍ୱାରା ବାରମ୍ବାର ମୁଖ୍ୟମନ୍ତ୍ରୀ ନିନ୍ଦିତ ହେଉଛନ୍ତି।

### ଭିଜିଲାନ୍ସ...

ତାଙ୍କ ବିରୋଧରେ ୧ କୋଟି ୨୪ ଲକ୍ଷ ସରକାରୀ ଅର୍ଥ ତୋଷରପାତ ଅଭିଯୋଗ ମଧ୍ୟ ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କଟକ ଯୋବ୍ରା ନୂଆସାହିର ତିନି ମହଲା ଘର, ଚୌଦ୍ୱାର ପଳାଶିଆରେ ଥିବା ଘର ଓ କୁକୁଡ଼ା ଫାର୍ମରେ ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି। ତାଙ୍କ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ ହୋଇଛି। ଦେଉଳସାହିରେ ଥିବା ଶ୍ୱଶୁର ଘର ଓ କିଶୋରନଗର ଉତ୍ତରକୂଳରେ ଥିବା ପୈତୃକ ଘରେ ମଧ୍ୟ ଚଢ଼ାଉ ଚାଲିଥିବା ବେଳେ ଏଥିରେ ଭିଜିଲାନ୍ସର ୯ ଡିଏସପି, ୧୦ ଇନ୍ସପେକ୍ଟର, ୭ ଏଏସଆଇ ଓ ଅନ୍ୟ କର୍ମଚାରୀ ସାମିଲ୍ ଅଛନ୍ତି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଓ୍ୱାରେଣ୍ଟ ବଳରେ ଏହି ଚଢ଼ାଉ ଚାଲିଥିବା ଜଣାପଡ଼ିଛି। ଚଢ଼ାଉ ସମୟରେ ଶ୍ରୀ ସାହାଣୀଙ୍କ ନାଁରେ ଠାବ ହୋଇଥିବା ପ୍ଲଟ୍ ମଧ୍ୟରୁ ୧୮ଟି କଟକ ସହର ଆଖପାଖ ଅଞ୍ଚଳରେ ରହିଥିବା ଅନ୍ୟ ପ୍ଲଟ୍‌ଟି ଖୋର୍ଦ୍ଧା ଜିଲ୍ଲାର ଜଟଣୀଠାରେ ଥିବା ଜଣାପଡ଼ିଛି। ପାଖାପାଖି ୨୦ ବର୍ଷର ଚାକିରି କାଳ ମଧ୍ୟରେ ସେ ବ୍ୟାପକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଚଢ଼ାଉ ସମୟରେ ତାଙ୍କ ଘରୁ ସାଢ଼େ ୩ ଲକ୍ଷ ଟଙ୍କା ନଗଦ ଜବତ ହୋଇଛି। ଏହାଛଡ଼ା ତାଙ୍କ ନାଁରେ କଟକର ଜୋବ୍ରା ନୂଆସାହିଠାରେ ଏକ ତିନି ମହଲା କୋଠା ରହିଛି। ସେହିପରି ଚୌଦ୍ୱାରଠାରେ ଅଢ଼େଇ ଏକର ପରିମିତ କୋଠା ଓ କୁକୁଡ଼ା ଫାର୍ମ ମଧ୍ୟ ରହିଛି। ସେହିପରି ତାଙ୍କ ଘରୁ ୧୩୫ ଗ୍ରାମ ସୁନା ଗହଣା ସହ ଗୋଟିଏ ଚାରିଚକିଆ ଓ ୩ଟି ଦୁଇଚକିଆ ଗାଡ଼ି ଜବତ କରାଯାଇଛି। ଘରେ ୧୦.୫୭ ଲକ୍ଷ ଟଙ୍କାର ଆସବାବପତ୍ର ଥିବା ବେଳେ ବିଭିନ୍ନ ବ୍ୟାଙ୍କ୍ସ ଡାକଘରେ ପାଖାପାଖି ସାଢ଼େ ୫୫ ଲକ୍ଷ ଟଙ୍କାର ଜମା ରହିଥିବା ଚଢ଼ାଉ ସମୟରେ ସାମ୍ନାକୁ ଆସିଛି।

### ଅନ୍‌ଲାଇନ...

ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଅନଲାଇନ ଗେମିଂ ପ୍ରମୋସନ ଓ ନିୟନ୍ତ୍ରଣ ବିଧେୟକ ପ୍ରଥମେ ଲୋକସଭା ଓ ପରେ ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ସତ୍ତ୍ୱେ ବହୁମତ ଲାଭ କରିଥିଲା। ଏପରିକି ରାଜ୍ୟସଭା ଏହି ବିଧେୟକକୁ ମାତ୍ର ୨୬ ମିନିଟରେ ଓ ଲୋକସଭା ୭ ମିନିଟରେ ମଞ୍ଜୁରୀ ଦେଇଥିଲା। ଏହି ବିଲ୍ ରାଜ୍ୟସଭାରେ ଉପସ୍ଥାପିତ କରି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଲୋକମାନେ ଅନଲାଇନ ମନି ଗେମିଂରେ ସେମାନଙ୍କର ଜୀବନ ସଞ୍ଚୟ ଅର୍ଥ ହରାଉଛନ୍ତି। ସମୟ ସମୟରେ ସମାଜ ଭୁଲର ସମ୍ମୁଖୀନ ହୁଏ। ଏପରି ପରିସ୍ଥିତିରେ ସରକାର ଏବଂ ସଂସଦର କର୍ତ୍ତବ୍ୟ ହେଉଛି ଏହାର ତଦନ୍ତ କରିବା ଓ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ଲାଗୁ କରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଏହି ବିଲ ଇ-କ୍ରୀଡ଼ାକୁ ପ୍ରୋତ୍ସାହିତ କରିବ ଓ ସମାଜକୁ ଅନଲାଇନ ଗେମର କ୍ଷତିକାରକ ପ୍ରଭାବରୁ ରକ୍ଷା କରିବ ବୋଲି ଶ୍ରୀ ବୈଷ୍ଣବ ବିଧେୟକ ସପକ୍ଷରେ ମତ ଦେଇଥିଲେ। ନୂଆ ଆଇନ ଅନୁସାରେ, ମନି ଗେମ ପ୍ରଦାନ କଲେ ସର୍ବାଧିକ ୩ ବର୍ଷ ଜେଲ ଓ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା, ବିଜ୍ଞାପନ ପାଇଁ ୨ ବର୍ଷ ଜେଲ ଓ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା, ରଦ୍ଧ କଲେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଓ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା, ବଡ଼ ଅପରାଧକୁ ଗମ୍ଭୀର ଓ ଜାମିନ ଅଯୋଗ୍ୟ ଭାବେ ବର୍ଗୀକୃତ, ପାଳନ ନ କରିବା କ୍ଷେତ୍ରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦି ବ୍ୟବସ୍ଥା ରହିଛି।

### ଓଡ଼ିଶା...

ରାଜ୍ୟରେ ତା'ର ସଂଗଠନ ବୃଦ୍ଧି ସହ ବିଜେଡି ଉପରେ ସତର୍କ ଦୃଷ୍ଟି ରଖିଛି।

ତେବେ ପ୍ରଧାନମନ୍ତ୍ରୀ ଓ ବିଜେପିର ଅନ୍ୟ ନେତାମାନେ ଓଡ଼ିଶାକୁ ଘନ ଘନ ଗସ୍ତ କରିବା ସହିତ ରାଜ୍ୟ ପାଇଁ ବହୁ କେନ୍ଦ୍ରୀୟ ଯୋଜନା ଅନୁମୋଦନ କରିବାରେ ଲାଗିଛନ୍ତି। ଏହାଦ୍ୱାରା ରାଜ୍ୟରେ ବିଜେପି ତା'ର ସଂଗଠନ ବୃଦ୍ଧି ପାଇଁ ଲାଗିପଡ଼ିଛି। ଅନ୍ତତଃ ପକ୍ଷେ ଆଗାମୀ ପୌର, ପଞ୍ଚାୟତ ଆଦି ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବା ସହ ଓଡ଼ିଶାରେ କଂଗ୍ରେସର ବଢୁଥିବା ପ୍ରଭାବରେ ବ୍ରେକ୍ ଦେବା ମତଲବରେ ବିଜେପି ରହିଛି। କାରଣ ସମଗ୍ର ଦେଶରେ ଏବେ କଂଗ୍ରେସର ଲୋକପ୍ରିୟତା ବୃଦ୍ଧି ପାଉଥିବାବେଳେ ଏହାର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ପଡୁଛି। ତେଣୁ ଜାତୀୟ ସ୍ତରରେ ବିଜେପି କଂଗ୍ରେସକୁ ଯେଭଳି ମୁକାବିଲା କରୁଛି, ଓଡ଼ିଶାରେ ମଧ୍ୟ ଅନୁରୂପ ମୁକାବିଲା କରିବାକୁ ଦଳ ରଣନୀତି ପ୍ରସ୍ତୁତ କରୁଛି।

ଅନ୍ୟ ପକ୍ଷରେ ବିଜେଡି ଏବେ ବିଭିନ୍ନ ପ୍ରସଙ୍ଗ ନେଇ ରାଜ୍ୟର ବିଜେପି ସରକାରକୁ ଘେରିବାରେ ଲାଗିଛି। ପ୍ରତ୍ୟେକ ପ୍ରସଙ୍ଗରେ ବିଜେଡି ପ୍ରଭାବିତଙ୍କ ନିକଟରେ ପହଞ୍ଚିବାରେ ଲାଗିଛି। ପ୍ରାୟତଃ ପ୍ରତ୍ୟେକ ଦିନ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କୁ ସମାଲୋଚନା କରୁଥିବାବେଳେ କଂଗ୍ରେସଠାରୁ ମଧ୍ୟ ସମଦୂରତ୍ୱ ରଖୁଛି। ତେବେ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି କେଉଁ ନୀତି ଅବଲମ୍ବନ କରିବ, ତା' ଉପରେ ଏବେ ସମସ୍ତଙ୍କ ନଜର। ଏସବୁ ସତ୍ତ୍ୱେ ବି ଦୁଇ ଜାତୀୟ ଦଳ ବିଜେପି ଓ କଂଗ୍ରେସ ଓଡ଼ିଶା ଉପରେ ଫୋକସ୍ କରିବା ଫଳରେ ରାଜ୍ୟ ରାଜନୀତି ଆଗାମୀ ଦିନରେ ଆହୁରି ରୋଚକ ହେବ ବୋଲି ଆକଳନ କରାଗଲାଣି।

### ୧୫ରୁ...

ପ୍ରସଙ୍ଗରେ ଓ ଆଜି ଶ୍ରୀମନ୍ଦିର ପରିଦର୍ଶନ ଓ ଯାଞ୍ଚ ପରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ତି ଯେ ମନ୍ଦିରର ଆନନ୍ଦ ବଜାର ଭିତରେ ଏକ ପୁଲିସ ପୋଷ୍ଟ ଖୋଲାଯିବ। ଉକ୍ତ ପୋଷ୍ଟରେ ମୁତୟନ ହେବାକୁ ଥିବା ପୁଲିସ ମନ୍ଦିର ଭିତରର ବିଭିନ୍ନ ସ୍ଥାନ ଉପରେ କଡ଼ା ନଜର ରଖିବ। ପୁରୀ ଏସପିଙ୍କ ସହ ମନ୍ଦିର ଭିତରକୁ ଯାଇ ସମସ୍ତ ପ୍ରକାର ଯାଞ୍ଚ କରାଯାଇଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଏହାଛଡ଼ା ମନ୍ଦିର ଭିତରେ ଥିବା ବିଭିନ୍ନ ମୁଖ୍ୟ ମନ୍ଦିରରେ ଅଧିକ ଫୋର୍ସ ମୁତୟନ କରାଯିବ ବୋଲି ଶ୍ରୀ ପାଢ଼ୀ ଓ ପୁରୀ ଏସପି କହିଛନ୍ତି। ସେହିପରି ଧାଡ଼ି ଦର୍ଶନ ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଏହି ବ୍ୟବସ୍ଥା ପାଇଁ ମନ୍ଦିର ପ୍ରଶାସନ ପ୍ରସ୍ତୁତ ହୋଇସାରିଛି। ତେଣୁ ଧାଡ଼ି ଦର୍ଶନ ଖୁବ୍‌ଶୀଘ୍ର ଆରମ୍ଭ ହେବ। ମନ୍ଦିର ପରିଚାଳନା କମିଟି ଗଠନ ଆସନ୍ତା ୪ ତାରିଖ ସୁଦ୍ଧା ସମାପ୍ତ ହେବ। ଏହାପରେ ବୈଠକ ବସିବ ଏବଂ ସେପ୍ଟେମ୍ବର ୧୫ରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଭକ୍ତମାନେ ସୁଗମ ଭାବେ ଦେବତାଙ୍କ ଦର୍ଶନ କରିପାରିବେ। ଏହାଦ୍ୱାରା ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ ଓ ଦର୍ଶନାର୍ଥୀଙ୍କ ପାଇଁ ଏହା ସହଜ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ୩ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ

- ପେନସନ ବନ୍ଦ ସହ ଚାକିରି ହରାଇବେ

**ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ):** ଶୁକ୍ରବାର ଲାଞ୍ଚ ଏବଂ ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ମାମଲାରେ ୩ ଜଣ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛି ଓଡ଼ିଶା ଭିଜିଲାନ୍ସ ବିଭାଗ। ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ତହସିଲ ଅନ୍ତର୍ଗତ ସୋଲ ରାଜସ୍ୱ ସର୍କଲର ପୂର୍ବତନ ଆରଆଇ (ବର୍ତ୍ତମାନ ଅବସରପ୍ରାପ୍ତ) ବସନ୍ତ କୁମାର ମିଶ୍ର ଏବଂ ପୂର୍ବତନ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ଶିଶିର କୁମାର ବେହେରାଙ୍କୁ ସୁନ୍ଦରଗଡ଼ର ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଦୋଷୀ ସାବ୍ୟସ୍ତ କରିଛନ୍ତି। ବସନ୍ତ କୁମାର ମିଶ୍ର ଚାକିରିରୁ ଅବସର ନେଇଥିବା ବେଳେ, ଶିଶିର କୁମାର ବେହେରା ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ତହସିଲର ଏଆର୍‌ଆଇ ଭାବେ କାର୍ଯ୍ୟରତ ଅଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟ ପ୍ରତ୍ୟେକଙ୍କୁ ୪ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

## ମୋବାଇଲ ଟାୱାରରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି

**ବାରିପଦା,୨୨।୮(ସଂଚାର ବ୍ୟୁରୋ):** ବାରିପଦା ସହର ଉପକଣ୍ଠ ନିଚୁଆପଦା ଅଞ୍ଚଳରେ ମୋବାଇଲ ଟାୱାରରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି ହୋଇଛି। ଏନେଇ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ଟାୱାର ଠିକ ଭାବେ କାର୍ଯ୍ୟ କରୁନଥିବାରୁ ଯାଞ୍ଚ୍ ପ୍ରକ୍ରିୟା କରିଥିଲେ। ଯାହାକୁ ନେଇ ଯାଞ୍ଚ୍ କରିବାରୁ ଟାୱାରରେ ବ୍ୟାଟେରୀ ନଥିଲା। ଦୁର୍ବୃତ୍ତ ମାନେ ୪୩ଟି ବଡ଼ ବ୍ୟାଟେରୀ ଚୋରି କରିଥିବା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ବ୍ୟାଟେରୀର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅଟେ। ତେବେ ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ବାରମ୍ବାର ମୋବାଇଲ ଟାୱାରରୁ ବ୍ୟାଟେରୀ ଚୋରି ହେଉଛି।

## ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ଠକେଇ, ଜଣେ ଗିରଫ

**ହିଞ୍ଜିଳିକାଟୁ,୨୨।୮ (ସଂଚାର ବ୍ୟୁରୋ):** ନିଜକୁ ହିଞ୍ଜିଳିକାଟୁ ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜର କହି ୨୦୨୫ ଜୁନ ୬ ତାରିଖରେ ଚାନ୍ଦୁଲି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ସାଇବ ସାହୁଙ୍କୁ ଠାରୁ ଟଙ୍କା ଠକେଇ ଘଟଣାରେ ହିଞ୍ଜିଳି ପୁଲିସ ବ୍ରହ୍ମପୁର ନିମଖଣ୍ଡି ଥାନା ଶକ୍ତି ନଗର ଅଞ୍ଚଳର ସନ୍ତୋଷ ବେହେରା (୫୦)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ଠାରୁ ମୋଟର ସାଇକେଲ ଓ ୨୦ହଜାର ୫ଶହ ଟଙ୍କା ଜବତ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରାଯାଇଛି।

## ମହାତ୍ମା ଗାନ୍ଧି ମହାବିଦ୍ୟାଳୟରେ ଆଇନ ସଚେତନତା ଓ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




**ବୈଶିଙ୍ଗା,୨୨।୮ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ନାରୀ ସୁରକ୍ଷା ପାଇଁ ଆଇନ ସଚେତନତା ଓ ମାନସିକ ସ୍ୱାସ୍ୟ ସଚେତନତା ପାଇଁ ସରକାରଙ୍କ ତରଫରୁ ପ୍ରତ୍ୟେକ ସ୍କୁଲ କଲେଜ ମାନଙ୍କରେ ପୋଲିସ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି । ଏହି ଉପଲକ୍ଷେ ବୈଶିଙ୍ଗୀ ସ୍ଥିତ ମହାତ୍ମାଗାନ୍ଧୀ ଡିଗ୍ରୀ ମହାବିଦ୍ୟାଳୟରେ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ମମତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସର ଅତିରିକ୍ତ ଅଧିକ୍ଷକ ସବିତା ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମହିଳା ତଥା ବାଳିକା/ବାଳକ ମାନଙ୍କ ପାଇଁ ଭାରତୀୟ ନ୍ୟାୟ ସଂହିତାରେ ଥିବା ବିଭିନ୍ନ ଆଇନ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଏସପି ମମତା ସାହୁ, ଡିଏସପି ନିରୁପମା ମଲ୍ଲିକ, ଏସ୍ ଡି ପି ଓ ମିନତୀ ବିଶ୍ୱାଳ, ଆଇ ଆଇ ସି ପ୍ରକାଶ ରଥ, ସାଇବର ଇନିସପେକଟର ପ୍ରଦୀପ ମାଝୀ ତଥା ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ପ୍ରମୁଖ ଉପସ୍ଥିତ ଆଇନ ସଚେତନତା ସମ୍ପର୍କରେ ବିଶଦ ଆଲୋଚନା କରିବା ସହିତ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ପିଲାମାନଙ୍କ ମନୋବଳ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ/ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

### ଚଣ୍ଡିଖୋଲକୁ ଏନଏସି ଘୋଷଣା କରିବାକୁ ବିଜେଡିର ଦାବି

## ଦାବି ପୂରଣ ନ ହେଲେ ୧୫ ଦିନ ପରେ ଜାତୀୟ ରାଜପଥ ଅବରୋଧ

**ଧର୍ମଶାଳା,୨୨।୮ (ସଂଚାର ବ୍ୟୁରୋ):** ନିକଟରେ ରାଜ୍ୟ ସରକାର ୭ଟି ଜିଲାରେ ୧୨ଟି ନୂତନ ଏନଏସି ଘୋଷଣା କରିଛନ୍ତି। ସେଥିରୁ ଯାଜପୁର ଜିଲା ସମ୍ପୂର୍ଣ୍ଣଭାବେ ବାଦ୍ ପଡ଼ିଛି। ଏହି କ୍ରମରେ ଯାଜପୁର ଜିଲାର ଚଣ୍ଡିଖୋଲକୁ ଏନଏସି ଦାବି ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ପୂର୍ବ ସରକାର ଚଣ୍ଡିଖୋଲକୁ ଏନଏସି ଘୋଷଣା କରିଥିଲେ। ନୂତନ ସରକାର ଆସିବା ପରେ ଏବେ ଚଣ୍ଡିଖୋଲ ବାଦ୍ ପଡ଼ିବା ଫଳରେ ଏହାର ଦୃଢ଼ ପ୍ରତିବାଦ କରିଛି ବିଜେଡି। ଆଜି ଚଣ୍ଡିଖୋଲ ଛକ ନିକଟସ୍ଥ ବୁଦ୍ଧ ପ୍ରତିମୂର୍ତ୍ତି ନିକଟରେ ଶହଶହ ବିଜେଡି ନେତା ଓ କର୍ମୀ ଏକତ୍ର ହୋଇ ହୋଇ ଏହାର ପ୍ରତିବାଦ କରିଛନ୍ତି। ବିଜୁ ଜନତା ଦଳର ସଭାପତି ତାପସ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ବଡଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲାଦ ନନ୍ଦ, କୈଳାସ ଚନ୍ଦ୍ର ରାଉତ, ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ମାନ ଗୋବିନ୍ଦ ସେଠୀ, ଯୁବନେତା ଦିଲୀପ ରାଉତ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଅମର ମହାନ୍ତି, ଓ ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇ ପ୍ରତିବାଦ କରିଥିଲେ।

## ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଡେପୁଟି କଲେକ୍ଟରଙ୍କ ସଫଳତା

**ବାରିପଦା,୨୨।୮ (ସଂଚାର ବ୍ୟୁରୋ):** ଭାରତୀୟ ଶକ୍ତି ଉତୋଳନ ସଂଘ ଆନୁକୂଲ୍ୟରେ ଝାରଖଣ୍ଡର ଜାମଶେଦପୁର ଠାରେ ଆୟୋଜିତ ଜାତୀୟ ଶକ୍ତି ଉତୋଳନ ପ୍ରତିଯୋଗିତାରେ ଡେପୁଟୀ କଲେକ୍ଟର ସଫଳତା ଅର୍ଜ୍ଜନ କରିଛନ୍ତି। ଡଃ. ଶୁଭଙ୍କରୀ ସ୍ୱଦେଶନା ଦାଶ ମହିଳା ୬୩ କିଲୋ ବର୍ଗ ବେଞ୍ଚ ପ୍ରେସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଯାହାକୁ ନେଇ ତାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି। ଜିଲ୍ଲାରୁ ୩ ଜଣ ଖେଳାଳୀ ୪ଟି ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଅଗଷ୍ଟ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ସତ୍ୟବାନ ଜେନା ୯୩ କିଲୋ ବର୍ଗରେ ସ୍ୱର୍ଣ୍ଣ, ବିକ୍ରମ ବେହେରା ୮୩ କିଲୋ ବର୍ଗରେ ସ୍ୱର୍ଣ୍ଣ ଓ ବେଞ୍ଚ ପ୍ରେସରେ ବ୍ରୋଞ୍ଜ, ଶୁଭଙ୍କରୀ ସ୍ୱଦେଶନା ଦାଶ ମହିଳା ବର୍ଗ ୬୩ କିଲୋ ବେଞ୍ଚ ପ୍ରେସ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ପପୁ ବିଶ୍ୱାଳ ଓ ମୋନାଲିଶା ପାତ୍ର ଯଥା କ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ବ୍ରୋଞ୍ଜ ପଦକ ହାସଲ କରିଥିବା ଶୁଭଙ୍କରୀ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟୀ କଲେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି। ବ୍ୟସ୍ତତମ କର୍ମମୟ ଜୀବନ ଭିତରୁ ସମୟ ବାହାର କରି ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଜଣେ ସଫଳ କ୍ରୀଡ଼ାବିତ ଭାବେ ବେଶ ସୁନାମ ଅର୍ଜନ କରିପାରିଛନ୍ତି। ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ଓ ସମସ୍ତ ସହକାରୀ ବୃନ୍ଦ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ପୂର୍ବରୁ ମଧ୍ୟ ରାଉରକେଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିସାରିଛନ୍ତି। ଏହି ସଫଳତା ପାଇଁ ସେ ନିଜ କୋଚ ବିକ୍ରମ ବେହେରାଙ୍କୁ ସମସ୍ତ ଶ୍ରେୟ ଦେବା ସହ ନିଜ ପରିବାରବର୍ଗଙ୍କ ସମେତ ସମସ୍ତ ସହକାରୀ କର୍ମଚାରୀଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଅଗ୍ନିବିପନ୍ନଙ୍କୁ ପିକକ୍ ପକ୍ଷରୁ ସହାୟତା



**ବାଲିଅନ୍ତା,୨୨।୮ (ସଂଚାର ବ୍ୟୁରୋ):** ଅଗ୍ନିକାଣ୍ଡରେ ବାଲିଅନ୍ତା ବ୍ଲକ୍ ଓ ବାଲିଅନ୍ତା ପଞ୍ଚାୟତ ଅନ୍ତର୍ଗତ ତିରଣପଦା ଗ୍ରାମର ନଗେନ ଦାସଙ୍କ ଘର ସମେତ ସମସ୍ତ ସାମଗ୍ରୀ ପୋଡ଼ି ଯାଇଛି। ସେମାନେ ବେସାହାର ଓ ବେଘର ହୋଇଯାଇଛନ୍ତି। ଘରେ ତାଙ୍କର ୮୦ବର୍ଷର ବୃଦ୍ଧା ମାଆ, ପୁଅ, ଝିଅ ଅଛନ୍ତି। ସେମାନଙ୍କୁ ଦୁଃଖରୁ ବାହାର କରିବା ପାଇଁ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ ସେଣ୍ଟର୍ (ପିକକ) ପକ୍ଷରୁ ପିକକ୍ ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପିକକ୍ କର୍ମଚାରୀ ବିଭିନ୍ନ ରୋଷେଇ ସାମଗ୍ରୀ ଯଥା- ହାଣ୍ଡି, କଡ଼େଇ, ଡିବ୍ବି, ତାୱା, ବାଲ୍ଟି ,ପିଠା ଖଡ଼ିକା, ଚାମଚ୍, ଡଙ୍କି, ଗ୍ଲାସ୍, ତାଟିଆ, ଥାଳିଆ, କଂସା, ଟ୍ରେ, ରୁଟି ସେକା, ପନିକି, ସପ, ମଗ, ମସୁରୀ, ବେଡସିଟ, ଚୂଡ଼ା, ଗୁଡ, ବିସ୍କୁଟ ଇତ୍ୟାଦି ଯୋଗାଇ ଦେଇଛନ୍ତି। ଏଥିରେ ପିକକ୍‌ର ବ୍ଲକ୍ ସଂଯୋଜିକା ଉପମା ମହାନ୍ତି ଓ ଆଲ୍ପନା ଦାସ ସହଯୋଗ କରିଥିଲେ।

### ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ

## ଅସ୍ଥିଶଲ୍ୟ ବିଭାଗ ଲିଫ୍ଟ ଅଚଳ




**ହିଞ୍ଜିଳିକାଟୁ,୨୨।୮ (ସଂଚାର ବ୍ୟୁରୋ):** ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟର ଅବ୍ୟବସ୍ଥା ସୁଧୁରୁନି। ଦିନକୁ ଦିନ ସମସ୍ୟା ବଢ଼ିଚାଲିଛି। ଅସ୍ଥିଶଲ୍ୟ ବିଭାଗର ଲିଫ୍ଟ ବହୁ ଦିନ ହେଲା ଅଚଳ ହୋଇପଡିଛି। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସ୍ଥିଶଲ୍ୟ ବିଭାଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଲିଫ୍ଟ ଖରାପ ହେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବୃଦ୍ଧାବୃଦ୍ଧ କିମ୍ବା ଜରୁରୀ ଗୁରୁତର ରୋଗୀଙ୍କୁ ଉପର ମହଲାକୁ ନେବା ଆଣିବା ବେଳେ ସମସ୍ୟା ହେଉଛି। ଡାକ୍ତରଖାନାରେ ଲିଫ୍ଟ ଅଚଳ ଥିବାରୁ ଅସ୍ଥିଶଲ୍ୟ ବିଭାଗକୁ ଆସୁଥିବା ରୋଗୀଙ୍କୁ ଶିଡ଼ିରେ ନେବାକୁ ନାକେଦମ ହେଉଛନ୍ତି ତାଙ୍କ ସମ୍ପର୍କୀୟ।

ବହୁ ସମୟରେ ରୋଗୀଙ୍କୁ ଶିଡ଼ିରେ ନେବା ସମୟରେ ଛୋଟମୋଟ ଦୁର୍ଘଟଣା ବି ଘଟୁଛି।

### ରୋଗୀ ଓ ସମ୍ପର୍କୀୟ ନାକେଦମ୍

ବିଡ଼ମ୍ବନାର ବିଷୟ, ଅଭିଯୋଗ ପରେ ବି ସଜଡ଼ା ହେବା ଦିଗରେ ଗୁରୁତ୍ୱ ଦିଆଯାଉନାହିଁ। ମେଡ଼ିକାଲକୁ ଆସୁଥିବା ରୋଗୀଙ୍କ ସୁବିଧା ନିମନ୍ତେ କୋଠାରେ ଲିଫ୍ଟ ସ୍ଥାପନ ହୋଇଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଯେଉଁ ଉଦ୍ଦେଶ୍ୟରେ ଏହାକୁ ସ୍ଥାପନ କରାଯାଇଛି ତାହା ଏବେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଓ କର୍ମଚାରୀଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରୁଛି।

ଉକ୍ତ ଲିଫ୍ଟ ଅଚଳ ହୋଇପଡୁଥିବା ବାରମ୍ବାର ଅଭିଯୋଗ ପରେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। କେବଳ ଚିଠି ଲେଖି ଦେଇ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ସାରି ଦେଉଛନ୍ତି। ଏହା ସହ ଅନ୍ୟ ବିଭାଗ ଉପରେ ଦୋଷ ଲଦି ଦେଇ ନିଜେ ନୀରବ ରହିଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏଥିରେ ବିଳମ୍ବ ନକରି ତୁରନ୍ତ ଏହା ଉପରେ ପଦେକ୍ଷପ ନେଇ ଏହାର ସମାଧାନ କରିବା ନିମନ୍ତେ ଦାବି ହୋଇଛି।

## ପତ୍ନୀହନ୍ତା ହାତରେ ପଡ଼ିଲା ହାତକଡ଼ି

● ମହିଳାଙ୍କ ମୃତ୍ୟୁର ରହସ୍ୟ ଘେରରେ



**କାକଟପୁର/ଅସ୍ତରଙ୍ଗ,୨୨।୮ (ସଂଚାର ବ୍ୟୁରୋ):** ନିଖୋଜର ଚାରି ଦିନ ପରେ ମହିଳାଙ୍କ ଗଳିତ ମୃତଦେହ ଦେବୀ ନଦୀ କୂଳରୁ ମିଳିବା ପରେ ବଢ଼ିଛି ସସ୍ପେନ୍ସ। ମହିଳାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହାକୁ ନେଇ ଦ୍ୱିତୀୟ ଦିନରେ ପୁରୀ ସାଇଣ୍ଟିଫିକ ଟିମ୍ ସହ ପୁଲିସ ଶାଶୁଘର ଲୋକଙ୍କୁ ଘଣ୍ଟା ଘଣ୍ଟା ଜେରା କରିଛି। ଅନ୍ୟ ପଟେ ଲିଲିପ୍ରଭା ନାୟକଙ୍କ ସ୍ୱାମୀ ଅଜୟ ନାୟକ ଗୁରୁବାର ଠାରୁ ଅସ୍ତରଙ୍ଗ ଥାନାରେ ଅଟକ ଥିବା ବେଳେ ଥାନା କେଶ ନମ୍ବର ୧୭୨/୨୫ରେ ମାମଲା ରୁଜୁ କରି ଅଦାଲତ ଚାଲାଣ ହୋଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ବୋଲି ଅସ୍ତରଙ୍ଗ ଥାନା ପକ୍ଷରୁ ସୂଚନା ମିଳିଛି। ଯାହା ସୂଚନା ମିଳିଛି ପୋଷ୍ଟବଟମ ରିପୋର୍ଟ ଓ ସାଇଣ୍ଟିଫିକ ରିପୋର୍ଟ ଆସିବା ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ଜଣାପଡିଛି।

## ପୁଣି ତେଜିଲା ବଲାଙ୍ଗିରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଆନ୍ଦୋଳନ ଦାବି

**ବଲାଙ୍ଗିର,୨୨।୮ (ସଂଚାର ବ୍ୟୁରୋ):** ଶିଳ୍ପ ବିହିନ ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲାରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷରୁ ଦାବୀ ହୋଇ ଆସୁଅଛି। ବର୍ତ୍ତମାନ ସମ୍ବଲପୁର ଠାରେ କୃଷି ବିଶ୍ୱବିଦ୍ୟାଳୟ ଏବଂ ବଲାଙ୍ଗିର ଠାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନୀତିଗତ ଭାବେ ଘୋଷଣା କରିବା ପ୍ରସଙ୍ଗ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାର ପ୍ରତିକ୍ରିୟା ସ୍ୱରୁପ ବଲାଙ୍ଗିରରେ ବ୍ୟାପକ ଆଲୋଡନ ସୃଷ୍ଟି ହୋଇ ସମ୍ପୃକ୍ତ ଘୋଷଣାନାମାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏହାର ପ୍ରତିବାଦରେ ବଲାଙ୍ଗିର ବୁଦ୍ଧିଜିବିମାନଙ୍କ ପକ୍ଷରୁ ସ୍ଥାନୀୟ ଭାଗିରଥି ଛକ ଠାରେ ଏକ ପଥପ୍ରାନ୍ତ ସଭାରେ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତା ଶିକ୍ଷାବିତ, ସାମାଜିକ କର୍ମୀ, ଦଳମତ ବର୍ଣ୍ଣ ନିର୍ବିଶେଷରେ ଏକତ୍ରିତ ହୋଇ ବଲାଙ୍ଗିର ଜିଲ୍ଲାର ନ୍ୟାର୍ଯ୍ୟ ଦାବୀ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୃଢ଼ ଦାବୀ ଜଣାଇ ଜିଲ୍ଲାରେ ଏହି ପ୍ରକଳ୍ପର ଭିତିଭୂମି ସମ୍ପର୍କିତ ବିଷଦ ଆଲୋକପାତ କରିଥିଲେ। ବଲାଙ୍ଗିର ଜିଲ୍ଲାରେ ଏହି ପ୍ରକଳ୍ପ ପ୍ରତିଷ୍ଠା ନ ହେଲେ ବ୍ୟାପକ ଆନ୍ଦୋଳନର ସୂତ୍ରପାତ ହେବ ବୋଲି ବକ୍ତା ସମୂହ ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିରେନ୍ଦ୍ର ବନଛୋର, ଆଇନଜୀବୀ ରତନ ମହାରଣା, ଶିକ୍ଷାବିତ୍ କିଶୋର ପାଣିଗ୍ରାହୀ, ବାମପନ୍ଥୀ ନେତା ଅଶୋକ ମିଶ୍ର, ସୁନିଲ ଭୋଇ, ଯୁବ ନେତା ନାଶିର ଖାନ ପ୍ରମୁଖ ଉଦ୍ ?ବୋଧନ ଦେଇ ରାଜ୍ୟ ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି। ଏହି ପଥପ୍ରାନ୍ତ ସଭାରେ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସୟେଦ ଆଫତାପ ହୁସେନ ଏବଂ ସାଜିତ ହୁସେନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସର୍ବଶ୍ରୀ ଉଦିତ ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଶର୍ମା, ମୋହନ ରଞ୍ଜନ ପାଣ୍ଡିଆ, କୁନୁ ନାୟକ, ପ୍ରଦୀପ ଗୁରୁ ପ୍ରମୁଖ ସହରର ବହୁ ବୁଦ୍ଧିଜିବୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ରକ୍ତଦାନ ମହତ ଦାନ, ରକ୍ତ ବଞ୍ଚାଏ ଶତ ଜୀବନ

### ରକ୍ତଦାନ ଶିବିର, ୮୪ୟୁନିଟ ରକ୍ତ ସଂଗୃହିତ

**କାକଟପୁର/ଅସ୍ତରଙ୍ଗ,୨୨।୮ (ସଂଚାର ବ୍ୟୁରୋ):** ବର୍ତ୍ତମାନ ସମାଜରେ ମାନବିକତା, ସ୍ନେହ, ପ୍ରେମ ବିରଳ। ଏଭଳି ପରିସ୍ଥିତି ରେ ସମସ୍ତ ଙ୍କୁ ଏକତା ସୂତ୍ରରେ ବାନ୍ଧି ଏକ ସୁସ୍ଥ ସମାଜ ଗଠନର ସଂକଳ୍ପ ନେଇଥିଲେ ପ୍ରଜାପିତା ବ୍ରହ୍ମା। ରକ୍ତ କୌଣସି ବିକଳ୍ପ ନାହିଁ। ତେଣୁ ସବୁ ଦାନ ଠାରୁ ରକ୍ତଦାନ ହେଉଛି ସର୍ବଶ୍ରେଷ୍ଠ ଦାନ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସବୁଜ ଶାଖା "ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଅସ୍ତରଙ୍ଗ ଶାଖା ଆନୁକୂଲ୍ୟରେ ରେ ଦାଦି ପ୍ରକାଶ ମଣିଜୀ ଙ୍କ ୮ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବିଶାଳ ରକ୍ତଦାନ ଶିବିର ରେ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ରାଜଯୋଗିନୀ ବ୍ରହ୍ମାକୁମାରୀ କୁନ୍ତଳା, ସମାଜସେବୀ ଦୁଷ୍ମନ୍ତ କୁମାର ପରିଡ଼ା, ସତ୍ୟବ୍ରତ ଲେଙ୍କା, ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିର ରେ ମୋଟ ୮୪ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କୁହାଯାଏ ରକ୍ତଦାନ ମହାପୂଣ୍ୟ। ରକ୍ତଦାନ କରିବା ଦ୍ୱାରା ଜଣଙ୍କ ଜୀବନ ବଂଚିବା ସହ ରକ୍ତଦାନ କରିଥିବା ଲୋକ ପାଇଁ ମଧ ଏହା ଲାଭ ଦାୟକ ହୋଇଥାଏ। ରକ୍ତଦାନ କରିବା ଫଳରେ ଫଳ ଏବଂ ପନିପରିବା ଖାଇବା ଦ୍ୱାରା ଶରୀରରେ ନୂଆ ରକ୍ତ ସୃଷ୍ଟି ହୋଇଥାଏ। ଏହା ଶରୀର କୁ ସୁସ୍ଥ ରଖିଥାଏ। ଏହି ରକ୍ତଦାନ ଶିବିର କୁ ପିଙ୍କନ ପରିଡ଼ା, ମଙ୍ଗରାଜ ଓଝା, ସୋମ୍ୟ ରଞ୍ଜନ ବିଶ୍ୱାଳ, ଲିକୁ ଲେଙ୍କା ଙ୍କ ସମେତ ସବୁଜ ଶାଖାର ସଦସ୍ୟ ମାନେ ସହଯୋଗ କରିଥିଲେ।




## ରୋଶନି ଧନ୍ଦାମୂଳକ ତାଲିମ କେନ୍ଦ୍ରରେ ବିଶ୍ୱ ଉଦ୍ୟୋଗୀ ଦିବସ




**ଖୋର୍ଧା,୨୨।୮ (ସଂଚାର ବ୍ୟୁରୋ):** ଖୋର୍ଧାସ୍ଥିତ ରୋଶନି ଧନ୍ଦାମୂଳକ ତାଲିମ କେନ୍ଦ୍ରରେ ଟିପିସିଓଡିଏଲ୍ ସହାୟତାରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମୁଭମେଣ୍ଟ ଫର୍ ଅର୍ବାନାଇଜେସନ୍ ଦ୍ୱାରା ଆକାଂକ୍ଷୀ ଉଦ୍ୟୋଗୀଙ୍କୁ ପ୍ରେରଣା ଏବଂ ସଶକ୍ତ କରିବା ପାଇଁ ଆୟୋଜିତ ହୋଇଥିଲା।

ଏହି ଅବସରରେ ମୁଖ୍ୟ ଅତିଥି ଭୁବନେଶ୍ୱରର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ସଂଯୋଜକ ଏବଂ ବିଭାବାରୀ କ୍ରିଏସନ୍ସର ପରିଚାଳନା ନିର୍ଦ୍ଦେଶକ ଚୌଧୁରୀ ଜ୍ୟୋସ୍ନା ଦାସ। ମୁଭମେଣ୍ଟ ଫର୍ ଅର୍ବାନାଇଜେସନ୍ର ସଚିବ ଶ୍ରୀ ସତ୍ୟ ନାରାୟଣ ମିଶ୍ରଙ୍କ ସହିତ ତାଙ୍କର ଆନୁଷ୍ଠାନିକ ପରିଚୟ ହୋଇଥିଲା। ତାଙ୍କ ମୁଖ୍ୟ ଭାଷଣରେ, ଚୌଧୁରୀ ଜ୍ୟୋସ୍ନା ଦାସ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଆଗ୍ରହର ସହିତ ସେମାନଙ୍କର ସ୍ୱପ୍ନକୁ କିପରି ଅନୁସରଣ କରିବେ ସେ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ସେ କଠିନ ପରିଶ୍ରମ, ସମର୍ପଣ, ସଠିକ୍ ସମୟର ଉପଯୋଗ ଏବଂ ଉଦ୍ୟୋଗୀ ସଫଳତା ପାଇଁ ଅତ୍ୟାବଶ୍ୟକ ଉପକରଣ ଭାବରେ ନିରନ୍ତର ଆତ୍ମ-ଉନ୍ନତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ପ୍ରେରଣାଦାୟକ କଥା ପ୍ରଶିକ୍ଷାର୍ଥୀମାନଙ୍କୁ ଉଚ୍ଚ ଲକ୍ଷ୍ୟ ସ୍ଥିର କରିବାକୁ ଏବଂ ସେଗୁଡ଼ିକୁ ହାସଲ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିବାକୁ ଉତ୍ସାହିତ କରିଥିଲା। ଅଧିବେଶନଟି ଏକ ଆନ୍ତରିକ ପ୍ରଶ୍ନୋତ୍ତର ସହିତ ଶେଷ ହୋଇଥିଲା, ଯେଉଁଠାରେ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କର ଆକାଂକ୍ଷା ପ୍ରକାଶ କରିଥିଲେ ଏବଂ ସମ୍ମାନିତ ବ୍ୟକ୍ତିମାନଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ପାଇଥିଲେ।

## କୁଲା, କଳସ ଓ ମୁଖାଙ୍କନ ଦ୍ୱାରା ଆଇନଗତ ସଫେଇ ସଚେତନତା




**ବ୍ରହ୍ମପୁର,୨୨।୮(ସଂଚାର ବ୍ୟୁରୋ):** ବ୍ରହ୍ମପୁର ଗେଟବଜାର ଏବଂ ଗୋଲାପଲ୍ଲୀ ସାହିରେ ପ୍ରମୁଖ ପରିମଳ କର୍ମଚାରୀ ବସବାସ କରୁଥିବା ଅଞ୍ଚଳରେ ମହାନଗର ନିଗମ ପକ୍ଷରୁ ଗରିମା ଯୋଜନା ଅନ୍ତର୍ଗତ ଆଇନଗତ ସଫେଇ ସୁରକ୍ଷିତ ସଫେଇ ଅଭିଯାନର ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଏଥିରେ କୁଲା, କଳସ ଏବଂ ମୁଖାଙ୍କନ ମାଧ୍ୟମରେ ପରିମଳ କର୍ମଚାରୀ ଓ ଅଧିକାରୀମାନେ ଗରିମା ଯୋଜନା ଏବଂ ଟୋଲ୍ ଫ୍ରି ନମ୍ବର ୧୪୪୨୦ର ପ୍ରଚାର କରିଥିଲେ। ପ୍ରମୁଖ ପରିମଳ କର୍ମୀଙ୍କ ସୁରକ୍ଷା ଏବଂ ସମ୍ମାନ ପାଇଁ ଏହି ଯୋଜନା କାମ କରୁଛି। ପାଇଖାନା ଟାଙ୍କି ସଫା ପାଇଁ କେବଳ ସ୍ୱୀକୃତିପ୍ରାପ୍ତ ସେସପୁଲ ଗାଡି ଏବଂ ତାଲିମ ପ୍ରାପ୍ତ ପରିମଳ କର୍ମଚାରୀ ନିୟୋଜିତ କରିବା ବାବଦରେ ଲୋକମାନଙ୍କୁ ବୁଝାଇବା ଏହି ଅଭିଯାନର ଲକ୍ଷ୍ୟ। ଏପରିକି ଅଣ ସ୍ୱୀକୃତିପ୍ରାପ୍ତ ସେସପୁଲ ଗାଡି କିମ୍ବା ଅଣ ତାଲିମ ପ୍ରାପ୍ତ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରି ପାଇଖାନା ଟାଙ୍କି ସଫା କରାଇବା ଏକ ଦଣ୍ଡନୀୟ ଅପରାଧ ବୋଲି ମଧ ପ୍ରତିଦିନ ଲୋକମାନଙ୍କୁ ସଚେତନ କରାଯାଉଛି। ପ୍ରଥମ ଥର ଅପରାଧ ପାଇଁ ଦୁଇ ଲକ୍ଷ ଟଙ୍କା ଜରିମାନା ବା ଦୁଇ ବର୍ଷ ଜେଲ୍ ଏବଂ ଅପରାଧ ଦୋହରାଇଲେ ପାଞ୍ଚ ବର୍ଷ ଯାଏଁ ଜେଲ ବା ପାଞ୍ଚ ଲକ୍ଷ ଟଙ୍କା ଜରିମାନା ବିଧାନ ଅଛି ବୋଲି ପ୍ରଚାର କରାଯାଉଛି। କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି କମିଶନର କଲ୍ୟାଣୀ ସଙ୍ଘମିତ୍ରା ଦେବୀ ଏବଂ ଆଶୀର୍ବାଦ ପରିଡ଼ା, ତଥା ଗରିମାର ଆଞ୍ଚଳିକ ସଂଯୋଜକ ରବୀନ୍ଦ୍ର ନାହାକ ଏହି ସଚେତନତା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସ୍ଥାନୀୟ କର୍ପୋରେଟର ଦୁର୍ଗା ଲାୟକ ଏବଂ ଆରତୀ ତନ୍ତୀ , ପରିମଳ ନିରୀକ୍ଷକ ମନୋଜ ପାଢୀ, ଗୋଷ୍ଠୀ ସଂଯୋଜିକା ସ୍ମିତା ଦାସ, ସୁସ୍ମିତା ପଟ୍ଟନାୟକ, ପରିମଳ ବିଶେଷଜ୍ଞଗଣ, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ ବହୁ ସଂଖ୍ୟାରେ ପରିମଳ କର୍ମଚାରୀ ଯୋଗ ଦେଇଥିଲେ। କେତେକ ସେବାନିବୃତ୍ତ ପରିମଳ କର୍ମଚାରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଅଗଷ୍ଟ ପନ୍ଦର ତାରିଖରୁ ଆରମ୍ଭ ହୋଇଥିବା ଏହି ବ୍ୟାପକ ସଚେତନତା ଅଭିଯାନ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଖଟିଆରେ ରୋଗୀ ବୁହା ହେବା ପରେ ଚେତିଲା ପ୍ରଶାସନ, ରାସ୍ତା କାର୍ଯ୍ୟ ଆରମ୍ଭ

**ନୀଳଗିରି,୨୨।୮ (ସଂଚାର ବ୍ୟୁରୋ):** ଗତ ଗୁରୁବାର ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ଅନ୍ତର୍ଗତ ଡେଉଁଚଖାଲ ଗ୍ରାମରେ କଚ୍ଚା ରାସ୍ତା ଯୋଗୁଁ ଗାଁରେ ପହଞ୍ଚି ପାରିଲାନଥିଲା ଆମ୍ବୁଲାନ୍ସ। ଫଳରେ ଲୋକମାନଙ୍କ ସହାୟତାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଲେ ରୋଗୀ। ଡେଉଁଚଖାଲ ଗ୍ରାମର ରୂପି ସିଂ (୬୦)ଙ୍କ ଦେହ ଅସୁସ୍ଥ ହେବାରୁ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଏକ ଖଟିଆରେ ବୋହି କାଦ ରାସ୍ତା ରେ ଏକ କିମି ପାର କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ଆଣିଥିଲେ। ଉକ୍ତ ଗ୍ରାମକୁ ରାସ୍ତା ସଠିକ୍ ନଥିବାରୁ ବର୍ଷା ଦିନରେ ଯାତାୟାତ କରିବାରେ



ଅସୁବିଧା ଉପୁଜି ଥାଏ। ଉକ୍ତ ଖବର ସଂଚାର ସହ ବିଭିନ୍ନ ଗଣମାଧମରେ ପ୍ରକାଶିତ ହୋଇଥିଲା। ଶୁକ୍ରବାର ଖବର ପ୍ରକାଶ ପରେ ନୀଳଗିରି ବି.ଡ଼ି.ଓ ବିକ୍ରମ କିଶୋର ପରିଡ଼ାଙ୍କ ନେତୃତରେ ୨୪ଘଣ୍ଟା ନ ପୁରୁଣୁ ଉକ୍ତ ଗ୍ରାମକୁ ଯାଇ ସିଆଡ଼ିମାଳ ସରପଞ୍ଚ ସୁରଥଚନ୍ଦ୍ର ସିଂ ଓ ସମିତି ସଭ୍ୟ ରାଜୀବ ଦାସବାବୁଙ୍କ ଉପସ୍ଥିତ ରେ ରାସ୍ତା କାର୍ଯ୍ୟ ଆରମ୍ଭ କରିଛନ୍ତି। କାଦୁଅ ରାସ୍ତା ରେ ମରମ, ରାବିସ, ପକାଇ ଯାତାୟାତ ଉପଯୋଗୀ କରିଛନ୍ତି। ଖୁବ୍ ଶୀଘ୍ର ଉକ୍ତ ରାସ୍ତାର ଉନ୍ନତି କରାଯିବ ବୋଲି ବିଡ଼ିଓ ବିକ୍ରମ କିଶୋର ପରିଡ଼ା ପରିଡ଼ା ପ୍ରକାଶ କରିଛନ୍ତି।

## ଆସିବେ ଗଜାନନ: ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ



### ଭିନ୍ନ ଭିନ୍ନ ଥିମ୍‌ରେ ସଜେଇ ହେଉଛି ପୂଜା ପେଣ୍ଡାଲ

**ହିଞ୍ଜିଳିକାଟୁ,୨୨।୮ (ସଂଚାର ବ୍ୟୁରୋ):** ଆଉ ମାତ୍ର କିଛି ଦିନର ଅପେକ୍ଷା । ଧରାପୃଷ୍ଠକୁ ଅବତରଣ କରିବେ ଗଜାନନ। ଗଜାନନଙ୍କ ଆରାଧନାରୁ ଆରମ୍ଭ ହେବ ପାର୍ବଣ ଋତୁ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ହିଞ୍ଜିଳିକାଟୁ ସହର ସମେତ ବ୍ଲକର ବିଭିନ୍ନ ସ୍ଥାନ । ସହରରେ ଛୋଟ ବଡ ହୋଇ ପ୍ରାୟ ୩୦ରୁ ଉର୍ଦ୍ଧ ମଣ୍ଡପରେ ପୂଜା ପାଇବେ ଗଜାନନ। ଏହି ପରିପ୍ରେକ୍ଷୀରେ ପୌରାଞ୍ଚଳ ସ୍ଥିତ ସୋମପୁର ଛକରେ ବିହାରର ମୂର୍ତ୍ତି କାରିଗର ମାନେ ଆସି ରାତି ଦିନ ଏକ କରି ଲାଗିଛନ୍ତି ମୂର୍ତ୍ତି ଗଢିବାରେ। ଗ୍ରାହକଙ୍କ ଚାହିଦା ମୁତାବକ ପ୍ରାୟ ଦୁଇ ମାସ ପୂର୍ବରୁ ମୂର୍ତ୍ତି ପ୍ରସ୍ତୁତ କରିଛନ୍ତି। କଞ୍ଚାମାଲ ମାଟି, ନଡ଼ା, ରଙ୍ଗ, ସୂତା ସଂଗ୍ରହ କରି ମୂର୍ତ୍ତି ଗଢ଼ା ଜାରି ରଖିଛନ୍ତି କାରିଗର । କାରିଗରଙ୍କ ତୁଳୀ ସ୍ପର୍ଶରେ ଜୀବନ୍ତ ହେଉଛି ମୂର୍ତ୍ତି । ଦୁଇ ଶହ ଟଙ୍କାଠୁ ଆରମ୍ଭ କରି ହଜାର ହଜାର ଟଙ୍କାର ରହିଛି ମୂର୍ତ୍ତି। ଏଥିସହ ଗ୍ରାହକ ଯେମିତି ଡିଜାଇନର କହିବେ ସେମିତି ମୂର୍ତ୍ତି ତିଆରି କରୁଛନ୍ତି କାରିଗର । ମୂର୍ତ୍ତି କାମ ନସରୁଣୁ ମୂର୍ତ୍ତି ବରାଦ କରିଦେଇଯାଉଛନ୍ତି ଲୋକେ ।

ସହରର ରାଜା ସାହି, ଥାନା ସାହି,ହିଞ୍ଜିଳି, ରେଗିଡ଼ି ସାହି, ମାଣିକ ନଗର, ନୂଆଗଡ଼, ଆଙ୍କୋରଡା ସମେତ ଆଖପାଖ ଅଂଚଳର ଯୁବ ଗୋଷ୍ଠୀଙ୍କ ଦ୍ୱାରା ମଣ୍ଡପରେ ମେଢ ନିର୍ମାଣ ବି ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ନିଆରା ଢଙ୍ଗରେ ଅଗ୍ରପୂଜ୍ୟଙ୍କ ଆବାହନ ପାଇଁ ଚାଲିଛି ପ୍ରତିଯୋଗିତା। ସେପଟେ ବ୍ୟବସାୟୀମାନେ ନିଜ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ବେଳେ ମୂର୍ତ୍ତି ଓ ତୋରଣ ପ୍ରସ୍ତୁତିରେ ପୂଜା ମଣ୍ଡପଗୁଡ଼ିକ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି। ବିଭିନ୍ନ ପୂଜା କମିଟି ଭିନ୍ନ ଭିନ୍ନ ଥିମ୍ ଅନୁସାରେ ମଣ୍ଡପକୁ ସଜାଇବାରେ ବ୍ୟସ୍ତ ରହିଥିବା ବେଳେ ନିଜ ମଣ୍ଡପ ଆଡକୁ ଲୋକେ ଅଧିକ ଆକୃଷ୍ଟ ହେବେ ସେ ନେଇ ଏକ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳିଛି । କିଛି ପୂଜା ମଣ୍ଡପ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରିଥିବା କହିଛନ୍ତି ।

# କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ




**କଟକ,୨୨।୮(ସଂଚାର ବ୍ୟୁରୋ):** ଐତିହାସିକ କଟକ ସହରର ବିଡାନାସୀ ମୌଜାଠାରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ କୋଠା ଜିଲ୍ଲାର ପ୍ରଶାସନିକ ବିକାଶରେ ଏକ ନୂତନ ଅଧ୍ୟାୟ ଯୋଗ କରିବ। ଦକ୍ଷ, ସ୍ୱଚ୍ଛ ଓ ନାଗରିକ ଅନୁକୂଳ ସେବା ଯୋଗାଇଦେବାରେ ଏହି କାର୍ଯ୍ୟାଳୟ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ପ୍ରସ୍ତାବିତ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ପାଞ୍ଚ ମହଲା ବିଶିଷ୍ଟ ହେବ। ଏଥିପାଇଁ ମୋଟ ୯୪ କୋଟି ୪୬ ଲକ୍ଷ ୪୪ ହଜାର ଟଙ୍କା ଖର୍ଚ୍ଚ ହେବ। ଅଢ଼େଇ ବର୍ଷ ମଧ୍ୟରେ ନୂତନ କାର୍ଯ୍ୟାଳୟର କାର୍ଯ୍ୟ ଶେଷ ହେବାକୁ ସମୟ ଧାର୍ଯ୍ୟ କରାଯାଇଛି। ସମୁଦାୟ ୫ ଏକର ୭୦ ଡିସିମିଲ ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି କାର୍ଯ୍ୟାଳୟର ସମନ୍ୱିତ କୋଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ କଟକ ସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରେ ତହସିଲ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ରାଜସ୍ୱ ପର୍ଷଦ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ମଧ୍ୟ ନିର୍ମାଣ କରାଯିବ। ଏଠାରେ ବିଭିନ୍ନ ବିଭାଗ, ଲାଇବ୍ରେରୀ, କନ୍‌ଫରେନ୍ସ ହଲ, କାଫେଟେରିଆ, ୨୦୦ ଲୋକ ବସିପାରିବା ଭଳି ଅଡିଟୋରିଅମ ବ୍ୟବସ୍ଥା ମଧ୍ୟ କରାଯାଇଛି। ସମସ୍ତ ଅତ୍ୟାଧୁନିକ ଭିତ୍ତିଭୂମି ସହ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯିବ। ଏଠାରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ସହ ଚତୁଃପାର୍ଶ୍ୱରେ ବିଭିନ୍ନ ଚାରା ରୋପଣ କରାଯାଇ ପରିବେଶ ଅନୁକୂଳ ଭିତ୍ତିଭୂମି ସୁନିଶ୍ଚିତ କରାଯିବ। ଏହି ପ୍ରକଳ୍ପ ଶେଷ ହେବା ଦ୍ୱାରା ଜନସାଧାରଣ ଗୋଟିଏ ସ୍ଥାନରେ ସମସ୍ତ ସରକାରୀ ସେବା ପାଇପାରିବେ। କଟକ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, କଟକ ସାଂସଦ ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ, ସୌଭିକ ବିଶ୍ୱାଳ, ଟାଙ୍ଗୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ଡ଼. ସୋଫିଆ ଫିରଦୋସ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଓ କଟକ ଜିଲ୍ଲାପାଳ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉପସ୍ଥିତ ଥିଲେ।

## ବିବାହକୁ ପୂରିନି ୫ ମାସ, ଚାଲିଗଲା ନବବଧୂଙ୍କ ଜୀବନ



**ଭୋଗରାଇ,୨୨।୮(ସଂଚାର ବ୍ୟୁରୋ):** ବିବାହର ୫ ମାସ ନ ପୁରୁଣୁ ଜଣେ ନବବଧୂଙ୍କୁ ଶାଶୂଘର ଲୋକେ ହତ୍ୟା କରି ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଥିବା ମୃତା ମହିଳାଙ୍କ ବାପା ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନାରେ ଗତକାଲି ରାତିରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ଭୋଗରାଇ ଥାନା ପୁଲିସ ଜଲେଶ୍ୱରପୁର ଡାକ୍ତରଖାନାରୁ ମୃତଦେହ ଜବତ କରିବା ସହ ୨୬୭/୨୫ରେ ମାମଲା ରୁଜୁ କରି ମୃତା ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ମୃତା ମହିଳା ଜଣଙ୍କ ମୌସୁମୀ ସାମଲ (୨୧) ବୋଲି ଜଣାପଡ଼ିଛି। ସେ ହାଟ ସରିଷାଗ୍ରାମର ବିଜୟ ସାମଲଙ୍କୁ ପ୍ରେମ ବିବାହ କରିଥିଲେ। କିନ୍ତୁ ମହିଳାଙ୍କ ମୃତଦେହକୁ ଜଲେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ନାରଣ ମହାନ୍ତି ପଡ଼ିଆ ଗ୍ରାମର ବ୍ରଜଗୋପାଳ କରଙ୍କ ଝିଅ ମୌସୁମୀ ଆଇଆଇଏଚ୍‌ଏସ୍ ମହାବିଦ୍ୟାଳୟରେ ଯୁକ୍ତ ୩ରେ ଅଧ୍ୟୟନ କରୁଥିଲେ। ପରିବାର ଲୋକଙ୍କ ଅଜାଣତରେ ପାଠପଢ଼ା ସମୟରେ ବିଜୟ ତାଙ୍କୁ ପ୍ରେମ କରି ଅନ୍ୟତ୍ର ନେଇଯାଇ ବିବାହ କରିବା ସହ ଘରେ ରଖିଥିଲେ। ବିବାହ ପରେ ସ୍ୱାମୀ, ଶ୍ୱଶୁର, ଶାଶୂ ଓ ଖୁଡ଼ୀ ଶ୍ୱଶୁର ମିଶି ବାପଘରୁ ୫ ଲକ୍ଷ ଟଙ୍କା, ବାଇକ୍ ଓ ସୁନାଗହଣା ଆଣିବାକୁ ବାରମ୍ବାର ଚାପ ପକାଉଥିବା ନେଇ ମୌସୁମୀ ବାପଘର ଲୋକଙ୍କୁ ଫୋନରେ ଜଣାଉଥିଲେ। କିନ୍ତୁ ତାଙ୍କର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମୌସୁମୀଙ୍କ ବାପା ଏହି ଦାବି ପୂରଣ କରିପାରିନଥିଲେ। ତେଣୁ ଶେଷରେ ସେମାନେ ଯୌତୁକ ଲୋଭରେ ତାଙ୍କ ଝିଅକୁ ହତ୍ୟା କରିଥିବା ବାପା ଅଭିଯୋଗ କରିଛନ୍ତି।

## ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି

**ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ):** ଆସନ୍ତା ସୋମବାର ଅର୍ଥାତ୍ ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟାଳୟରେ ଫସି ରହିଲେ ଛାତ୍ରୀ, ପ୍ରଧାନଶିକ୍ଷକ ନିଲମ୍ବିତ



**କେନ୍ଦୁଝର,୨୨।୮(ସଂଚାର ବ୍ୟୁରୋ):** ଜନୈକ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ରାତି ସାରା ବିଦ୍ୟାଳୟରେ ଫସିରହିଥିବା ବେଳେ ଏହି ମାମଲାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସାରାରାତି ଉକ୍ତ ଛାତ୍ରୀ ଜଣଙ୍କ ବିଦ୍ୟାଳୟରେ ରହିଥିବା ବେଳେ ବାହାରକୁ ଆସିବାକୁ ଉଦ୍ୟମ କରିବା ସମୟରେ ଝରକା ରେଲିଂରେ ତାଙ୍କ ମୁଣ୍ଡ ଅଟକିଯାଇଥିଲା। କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅଞ୍ଚଳ ସରକାରୀ ବିଦ୍ୟାଳୟରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ପରଦିନ ସକାଳୁ ଗୁରୁତର ଅବସ୍ଥାରେ ଉକ୍ତ ଛାତ୍ରୀଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଗତକାଲି ସ୍କୁଲ ଛୁଟି ପରେ କୌଣସି କାରଣରୁ ଉକ୍ତ ଛାତ୍ରୀ ଜଣଙ୍କ ଭିତରେ ଭିତରେ ରହିଯାଇଥିଲେ। ବାହାର ପଟୁ ତାଲା ପକାଇ ଶିକ୍ଷକ ଓ କର୍ମଚାରୀ ଘରକୁ ଚାଲିଯାଇଥିଲେ। ତେବେ ସ୍କୁଲ୍ ଛୁଟି ହେବା ପରେ ବି ଛାତ୍ରୀଙ୍କ ପରିବାର ରାତି ସାରା ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ପତ୍ତା ପାଇନଥିଲେ। ତେବେ ଆଜି ସକାଳେ ସ୍କୁଲରୁ ତାଙ୍କୁ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୁଲିସ୍ ତଦନ୍ତ କରୁଥିବା ବେଳେ ଉକ୍ତ ଝିଅଟି ସୁସ୍ଥ ଥିବା ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରହରି ମହାନ୍ତଙ୍କୁ ବିଇଓ ନିଲମ୍ବନ କରିଛନ୍ତି।

## ଆଗାମୀ ଦଶନ୍ଧି ସହରାଞ୍ଚଳ ବିକାଶର: ନଗର ଉନ୍ନୟନ ସଚିବ




**ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ):** ଆଗାମୀ ଦଶନ୍ଧି ସହରାଞ୍ଚଳ ବିକାଶର ଓ ଆମକୁ ଦାୟିତ୍ୱ ସହକାରେ ଏହି ମିଶନରେ ନିଜକୁ ସାମିଲ କରିବାକୁ ପଡିବ। ଆଜି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମ୍‌ଏସ୍‌ବିୱାଇ) ଉପରେ ୟୁଏଲ୍‌ବି ଏବଂ ଡିୟୁଡିଏର ଇଞ୍ଜିନିୟର, ଏମ୍‌ଆଇଏସ୍ ପେସାଦାର, ଆକାଉଣ୍ଟାଣ୍ଟ ଓ ଟିମ ଲିଡର୍‌ମାନଙ୍କୁ ନେଇ ଚାଲିଥିବା କର୍ମଶାଳାକୁ ସମ୍ବୋଧନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି।

ସେ କହିଛନ୍ତି ଯେ ସହରାଞ୍ଚଳ ପରିବର୍ତ୍ତନ କେବଳ ଭିତ୍ତିଭୂମି ବିଷୟରେ ନୁହେଁ, ବରଂ ସମ୍ମାନଜନକ, ସମାବେଶୀ ଓ ସ୍ଥାୟୀ ସହର ନିର୍ମାଣ ବିଷୟରେ। ଆସନ୍ତାକାଲିର ସହର ଗଠନ କରିବାରେ ଆଜିର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରି ସେ ମନ୍ତବ୍ୟ ଦେଇଛନ୍ତି ଯେ ଆମର ବର୍ତ୍ତମାନର ପ୍ରୟାସ ସ୍ଥିର କରିବ ଯେ ପରବର୍ତ୍ତୀ ପିଢ଼ି ଆହ୍ୱାନର ସମ୍ମୁଖୀନ ହେଉଛି ନା ଏକ ଉନ୍ନତ ବିଶ୍ୱ ଉତ୍ତରାଧିକାରରେ ପାଇଛି। ଏହା ପଦବୀ ନୁହେଁ ବରଂ ଜ୍ଞାନ ଯାହା ପ୍ରକୃତ ମର୍ଯ୍ୟାଦା ଦେଇଥାଏ। ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଆମେ ସମସ୍ତେ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବ୍ୟବସ୍ଥା ଯେପରି ସଠିକ୍ ଦିଗରେ କାର୍ଯ୍ୟ କରେ, ତାହା ସୁନିଶ୍ଚିତ କରିବା ଆମର ପ୍ରମୁଖ କର୍ତ୍ତବ୍ୟ। ସମସ୍ତେ ମିଳିମିଶି ଉନ୍ନତ ଓ ସୁଦୃଢ଼ ସହରାଞ୍ଚଳ ଭବିଷ୍ୟତ ସୃଷ୍ଟି କରିବାରେ ଅଂଶୀଦାର ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଏମ୍‌ଏସ୍‌ବିୱାଇ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଯାହାର ଉଦ୍ଦେଶ୍ୟ ୟୁଏଲ୍‌ବିର କ୍ଷମତାକୁ ସୁଦୃଢ଼ କରିବା, ଯାହା ସେମାନଙ୍କୁ ଗୁଣାତ୍ମକ ସେବା ଓ ନାଗରିକକୈନ୍ଦ୍ରିକ ଶାସନ ପ୍ରଦାନ କରିବାରେ ସକ୍ଷମ କରିବ। ସେ ଅଂଶଗ୍ରହଣକାରୀମାନଙ୍କୁ ନବସୃଜନ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଅଭ୍ୟାସ ଗ୍ରହଣ କରିବା ସହ ସହରୀ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ସମୟରେ ମାଲିକାନାର ଭାବନା ପୋଷଣ କରିବାକୁ ନିବେଦନ କରିଛନ୍ତି। ସୁଡାର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ ଓ ଭାବ ବିନିମୟ ଦେଖିବାକୁ ମିଳିଥିଲା। ଏଥିରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସୁଡା ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗାଧୋଇବା ବେଳେ ଖସିଲା ପଥର, ଚାପିହୋଇ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର,୨୨।୮(ସଂଚାର ବ୍ୟୁରୋ):** ସାଙ୍ଗମାନଙ୍କ ସହ ଖୁସି ମନରେ ଝରଣାକୁ ଗାଧୋଇବାକୁ ଯାଇଥିଲେ ଶଙ୍କର। ପାଣିରେ ଖେଳୁଥିବା ସମୟରେ ଅଚାନକ ଘଟିଲା ଅଘଟଣ। ପାହାଡ଼ ଉପରୁ ଖସିଲା ପଥର। ଆଉ ପଥର ତଳେ ଚାପି ହୋଇଗଲେ ଶଙ୍କର। ବହୁ କଷ୍ଟରେ ଗାଁ ଲୋକେ ଶଙ୍କରକୁ ଉଦ୍ଧାର କଲେ ସତ, କିନ୍ତୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ବେଳକୁ ରାସ୍ତାରେ ଚାଲିଗଲା ଏହି ନିରୀହ ବାଳକର ଜୀବନ। ଗଞ୍ଜାମ ଜିଲ୍ଲା ଜରଡା ଥାନା ତୁମ୍ବା ପଞ୍ଚାୟତ ଅନ୍ତର୍ଗତ ସୁନାରୀବାଡ ନିକଟସ୍ଥ ମେଙ୍ଗାଡ଼ାଇ ଝରଣାରେ ଗାଧୋଉଥିବା ସମୟରେ ପଥର ତଳେ ଚାପି ହୋଇ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଛାତ୍ର ଜଣକ ହେଲେ ୧୨ ବର୍ଷର ଶଙ୍କର ଶବର। ୨୧ ଅଗଷ୍ଟ ସକାଳ ସମୟରେ ମେଙ୍ଗାଡାଇ ଗାଁର ଦୁଇ ଜଣ ସାଙ୍ଗଙ୍କ ସହ ଶଙ୍କର ନିକଟରେ ଥିବା ଏକ ଝରଣାକୁ ଗାଧୋଇବା ପାଇଁ ଯାଇଥିଲେ। ଝରଣାରେ ତିନି ଜଣ ଗାଧୋଇବା ବେଳେ ହଠାତ ଉପର ପଟରେ ଥିବା ପାହାଡ଼ରୁ ବଡ଼ ପଥର ଖସି ଆସିଥିଲା। ଫଳରେ ଶଙ୍କର ଶବର ଦୁଇଟି ପଥର ସନ୍ଧିରେ ଛନ୍ଦି ହୋଇପଡ଼ିଥିଲେ। ତାଙ୍କ ସହିତ ଥିବା ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ଜଣେ ଗ୍ରାମବାସୀଙ୍କୁ ଡ଼ାକି ଆଣିଥିଲା। ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଶଙ୍କର ଶବରକୁ ପଥର ସନ୍ଧିରୁ ଉଦ୍ଧାର କରି ଦୋଳା ସାହାଯ୍ୟରେ ବୋହି ଆଣିବା ସମୟରେ ଅଧା ରାସ୍ତାରେ ଶଙ୍କରର ମୃତ୍ୟୁ ଘଟିଥିଲା। ଖବର ପାଇ ଜରଡା ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏଫଏମଟି ବିଭାଗକୁ ପଠା ଯାଇଥିଲା। ପଥର ତଳେ ଫସି ରହି ବଞ୍ଚିବା ପାଇଁ ବହୁ ସମୟ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ ଶଙ୍କର। କିନ୍ତୁ ବିଧିର ବିଧାନ ବୋଧେ ଅଲଗା ଥିଲା। ପଥର ତଳୁ ଉଦ୍ଧାର ହୋଇଥିଲେ ମଝି ରାସ୍ତାରେ ଚାଲିଗଲା ଶଙ୍କରର ଜୀବନ। ଏଭଳି ଅଘଟଣକୁ ନେଇ ସାରା ଅଞ୍ଚଳରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ।

### ସୁପ୍ରିମ୍‌କୋର୍ଟଙ୍କ ରାୟ ନେଇ ବିଏମ୍‌ସି ମେୟରଙ୍କ ପ୍ରତିକ୍ରିୟା

## ଭୁବନେଶ୍ୱରରେ ଅଛନ୍ତି ପ୍ରାୟ ୮୦ ହଜାର କୁକୁର



**ବର୍ଷା ପାଇଁ ଧିମେଇଯାଇଛି ବନ୍ଧ୍ୟାକରଣ ପ୍ରକ୍ରିୟା**

**ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ):** ବୁଲା କୁକୁରଙ୍କ ବନ୍ଧ୍ୟାକରଣକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମେୟର ସୁଲୋଚନା ଦାସ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ସରକାରୀ ବ୍ୟବସ୍ଥା ଅନୁସାରେ ବିଏମ୍‌ସି କାମ କରିବ। ସମ୍ପ୍ରତି ବର୍ଷା ଜାରି ରହିଥିବାରୁ ରାଜଧାନୀରେ ଚାଲିଥିବା କୁକୁର ବନ୍ଧ୍ୟାକରଣ ପ୍ରକ୍ରିୟା ସାମାନ୍ୟ ଧିମେଇଯାଇଛି। କୁକୁରଙ୍କ ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ। ଏଣେତେଣେ ବୁଲା କୁକୁରଙ୍କୁ ଖାଇବାକୁ ଦିଆଯାଉଥିବା ବେଳେ ଖୁବ୍‌ଶୀଘ୍ର ଏହାକୁ ବାରଣ କରାଯିବା ସକାଶେ ପଦକ୍ଷେପ ଗ୍ରହଣ କରାଯିବ। ଶ୍ରୀମତୀ ଦାସ କହିଛନ୍ତି ଯେ ରାଜଧାନୀରେ ପ୍ରତି ଦିନ ୨୦ରୁ ୩୦ଟି କୁକୁରଙ୍କ ବନ୍ଧ୍ୟାକରଣ କରାଯାଉଛି। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବ। ବନ୍ଧ୍ୟାକରଣ ପାଇଁ ଅଧିକ ଭିତ୍ତିଭୂମିର ଆବଶ୍ୟକତା ରହିଥିବା ବେଳେ କୁକୁରଙ୍କ ସଂଖ୍ୟା ଜାଣିବା ସକାଶେ ରାଜଧାନୀରେ କୁକୁର ଗଣତି ହେବ। ଏନେଇ ପ୍ରାଥମିକ ସ୍ତରରେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ସେହିପରି କୁକୁରଙ୍କ ଟୀକାକରଣ ନେଇ ସବିଶେଷ ତଥ୍ୟ ରଖାଯିବ। କୁକୁରଙ୍କ କାନରେ ଟ୍ୟାଗ୍ ଲଗାଇବା ବ୍ୟବସ୍ଥା ବି ବିଏମ୍‌ସି କରିବ। ରାଜଧାନୀରେ ଏବେ ପ୍ରାୟ ୮୦ ହଜାର କୁକୁର ଥିବା ବେଳେ ଡଗ୍ ବାଇଲ୍ ସଂକ୍ରାନ୍ତ ପଦକ୍ଷେପ ସରକାର ନେବେ ବୋଲି ଶ୍ରୀମତୀ ଦାସ କହିଛନ୍ତି।

ସୂଚନାଯୋଗ୍ୟ ଯେ ନିକଟରେ ଦିଲ୍ଲୀ-ଏନ୍‌ସିଆରରେ ବୁଲା କୁକୁର ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସର୍ବସାଧାରଣ ସ୍ଥାନରେ କୁକୁରମାନଙ୍କୁ ଖାଇବାକୁ ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିବା ସହ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଦ୍ୟ ଦେବାକୁ କହିଛନ୍ତି। ଏଥିସହ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ପରେ ଛାଡ଼ି ଦିଆଯିବ ବୋଲି କୋର୍ଟ କହିଛନ୍ତି। ସେହିପରି ବୁଲା କୁକୁରଜନିତ ସମସ୍ୟାର ସମାଧାନ ସେଲ୍ଟର ହୋମ୍ ନୁହେଁ, ବରଂ ବନ୍ଧ୍ୟାକରଣ ବୋଲି ୩ଜଣିଆ ଖଣ୍ଡପୀଠ ମତ ଦେଇଛନ୍ତି। ଏନେଇ ସବୁ ରାଜ୍ୟକୁ ସୁପ୍ରିମ୍‌କୋର୍ଟ ନୋଟିସ୍ ମଧ୍ୟ କରିଛନ୍ତି।

# ଋଷିକୂଲ୍ୟା ମୁହାଣରେ କୂଳ ଲଙ୍ଘୁଛି ସମୁଦ୍ର



ଧୀରେ ଧୀରେ ସମୁଦ୍ରରେ ମିଶୁଛି ଜନବସତି

**ଗଞ୍ଜାମ,୨୨।୮(ସଂଚାର ବ୍ୟୁରୋ):** ବାରମ୍ବାର ଲଘୁଚାପ ଏବଂ ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ସମୁଦ୍ରରେ ଉଚ୍ଚ ଲହଡ଼ି ସୃଷ୍ଟି ହେଉଛି । ଯାହାକୁ ନେଇ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ଋଷିକୂଲ୍ୟା ମୁହାଣ ଅଞ୍ଚଳରେ ସମୁଦ୍ର କୂଳ ଲଙ୍ଘୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଋଷିକୁଲ୍ୟା ମୁହାଣ ପୋଡ଼ମପେଟା ଓଡ଼ିଆରପି କଲୋନୀ ସମ୍ମୁଖରେ ରହିଥିବା ବେଳେ ସେହିଠାରୁ କିଛି ଦୂରତା ମଧ୍ୟରେ ରହିଥିବା ପୁରୁଣାପୋପେଟା ଗ୍ରାମ। ସେଠାରେ ରହିଥିବା ଘରଗୁଡ଼ିକ ସମୁଦ୍ର ଜୁଆର ମାଡ଼ରେ ଅତଡ଼ା ଧସି ଧୀରେ ଧୀରେ ସମୁଦ୍ର ଗର୍ଭରେ ଲୀନ ହେଉଥିବା ଲକ୍ଷ୍ୟ କରାଯାଇଛି। ସେହିପରି ଝାଉଁ ଓ କାଜୁ ହେନ୍ତାଳ ବଣ ମଧ୍ୟ ନଷ୍ଟ ହୋଇପଡୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସୂଚନା ଥାଉକି, ପୂର୍ବରୁ ଏପରି ସମସ୍ୟାକୁ ନେଇ ପୁରୁଣା ପୋଡ଼ମପେଟା ଗ୍ରାମବାସୀଙ୍କୁ ପାଳିବନ୍ଧ ପଞ୍ଚାୟତର ମୟୂରପଦା ଗ୍ରାମ ଓ ରାମଗଡ଼ ପଞ୍ଚାୟତର ଡୁମୁନଗିରି ପାହାଡ଼ ପାଦ ଦେଶରେ ପାଲୁରୁ ସାହେବ କେନାଲ ପାର୍ଶ୍ୱରେ ସିଦ୍ଧାନ୍ତ ନଗରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି। ପ୍ରତିବର୍ଷ ବର୍ଷାଦିନରେ ଏପରି ସମୁଦ୍ର କୂଳ ଲଙ୍ଘୁଥିବାରୁ ସ୍ଥାନୀୟ ଅଞ୍ଚଳର ଭୌଗୋଳିକ ପରିବେଶ ବିଗୁଡୁଥିବାରୁ ଅଞ୍ଚଳବାସୀ ଓ ପରିବେଶବିତ୍ ଚିନ୍ତିତ ହୋଇପଡ଼ିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### ମଦ୍ୟପର ଅମାନୁଷିକ କାର୍ଯ୍ୟ

## ରାସ୍ତାରେ ବଡ଼ବାପାଙ୍କୁ ଘୋଷାଡ଼ି ପିଟିଲା



**ହିନ୍ଦୋଳ,୨୨।୮(ସଂଚାର ବ୍ୟୁରୋ):** ମଦ୍ୟପ ଯୁବକଙ୍କ ଅମାନୁଷିକ କାର୍ଯ୍ୟ। ରାସ୍ତାରେ ବଡ଼ବାପାଙ୍କୁ ଘୋଷାଡ଼ି ଘୋଷାଡ଼ି ପିଟିଲା ପୁତୁରା। ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ନବକିଶୋରପୁର ଶବରସାହିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, ଜିତେନ୍ଦ୍ର ଦେହୁରୀ ନାମକ ଯୁବକ ତାଙ୍କ ବଡ଼ବାପାଙ୍କ ବୋହୂକୁ ଅସଦାଚରଣ କରିଥିଲା। ଏହାକୁ ବିରୋଧ କରିବାରୁ ଗାଁ ଦାଣ୍ଡରେ ସେ ବଡ଼ବାପାଙ୍କୁ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରୁଥିବା ଦେଖିବାକୁ ମିଳିଥିଲା। ମଦ୍ୟପ ଜିତେନ୍ଦ୍ର ଅତି ଅମାନୁଷିକ ଭାବେ ଏପରି ମାଡ଼ ମାରୁଥିଲେ ମଧ୍ୟ ଗ୍ରାମବାସୀ କେବଳ ଦେଖଣାହାରୀ ସାଜିଥିଲେ। ସେମାନେ ଭୟରେ ଏଥିରେ ହସ୍ତକ୍ଷେପ କରିନଥିଲେ। ଏହି ଘଟଣା ନେଇ ଭାଉଜ ପ୍ରଭାତୀ ଦେହୁରୀ ରାସୋଳ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ଦ୍ରକୁ ଥାନାରେ ଅଟକ ରଖିଛି।

## ପ୍ରେମିକା ତଣ୍ଟି କାଟି ନିଜେ ବିଷ ପିଇଲେ ଯୁବକ



**ବଲାଙ୍ଗୀର,୨୨।୮(ସଂଚାର ବ୍ୟୁରୋ):** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାୟାବରାହ ଗାଁର ଜନୈକା ନାବାଳିକାଙ୍କ ତଣ୍ଟି କାଟିବା ସହ ନିଜେ ବିଷ ପିଇଦେଇଛନ୍ତି ଜନୈକ ଯୁବକ। ଏହାପରେ ସେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ନାବାଳିକାଙ୍କୁ ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ସ୍ଥାନୀୟ ଭୀମଭୋଇ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯେ ସମ୍ପୃକ୍ତ ଯୁବକ ଜଣଙ୍କ ହେଉଛି ଉକ୍ତ ନାବାଳିକାଙ୍କ ମାମୁ ପୁଅ। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ମଧ୍ୟ ଜଣାପଡ଼ିଛି। ତେଣୁ ଉଭୟଙ୍କ ମଧ୍ୟରେ ମତଭେଦ ନେଇ ଏପରି ଅଘଟଣ ଘଟିଥିବା ପୁଲିସ୍ ଅନୁମାନ କରୁଛି। ଏହି ଘଟଣାରେ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଯୁବକ ଜଣଙ୍କ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ପାଟଣାଗଡ଼ ଥାନା ପଣ୍ଡରିପାଣି ଗାଁର ହଳଧର ବରିହା (୨୫) ବୋଲି ଜଣାପଡ଼ିଛି। ତାକୁ ମଧ୍ୟ ପରିବାର ଲୋକେ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଅବସ୍ଥାରେ ସୁଧାର ନ ଆସିବାରୁ ତାକୁ ମଧ୍ୟ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସଦର ଥାନା ପୁଲିସ ପହଞ୍ଚି ପଚାରଉଚରା ଚଳାଇଥିବା ଜଣାପଡ଼ିଛି।

## କଟକ ରାଜସ୍ୱ ପର୍ଷଦ ବିଲଡିଂରେ ଅଗ୍ନିକାଣ୍ଡ



**କଟକ,୨୨।୮(ସଂଚାର ବ୍ୟୁରୋ):** କଟକ ରାଜସ୍ୱ ପର୍ଷଦ ବିଲଡିଂରେ ଅଗ୍ନିକାଣ୍ଡ। ପଞ୍ଚମ ମହଲାର ଏସିର କନ ଫେଣ୍ଡରରେ ଲାଗିଛି ନିଆଁ। ନିଆଁକୁ ଆୟତ୍ତ କରୁଛି ଅଗ୍ନିଶମ ବାହିନୀ। ସଟ ସର୍କିଟରୁ ଅଗ୍ନିକାଣ୍ଡ ହେଇଥିବା ନେଇ ସନ୍ଦେହ କରାଯାଉଥିଲା। ସର୍ଟ ସର୍କିଟରୁ ଲାଗିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି । ସନ୍ଧ୍ୟା ସମୟରେ ଲାଗିଥିଲା ନିଆଁ। ପ୍ରାପ୍ତ ସୂଚନା ଅନୁଯାଇ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଛି ଅଗ୍ନିଶମ ଟିମ । ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଥିବା ଖବର ଜଣାପଡ଼ିନି । ଅଗ୍ନିକାଣ୍ଡରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଉଛି ।

## ଯୁବତୀଙ୍କୁ ପ୍ରତାରଣା କରି ଏଏସ୍‌ଓ ଗିରଫ

**ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ):** ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଏଏସ୍‌ଓ ଗିରଫ। ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ସୁଶାନ୍ତ ଜେନା ଗିରଫ। ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗ ପରେ ମହିଳା ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଓଡିଶା ସିଭିଲ ସର୍ଭିସ ୨୦୨୩ ଲିଖିତ ମୁଖ୍ୟ ପରୀକ୍ଷା ଫଳ ପ୍ରକାଶିତ, ୮୦୬ କୃତକାର୍ଯ୍ୟ




**କଟକ,୨୨।୮(ସଂଚାର ବ୍ୟୁରୋ):** ପ୍ରକାଶ ପାଇଲା ଓଡ଼ିଶା ସିଭିଲ ସର୍ଭିସେସ୍ - ୨୦୨୩ର ମେନ୍ ଏଗଜାମ ରେଜଲ୍ଟ । ୮୦୬ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏଥିରେ ୨୯୩ ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ଓପିଏସସି ୱେବସାଇଟରେ ରେଜଲ୍ଟ ଉପଲବ୍ଧ । ଯେଉଁମାନେ ଲିଖିତ ପରୀକ୍ଷାରେ ପାସ୍ କରିଛନ୍ତି ସେମାନଙ୍କର ଡକ୍ୟୁମେଣ୍ଟ ଭେରିଫିକେସନ୍ ଏବଂ ମୌଖିକ ପରୀକ୍ଷା ହେବ । ସେପ୍ଟେମ୍ବର ୬ରୁ କଟକ ସ୍ଥିତ ଓପିଏସସି କାର୍ଯ୍ୟାଳୟରେ ଡକ୍ୟୁମେଣ୍ଟ ଭେରିଫିକେସନ୍ ଓ ମୌଖିକ ପରୀକ୍ଷା ହେବ। ଖୁବ୍ ଶୀଘ୍ର ଏ ନେଇ ବିସ୍ତୃତ କାର୍ଯ୍ୟସୂଚୀ ପ୍ରକାଶ ପାଇବ । ଆଟେଷ୍ଟେସନ୍ ଫର୍ମ, ବାୟୋଡାଟା ଫର୍ମ ଏବଂ ଡିକ୍ଲାରେସନ୍ ଫର୍ମାଟ ଡାଉନଲୋଡ୍ କରିବାକୁ କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କୁ କୁହାଯାଇଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ୨୧୦୦୦ କୋଟିର ବ୍ୟବସାୟ

# ୧୦୦ ବର୍ଷ ପୁରୁଣା ବ୍ରାଣ୍ଡ, ସମ୍ଭାଳିବେ ୨୨ ବର୍ଷୀୟା ଯୁବତୀ



ନୂଆଦିଲ୍ଲୀ,୨୨।୮: ବୟସ ମାତ୍ର ୨୨ ବର୍ଷ । କିନ୍ତୁ ମୁଣ୍ଡ ଉପରେ ରହିଛି ବହୁତ ବଡ ଦାୟିତ୍ୱ । ସମ୍ଭାଳିବେ ୨୧ ହଜାର କୋଟିର କାରବାର । ଏନେଇ କର୍ପୋରେଟ ଜଗତରେ ରହିଛନ୍ତି ଖୁବ ଚର୍ଚ୍ଚାରେ । ଏହି ଯୁବତୀ ଜଣକ ହେଉଛନ୍ତି ଆନନ୍ଦମୟୀ ବଜାଜ । ସେ ବଜାଜ ଗ୍ରୁପର ୫ ପିଢ଼ୀ । ଆନନ୍ଦମୟୀ ବଜାଜ୍ ହେଉଛନ୍ତି ବଜାଜ୍ ଗ୍ରୁପ୍ ଅଧ୍ୟକ୍ଷ କୁଶାଗ୍ର ବଜାଜ୍‌ଙ୍କ ଝିଅ। ଏବେ ସେ ନିଜ ପାରିବାରିକ ବ୍ୟବସାୟରେ ସାମିଲ ହୋଇଛନ୍ତି । ସେ ଜେନେରାଲ୍ ମ୍ୟାନେଜର ଭାବେ ଜଏନ୍ କରିଛନ୍ତି ।

ବଜାଜ୍ ଗ୍ରୁପର ପରିଚାଳନାରେ ତାଙ୍କର ଏଣ୍ଟ୍ରି କମ୍ପାନୀରେ ମହିଳାଙ୍କର ବର୍ଦ୍ଧିତ ଅଂଶଗ୍ରହଣକୁ ପ୍ରତିଫଳିତ କରେ । ବିଶେଷ କଥା ହେଉଛି ଆନନ୍ଦମୟୀଙ୍କ ମାଆ ବାସବାଦତ୍ତା ବଜାଜ ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲାଙ୍କ ଭଉଣୀ। ପାରିବାରିକ ବ୍ୟବସାୟରେ ଦାୟିତ୍ୱ ଗ୍ରହଣ କରିବା ପରେ ଆନନ୍ଦମୟୀ ଗ୍ରୁପର ବିଭିନ୍ନ ବ୍ୟବସାୟର ନେତୃତ୍ୱ ଦଳ ସହିତ କାମ କରିବେ । ଏହାପରେ କମ୍ପାନୀ ବୋର୍ଡରେ ଯୋଗଦେବେ ।

ତେବେ ଆନନ୍ଦମୟୀ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଜୁନ୍ ମାସରେ ଆର୍ଥିକ ଅର୍ଥନୀତି ଏବଂ ଗଣିତରେ ଡିଗ୍ରୀ ହାସଲ କରିଛନ୍ତି । ଆନନ୍ଦମୟୀ ପଶୁପକ୍ଷୀମାନଙ୍କୁ ମଧ୍ୟ ବହୁତ ଭଲ ପାଆନ୍ତି । ଏହାବ୍ୟତୀତ ସେ ମହିଳା ସଶକ୍ତିକରଣ ପ୍ରତି ମଧ୍ୟ ବହୁତ ସଚେତନ । ତାଙ୍କର ଦୁଇ ଭାଇ ଅଛନ୍ତି - ଯୁଗାଦିକୃତ (୨୦) ଏବଂ ବିଶ୍ୱରୂପ (୧୭)। ଯୁଗାଦିକୃତ ବର୍ତ୍ତମାନ ପାଠ ପଢୁଛନ୍ତି ଏବଂ ସେ ମଧ୍ୟ ଆଗାମୀ ଦୁଇ ବର୍ଷ ମଧ୍ୟରେ କମ୍ପାନୀର ବୋର୍ଡରେ ଯୋଗଦେବେ । ଯେତେବେଳେ କି ବିଶ୍ୱରୂପ HR କଲେଜର ଛାତ୍ର ଏବଂ ସେ ଜଣେ ପୋଲୋ ଚାମ୍ପିଅନ୍ ମଧ୍ୟ। ତେବେ କୁଶାଗ୍ର ବଜାଜଙ୍କ ମାଲିକାନାରେ ଥିବା ବଜାଜ ଗ୍ରୁପ୍ ଚିନି, ଇଥାନଲ୍, ବିଦ୍ୟୁତ୍ ଏବଂ ପର୍ସନାଲ୍ କେୟାର ବ୍ୟବସାୟରେ ସକ୍ରିୟ । ସାରା ଦେଶରେ ୧୨ହଜାର ଲୋକଙ୍କୁ ନିଯୁକ୍ତି ଦେଇଛି କମ୍ପାନୀ । ଏହା ମୂଳତଃ ୨୦୦୮ରେ ବିଭାଜନ ପରେ ବଜାଜ ଗ୍ରୁପ୍ ଠାରୁ ପୃଥକ ହୋଇଥିଲା। ବଜାଜ ଗ୍ରୁପ୍ ୧୯୩୦ ମସିହାରେ ଜମନାଲାଲ ବଜାଜଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବର୍ତ୍ତମାନ କୁଶାଗ୍ର ବଜାଜ, ରାଜୀବ ବଜାଜ ଏବଂ ସଞ୍ଜିବ ବଜାଜଙ୍କ ନେତୃତ୍ୱରେ ଚାଲିଛି । ରାଜୀବ ବଜାଜଙ୍କ ପୁଅ ରିଷଭ ବଜାଜ, ବଜାଜ ଅଟୋରେ ଡିଭିଜନାଲ୍ ମ୍ୟାନେଜର ଭାବରେ କାର୍ଯ୍ୟ କରୁଛନ୍ତି ।

## ବିଦ୍ୟୁତ୍ ଏବଂ ଇନଭର୍ଟର ବିନା ଜଳିବ ଏଲଇଡି ବଲ୍ବ



ନୂଆଦିଲ୍ଲୀ,୨୨।୮: ବର୍ତ୍ତମାନ ଚାଲିଛି ବର୍ଷା ଋତୁ । ଏପରି ପରିସ୍ଥିତିରେ ବିଦ୍ୟୁତ୍ କାଟ୍ ଏକ ସାଧାରଣ କଥା । କେତେବେଳେ ବର୍ଷାରେ ଗଛ ବିଦ୍ୟୁତ୍ ତାର ଉପରେ ପଡ଼ିଗଲେ ବିଦ୍ୟୁତ୍ ସପ୍ଲାଏ ରି-ଷ୍ଟୋର୍ କରିବାକୁ ବହୁତ ସମୟ ଲାଗିଥାଏ । ଏପରି ସମସ୍ୟା ସାଧାରଣତଃ ଗ୍ରାମାଞ୍ଚଳରେ ଦେଖାଯାଏ । ଏପରି ପରିସ୍ଥିତିରେ ରାତିର ଅନ୍ଧାରରେ କାମ କରିବା ମଧ ବହୁତ କଷ୍ଟକର ହୋଇପଡ଼େ । ଏହାକୁ ଏଡାଇବା ପାଇଁ ଇନଭର୍ଟର ହେଉଛି ବଡ଼ ଅପ୍ସନ, କିନ୍ତୁ ଏହା ମହଙ୍ଗା ହୋଇଯାଉଛି । ତେବେ ଆଜି ଆମେ ଆପଣଙ୍କୁ କିଛି ଶସ୍ତା ଏଲଇଡି ବଲ୍ବ ବିଷୟରେ କହିବାକୁ ଯାଉଛୁ, ଯାହା କମ୍ ଖର୍ଚ୍ଚରେ ବିଦ୍ୟୁତ୍ କିମ୍ବା ଇନଭର୍ଟର ବିନା ଅନ୍ଧାରକୁ ଦୂର କରିପାରିବେ । ବଜାଜ iLED ୮.୫W ରିଚାର୍ଜେବଲ୍ ଏମରଜେନ୍ସି LED ବଲ୍ବ : ବଜାଜ କମ୍ପାନୀର ଏହି ରିଚାର୍ଜେବଲ୍ ବଲ୍ବଟି ୮.୫Wର ରହିଛି। ଏନର୍ଜି ଏଫିସିଏଣ୍ଟ ହେବା ସହିତ, ଏହା ଆଖିକୁ ଭଲ ଲାଗେ ଏବଂ ତୁରନ୍ତ ଜଳିଥାଏ । ଏଥି ସହ ଏଥିରେ ଏକ ଲିଥିୟମ-ଆୟନ ବ୍ୟାଟେରୀ ଅଛି ଏବଂ ପୂର୍ଣ୍ଣ ଚାର୍ଜ ହେବା ପରେ ଏହା ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ଜଳିପାରିବ । ଏଥି ସହ ଆପଣ ଏହାକୁ Amazon ରୁ ୨୨୯ ଟଙ୍କାରେ କିଣିପାରିବେ ଏବଂ ଏଥିରେ ଗୋଟିଏ ବର୍ଷର ୱାରେଣ୍ଟି ମଧ ଉପଲବ୍ଧ ।

## ଆଜିର ସୁନା ଦର



ଆଜି ସୁନା-ରୂପା ଦରରେ ହୋଇଛି ପରିବର୍ତ୍ତନ । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୦, ୫୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୧୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୩୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୦,୫୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୧୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦,୬୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨, ୩୦୦ ଟଙ୍କା ରହିଛି ।

ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୫୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ହଜାର ୧୫୦ ଟଙ୍କା ରହିଛି ।

# ବିରଳ ଖଣିଜ ଚୁମ୍ବକ ସମସ୍ୟା ହେଲା ଦୂର

## ଚେତକ ସ୍କୁଟରର ଡେଲିଭରି ଆରମ୍ଭ କଲା ବଜାଜ



ନୂଆଦିଲ୍ଲୀ,୨୨।୮: ଚୀନ ସହ ଆଲଚୋନା କରି ବିରଳ ଖଣିଜ ଚୁମ୍ବକର ସମସ୍ୟାର ସମାଧାନ କରିବା ପରେ ଭାରତୀୟ ଇଭି ସେକ୍ଟର ପୁଣି ଥରେ ଦୌଡ଼ିବାରେ ଲାଗିଛି। ବଜାଜ ଅଟୋ ପୁଣିଥରେ ତା'ର ଲୋକପ୍ରିୟ ଇ-ସ୍କୁଟର ଚେତକକୁ ସମସ୍ତ ଡିଲରସିପ୍‌କୁ ଡିଷ୍ଟ୍ରିବ୍ୟୁଟ କରିବାକୁ ଘୋଷଣା କରିଛି। ଆମେରିକା ସହ ଟାରିଫ ୱାର ଯୋଗୁ ଚୀନ ଭାରତକୁ ବିରଳ ଖଣିଜ ଚୁମ୍ବକ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ରପ୍ତାନୀ ଉପରେ ରୋକ ଲଗାଇଥିଲା। ଫଳରେ ଭାରତୀୟ ଇଭି ସେକ୍ଟର ପ୍ରଭାବିତ ହୋଇଥିଲା। ବଜାଜ ଚେତକ ପ୍ରଡକ୍ସନ ସ୍ଲୋ ହୋଇଯାଇଥିଲା। ହେଲେ ଏବେ ଭାରତ ଓ ଚୀନର ସମ୍ପର୍କ ସୁଧୁରିବାରୁ ଚୀନ ଏସବୁ ବିରଳ ଖଣିଜ ପଦାର୍ଥ ଭାରତକୁ ରପ୍ତାନୀ ଆରମ୍ଭ କରିଛି। ଯାହା ଫଳରେ ବଜାଜ ପୁଣିଥରେ ପ୍ରଡକ୍ସନ ଆରମ୍ଭ କରିଦେଇଛି। କମ୍ପାନୀ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଗଷ୍ଟ ୨୦ ତାରିଖରେ ବିତରଣ ପୁନଃ ଆରମ୍ଭ କରିଛି। ଆଗାମୀ ପାର୍ବଣ ଋତୁରେ ଗ୍ରାହକଙ୍କ ପାଖକରୁ ସ୍କୁଟର ଡେଲିଭର କରିବାକୁ କମ୍ପାନୀ ବିରଳ ପୃଥିବୀ ଚୁମ୍ବକ ଏବଂ ଅନ୍ୟାନ୍ୟ ପ୍ରମୁଖ ଉପାଦାନର ପର୍ଯ୍ୟାପ୍ତ ରହିଛି ବୋଲି କମ୍ପାନୀ କହିଛି। ଜୁନ୍ ୨୦୨୫ରେ, ବଜାଜ୍ ଚେତକ ୩୦୦୧ ଲଞ୍ଚ ହୋଇଥିଲା। ଏହି ସ୍କୁଟର ଚେତକ ୨୯୦୩ର ପରବର୍ତ୍ତୀ ପିଢ଼ିର ଅପଗ୍ରେଡ୍ ଭର୍ଜନ। ଯାହାର ଏକ୍ସ ଶୋ ରୁମ ମୂଲ୍ୟ ୯୯,୯୯୦ ଟଙ୍କା ରଖାଯାଇଥିବା ବେଳେ ଇଲେକ୍ଟ୍ରିକ୍ ସ୍କୁଟର ବଜାରରେ ଏହାର ଚାରିଦା ରହିଛି। ଚେତକର ଏହି ଅପଗ୍ରେଡ୍ ଭର୍ଜନରେ ୩.୦k ୱାଟର ଫ୍ଲୋରବୋର୍ଡ ମାଉଣ୍ଟେଡ ବ୍ୟାଟେରି ରହିଥିବା ବେଳେ ଏହାର ମାଇଲେଜ୍ ୧୨୭ କିଲିମିଟର ରହିଛି। ଅର୍ଥାତ୍ ଫୁଲ ଚାର୍ଜରେ ଚେତକ ୩୦୦୧ ସ୍କୁଟରଟି ୧୨୭ କିମି ଯିବ। ୩୫ ଲିଟର ଅଣ୍ଡରସିଟ୍ ଷ୍ଟୋରେଜ ମଧ୍ୟ ଏଥିରେ ଦିଆଯାଇଛି।

## ଭାରତରେ କମିଲା ବେରୋଜଗାର ହାର



ନୂଆଦିଲ୍ଲୀ,୨୨।୮: ଦେଶରେ ହ୍ରାସ ପାଇଛି ଅଭିବୃଦ୍ଧି ହାର । ଅଭିବୃଦ୍ଧି ସହିତ ତାଳ ଦେଇ ସୃଷ୍ଟି ହେଉନି ରୋଜଗାର। ଉତ୍କଟ ହେଉଛି ବେକାରୀ ସମସ୍ୟା । ଗାଁ ଅପେକ୍ଷା ସହରରେ ସ୍ଥିତି ଭୟଙ୍କର। ୨୦୨୫ ଜୁଲାଇରେ ଭାରତର ବେରୋଜଗାର ହାର ୫.୨%କୁ ଖସିଆଛି। ଯାହା ଗତ ୩ ମାସରେ ଏହା ସର୍ବନିମ୍ନ ସ୍ତର। ଜୁନରେ ବେରୋଜଗାରୀ ହାର ୫.୬% ଥିବା ନେଇ ପରିସଂଖ୍ୟାନ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ମନ୍ତ୍ରଣାଳୟ ରିପୋର୍ଟ ଜାରି କରିଥିଲା। ସହରାଞ୍ଚଳରେ ଚାକିରି ସଂଖ୍ୟା ବୃଦ୍ଧି ପାଇଛି। ଆଇଟି, ଟେଲିକମ୍, ଉତ୍ପାଦନ ଏବଂ ରିଟେଲ ସେକ୍ଟର ଭଳି ଶିଳ୍ପ ପାଇଁ ନିଯୁକ୍ତି ଗ୍ରାଫ ବୃଦ୍ଧି ପାଇଛି । ହେଲେ ଗାଁ ତୁଳନାରେ ସହରରେ ବେକାରୀ ହାର ଅଧିକ। କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ଯୋଗୁଁ ନିଯୁକ୍ତି ବଢ଼ିଛି। ତେଣୁ ଫଳରେ ଗାଁରେ ନିଯୁକ୍ତି ସ୍ତର ଉନ୍ନତ ରହିଛି। ସେହିପରି ପୁରୁଷଙ୍କ ତୁଳନାରେ ମହିଳାଙ୍କ ବେରୋଜଗାରୀ ହାର ଅଧିକା। ଗ୍ରାମାଞ୍ଚଳରେ ବେକାରୀ ହାର ୪.୪% ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ଏହା ୭.୨% ରହିଛି। ମହିଳାମାନଙ୍କ ମଧ୍ୟରେ ବେକାରୀ ହାର ୮.୭% ରହିଥିବା ବେଳେ ପୁରୁଷମାନଙ୍କ ମଧ୍ୟରେ ବେକାରୀ ହାର ୪.୬% ରହିଛି। ବିଶେଷ କରି ସହରାଞ୍ଚଳରେ ମହିଳାଙ୍କ ବେରୋଜଗାରୀ ହାର ଅଧିକ। ତଥ୍ୟ କହୁଛି, ସହରାଞ୍ଚଳରେ ମହିଳାମାନେ ରୋଜଗାର ଖୋଜିବାରେ ପୁରୁଷମାନଙ୍କ ତୁଳନାରେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ରିଲାଏନ୍ସ ଫାଉଣ୍ଡେସନ ଛାତ୍ରବୃତ୍ତି ୫୧୦୦ ବିଦ୍ୟାର୍ଥୀଙ୍କ ସ୍ୱପ୍ନକୁ ବଳ ଦେବ



ମୁମ୍ବାଇ,୨୨।୮: ରିଲାଏନ୍ସ ଫାଉଣ୍ଡେସନର ବାର୍ଷିକ ଛାତ୍ର ବୃତ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି । ରିଲାଏନ୍ସ ଫାଉଣ୍ଡେସନ ୨୦୨୫-୨୬ଶିକ୍ଷା ବର୍ଷ ପାଇଁ ୫୧୦୦ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରିବ । କେବଳ ପ୍ରଥମ ବର୍ଷର ନିୟମିତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ। ଉଚ୍ଚ ଶିକ୍ଷା ପାଇଁ ଭାରତର ସର୍ବ ବୃହତ ଛାତ୍ର ବୃତ୍ତି ପାଇଁ ଆବେଦନ କରିବାର ଶେଷ ତାରିଖ ୪ଅକ୍ଟୋବର, ୨୦୨୫ରହିଛି। ସୂଚନାଯୋଗ୍ୟ ଯେ, ୨୦୨୨ରେ, ଧୀରୁଭାଇ ଅମ୍ବାନୀଙ୍କ ୯୦ତମ ଜନ୍ମବାର୍ଷିକୀରେ ରିଲାଏନ୍ସ ଫାଉଣ୍ଡେସନ ଅଧ୍ୟକ୍ଷା ନୀତା ଅମ୍ବାନୀ ୧୦ବର୍ଷରେ ୫୦,୦୦୦ଛାତ୍ର ବୃତ୍ତି ଦେବାକୁ ଘୋଷଣା କରିଥିଲେ। ରିଲାଏନ୍ସ ଫାଉଣ୍ଡେସନ୍ ସ୍ନାତକ ସ୍ତରରେ ୫,୦୦୦ଛାତ୍ରଛାତ୍ରୀମାନଙ୍କୁ ଏବଂ ସ୍ନାତକୋତ୍ତର ସ୍ତରରେ ୧୦୦ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବ। ସ୍ନାତକ ଛାତ୍ରଛାତ୍ରୀଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶୈକ୍ଷିକ ଯୋଗ୍ୟତା ଏବଂ ଆର୍ଥିକ ସ୍ଥିତି ଆଧାରରେ ଛାତ୍ର ବୃତ୍ତି ପାଇଁ ଚୟନ କରାଯିବ । ଅନ୍ୟପକ୍ଷରେ, ଇଞ୍ଜିନିୟରିଂ, ପ୍ରଯୁକ୍ତି ବିଦ୍ୟା, ଶକ୍ତି ଏବଂ ଲାଇଫ ସାଇନ୍ସ ର କିଛି ଚୟନିତ କ୍ଷେତ୍ରରେ ଭାରତର ୧୦୦ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସ୍ନାତକୋତ୍ତର ଛାତ୍ରବୃତ୍ତି ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ବିକାଶ ଏବଂ ବିଶ୍ୱ ସ୍ତରରେ ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉନ୍ନତ ଅଧ୍ୟୟନ ଏବଂ ଗବେଷଣା ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମିଳିବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୪ ପଇସା ରହିଛି ।

ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି ।



# ଆଉ 'ଟିମ୍ ଇଣ୍ଡିଆ' ଜର୍ସିରେ ଦିଶିବନି 'ଡ୍ରିମ୍ ୧୧' ଲୋଗୋ

## ବଡ଼ ପ୍ରାୟୋଜକ ହରାଇଲା ଭାରତୀୟ କ୍ରିକେଟ୍ ଟିମ୍




ନୂଆଦିଲ୍ଲୀ,୨୨।୮: ଗୁରୁବାର ବିଳମ୍ବିତ ରାତିରେ ସଂସଦର ଉଭୟ ଗୃହରେ 'ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟନ୍ତ୍ରଣ ବିଲ୍' ଗୃହୀତ ହେବା ପରେ ଖେଳାଳିମାନଙ୍କ ପରି 'ଟିମ୍ ଇଣ୍ଡିଆ' ବି ଏବେ ଚିନ୍ତାରେ। ଭାରତୀୟ କ୍ରିକେଟ୍ ଦଳ ଆସନ୍ତା ମାସରେ ସଂଯୁକ୍ତ ଆରବ ଏମିରେଟ୍ସରେ ଆରମ୍ଭ ହେବାକୁ ଥିବା ଏସିଆ କପରେ ପିନ୍ଧିବାକୁ ଥିବା ଜର୍ସିରେ ଆଉ ଦେଖିବାକୁ ମିଳିବନି ମନି ଗେମ୍ ଆପ୍ 'ଡ୍ରିମ୍ ୧୧'ର ଲୋଗା।

ଯାହା ଜାଣିବାକୁ ମିଳିଛି ଭାରତୀୟ କ୍ରିକଟେ୍ ଟିମ୍ ତା'ର ଏକ ବଡ଼ ପ୍ରାୟୋଜକକୁ ହରାଇଛି। ଜୁଲାଇ ୨୦୨୩ରେ ତିନି ବର୍ଷ ପାଇଁ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରାୟୋଜକ ଭାବରେ 'ଡ୍ରିମ୍ ୧୧'କୁ ଘୋଷଣା କରାଯାଇଥିଲା। ହେଲେ ଏବେ କିନ୍ତୁ ବିନା ସ୍ପନ୍ସରରେ ଏସିଆ କପ୍ ଖେଳିବ ଟିମ୍ ଇଣ୍ଡିଆ । ଭାରତରେ ନୂଆ ଗେମିଂ ବିଲ୍ ପାସ୍ ହେବା ପରେ ଏଭଳି କିଛି ପରିବର୍ତ୍ତନ ଦେଖିବାକୁ ମିଳିପାରେ ।

ମିଡିଆ ରିପୋର୍ଟ ଅନୁସାରେ, ଏହି ବିଲ୍ ପାସ୍ ହେଲା ପରେ ଅନଲାଇନ୍ ରିୟଲ୍ ମନି ଗେମ୍ସ ଉପରେ କଟକଣା ଲାଗିଯିବ । ଯାହାକି ଏହି ସବୁ କମ୍ପାନିଗୁଡ଼ିକ ପାଇଁ ଗୋଟିଏ ବଡ଼ ଝଟକା । ଅନଲାଇନ୍ ଗେମରୁ କୋଟି କୋଟି ଟଙ୍କା ରୋଜଗାର କରୁଥିବା ଏହି କମ୍ପାନି ଉପରେ ଅଙ୍କୁଶ ଲାଗିଲେ, କମ୍ପାନିର କୋଟି କୋଟି ଟଙ୍କା କ୍ଷତି ହେବ । ଡ୍ରିମ୍ ୧୧ ଯେହେତୁ ଏହିଭଳି ଏକ କମ୍ପାନି, ତେଣୁ ଏହା ଉପରେ ମଧ ସରକାରଙ୍କର ନୂଆ ଗେମିଂ ବିଲର ପ୍ରଭାବ ପଡ଼ିଛି । ଅନଲାଇନ୍ ଗେମିଂରୁ କମ୍ପାନି ପାଖାପାଖି ନିଜ ରୋଜଗାରର ୬୭ ପ୍ରତିଶତ ରୋଜଗାର କରିଥାଏ । ହେଲେ ଏବେ ଏହି ଗେମ୍ ସବୁ ବ୍ୟାନ୍ ହେଲେ, କମ୍ପାନି କୋଟି କୋଟି ଟଙ୍କା କ୍ଷତି ସହିବ ।

ଆଉ ଯାହା ଫଳରେ ଡ୍ରିମ୍ ୧୧ କମ୍ପାନି ଭାରତୀୟ ଟିମର ସ୍ପନ୍ସର ରହିବନି ବୋଲି ମଧ ଚର୍ଚ୍ଚା ହେଉଛି ।

● ବିରଳ ଖଣିଜ ଖେଳରେ ଚୀନ ହେବ ଫେଲ୍

## ଭାରତରେ ମିଳିଲା ରେୟାର ଆର୍ଥ ମେଟାଲ୍ସର ବଡ଼ ଖଣି

ନୂଆଦିଲ୍ଲୀ,୨୨।୮: ରେୟାର ଆର୍ଥ ମ୍ୟାଟେରିଆଲ ଉପରେ ଚୀନର ଦବଦବାକୁ କମ୍ କରିବା ଦିଗରେ ବଡ଼ ପଦକ୍ଷେପ ନେଉଛି ଭାରତ। ଦେଶରେ ଅନେକ ସ୍ଥାନରେ ରେୟାର ଆର୍ଥ ମ୍ୟାଟେରିଆଲର ଖୋଜ ଜାରି ରହିଛି। ଏହାରି ମଧ୍ୟରେ ଭାରତ ହାତରେ ଲାଗିଛି ଏକ ବଡ଼ ସଫଳତା। ଅରୁଣାଚଳ ପ୍ରଦେଶର ପାପୁମ ପାରେ ଜିଲ୍ଲାରେ ରେୟାର ଆର୍ଥ ଏଲିମେଣ୍ଟସର ଏକ ବଡ଼ ଭଣ୍ଡାର ମିଳିଥିବା ନେଇ ଦାବି କରାଯାଉଛି। ଏମିତିରେ ଆଶା କରାଯାଉଛି ବିରଳ ଖଣିଜ ପାଇଁ ଚୀନ ଉପରେ ନିର୍ଭରତା କମ୍ କରିବାର ଏହା ଏକ ଭଲ ସୁଯୋଗ ହୋଇପାରିବ। ଇକୋନୋମିକ୍ ଟାଇମ୍ସର ରିପୋର୍ଟ ଅନୁସାରେ ଜୁନ୍‌ରେ ଖଣିଜ ମନ୍ତ୍ରଣାଳୟ ଏକ ରିପୋର୍ଟ ଜାରି କରିଥିଲା। ଯେଉଁଥିରେ ଏହି କ୍ଷେତ୍ରରେ ନୟୋଡିମିୟମ ବିପୁଳ ମାତ୍ରାରେ ଥିବା କଥା କୁହାଯାଇଛି। ନିୟୋଡିମିୟମ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ। ଏହାର ବ୍ୟବହାର ଇଲେକ୍ଟ୍ରିକ୍ ଗାଡ଼ି, ଆଧୁନିକ ଇଲେକ୍ଟ୍ରୋନିକ୍ସ ଏବଂ ମ୍ୟାଗ୍ନେଟ୍ ତିଆରି କରିବାରେ କରାଯାଇଥାଏ।

## ସ୍ପୋର୍ଟସ୍ ଦୋକାନ ଉଦ୍‌ଘାଟନ କଲେ ବିଧାୟକ ଆକାଶ



ଯାଜପୁର ରୋଡ଼,୨୨।୮ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଞ୍ଚଳ ସହର ସ୍ଥିତ ଚୋରଦା ଛକ ଠାରେ ଆଜି କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ'ଙ୍କ ଦ୍ୱାରା' ଟେକନୋ ସ୍ପୋର୍ଟ'ର ଏକ ଅତ୍ୟାଧୁନିକ ସୋରୁମ୍ ଉଦଘାଟିତ ହୋଇଯାଇଅଛି। ଏହି ସୋରୁମରେ ଟେକନୋ କମ୍ପାନୀର ନାମିଦାମୀ ଓ ବିଭିନ୍ନ ଡିଜାଇନର ଟି'ସାର୍ଟ ଓ ପ୍ୟାଂଟ ରହିଥିବା ସହିତ ଆଗରୁ ବ୍ୟାସନଗର ସହରରେ ପରିଚିତ ରହିଥିବା ନେସନାଲ ସ୍ପୋର୍ଟ'ର ଏହା ଦ୍ୱିତୀୟ ଅବଦାନ ହୋଇଥିବାରୁ ଏଠାରେ ଗ୍ରାହକଙ୍କ ପାଇଁ ମନପସନ୍ଦର ଜିନିଷ ରହିଥିବାରୁ ବ୍ୟବସାୟ ଭଲ ହେବାର ଆଶା ରଖି ଥିବା ଅନୁଷ୍ଠାନର ସ୍ୱତାଧିକାରୀ ଶ୍ରୀ ନରେଶ କୁମାର କହିଥିଲେ। ଆଜିର ଏହି ଶୁଭ ଉଦଘାଟନୀ ଉତ୍ସବରେ ଗ୍ରାହକଙ୍କ ପାଇଁ ଦୁଇ ହଜାର ଟଙ୍କାର ଜିନିଷ କ୍ରୟ କଲେ ଏକ ଆକର୍ଷଣୀୟ ଉପହାର ରହିଥିବା ଅଫରକୁ ନେଇ ମାଲିକ ସୂଚନା ଦେଇଥିଲେ।

# ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର



ଫିରିଙ୍ଗିଆ,୨୨।୮(ସଂଚାର ବ୍ୟୋରୋ): ବନ ସଂରକ୍ଷଣ ସମିତି ଗୃହ ବାରଣ୍ଡାରେ ଚାଲିଛି କୋମଳ ମତି ଶିଶୁଙ୍କ ଭବିଷ୍ୟତ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସିର୍ତ୍ତିଗୁଡ଼ା ପଞ୍ଚାୟତ ଜୁରୁକୁପଡ଼ା ଗ୍ରାମରେ ସୂଚନା ଅନୁଯାଇ ଗତ ଚାରୀ ବର୍ଷ ହେବ ନିଜସ୍ୱ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ହୋଇନଥିବା ଯୋଗୁଁ ବନ ସଂରକ୍ଷଣ ଗୃହ ବାରଣ୍ଡାରେ ଜୁରୁକୁପଡ଼କ୍ଷ ଗ୍ରାମର ୧୨ ଜଣ ଶିଶୁ ଅସୁରକ୍ଷିତ ଅବସ୍ଥାରେ ଶିକ୍ଷା ଅଧ୍ୟୟନ କରୁଛନ୍ତି। ଉକ୍ତ ଗୃହ ବାରଣ୍ଡାରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଥିବା ଯୋଗୁଁ ବର୍ଷା ସମୟ ରେ ଶିଶୁ ମାନେ ଓଦା ହୋଇ ଯାଉଛନ୍ତି। ଏବଂ ଗ୍ରୀଷ୍ମ ଋତୁ ସମୟ ରେ ପ୍ରଚଣ୍ଡ ତାପ ସହ୍ୟ କରୁଛନ୍ତି। ଅନ୍ୟ କୌଣସି ବିକଳ୍ପ ନଥିବା ଯୋଗୁଁ ଏଭଳି ଦୟନୀୟ ଅବସ୍ଥାରେ ଶିକ୍ଷା ଦାନ କରୁ ଥିବା ପାଚିକା ଅନନ୍ତି ମଲିକ, ସୁନିତା ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ପ୍ରକାଶ କରିଛନ୍ତି। ଗୃହ ନିର୍ମାଣ ନିମନ୍ତେ ସିଡିପିଓ ଓ ବ୍ଲକ ପ୍ରଶାସନ ଙ୍କୁ ଲିଖିତ ଭାବେ ଜଣାଇ ଥିଲେ ମଧ୍ୟ୍ୟ ଆଜିସୁଦ୍ଧା ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇନଥିବା ଉପ ମଲିକ ପ୍ରଶାନ୍ତ ମଲିକ ଗ୍ରାମ ବାସି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଗ୍ରାମ ବାସି ଦାବି କରିଛନ୍ତି ।

### ବେଦାନ୍ତକୁ କଞ୍ଚାମାଲ ଯୋଗାଇବା ଦାବିରେ ତେଜିଲା

# ଅଞ୍ଚଳବାସୀଙ୍କ ବିଶାଳ ଶୋଭାଯାତ୍ରା

ଲାଞ୍ଜିଗଡ଼,୨୨।୮(ସଂଚାର ବ୍ୟୋରୋ): କଳାହାଣ୍ଡି ଜିଲ୍ଲାର ଏକମାତ୍ର ବୃହତ ଶିଳ୍ପ ପ୍ରକଳ୍ପ ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ ଲିମିଟେଡ୍ ଗତ ୨୦୦୩ ମସିହାରୁ ଲାଞ୍ଜିଗଡ଼ ଠାରେ ରିଫାଇନେରୀ ସ୍ଥାପନ ସହିତ ୨୦୦୭ରୁ ଆଲୁମିନା ଉତ୍ପାଦନ ଆରମ୍ଭ କରିଥିଲା ସତ କିନ୍ତୁ ପ୍ରାୟ ୨୨ ବର୍ଷ ପୁରିବାକୁ ବସିଥିବାବେଳେ କମ୍ପାନୀକୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ଖଣି ଓ କଞ୍ଚାମାଲ ମିଳିନାହିଁ।ଯାହା ଫଳରେ କମ୍ପାନୀ ବାହାରୁ କଞ୍ଚାମାଲ ଆଣି ଲାଞ୍ଜିଗଡ଼ରେ ରିଫାଇନେରୀ ଚଳାଇଥିବାବେଳେ ଇତିମଧ୍ୟରେ ପ୍ରକଳ୍ପର ସଂପ୍ରସାରଣ ମଧ୍ୟ କରିସାରିଛି।ତେବେ ବାହାରୁ କଞ୍ଚାମାଲ ଆଣି କମ୍ପାନୀ ଚଳାଇବା ଦିନକୁ ଦିନ ମୁସ୍କିଲ ହୋଇ ପଡୁଥିବାବେଳେ ଏବେ କଂପାନୀ ହାତ ଟେକିଦେବାକୁ ବସିଛି। ଏପରିକି କଞ୍ଚାମାଲ ଅଭାବ ଓ ଉତ୍ପାଦନ ଅପେକ୍ଷା ବ୍ୟୟଭାର ବୃଦ୍ଧି ପାଇଥିବାବେଳେ ଏଥିଯୋଗୁଁ କଂପାନୀ ଉପରେ ଆର୍ଥିକ ବୋଝ ବଢ଼ିଚାଲିଛି। ବର୍ତ୍ତମାନ କମ୍ପାନୀ ଚାଲିବା ମୁସ୍କିଲ ହୋଇପଡ଼ିଛି। ଏହାଦ୍ୱାରା କମ୍ପାନୀ ଉପରେ ନିର୍ଭର କରି ବଞ୍ଚୁଥିବା ଛୋଟମୋଟ ଦୋକାନୀ, ବ୍ୟବସାୟୀ, କମ୍ପାନୀରେ କାମ କରୁଥିବା ଶ୍ରମିକମାନଙ୍କ ଉପରେ ଗଭୀର ପ୍ରଭାବ ପଡ଼ିବ। ଅନେକଙ୍କ ଘରେ 'ଦି' ଓଳି ଚୁଲି ଜଳିବା କାଠିକର ପାଠ ହୋଇଯିବ। ଏଇ ପରିପ୍ରେକ୍ଷୀରେ କମ୍ପାନୀ ଉପରେ ନିର୍ଭର କରୁଥିବା ଲାଞ୍ଜିଗଡ଼ ପାରିପାର୍ଶ୍ୱିକ ଅଞ୍ଚଳ ତଥା ଅଞ୍ଚଳର ହଜାର ହଜାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ




ନିଜର ଜୀବନ ଜୀବିକା ବିପନ୍ନ ହେବା ଆଶଙ୍କାରେ ଆଜି ରାଜରାସ୍ତାକୁ ଓହ୍ଲାଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଲାଞ୍ଜିଗଡ଼ ବଜାର ପଡ଼ିଆରୁ ଶତାଧିକ ଲୋକେ ସମବେତ ହେବା ସହିତ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ରାଜ୍ୟସରକାରଙ୍କୁ ପ୍ରତିବାଦ କରିଛନ୍ତି। କମ୍ପାନୀକୁ ଖଣି କିମ୍ବା କଞ୍ଚାମାଲ ଯୋଗାଇଦେଲେ କମ୍ପାନୀ ପୂର୍ବବତ୍ କାର୍ଯ୍ୟକ୍ଷମ ରହିବ ଏବଂ କମ୍ପାନୀ ଉପରେ ନିର୍ଭରଶୀଳ ହଜାର ହଜାର ଲୋକେ ଉପକୃତ ହେବେ ବୋଲି ସେମାନେ ଦର୍ଶାଇଛନ୍ତି। ଲାଞ୍ଜିଗଡ଼ ଅଞ୍ଚଳ ବିକାଶ ପରିଷଦର ସଭାପତି ଶ୍ରୀଧର ପେସନିଆଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ, ଅବିଭକ୍ତ କଳାହାଣ୍ଡି କ୍ଷତ୍ରିୟ ପାଇକ ସମାଜ କୁଳାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଚନ୍ଦ୍ରଶେଖର ବେହେରା, ରାଜେନ୍ଦ୍ର ପ୍ରତାପ ସିଂହଦେଓ, ବିନୋଦ ଗଉଡ଼, ଶ୍ରୀବସ୍ତ ତାଣ୍ଡି, ଶ୍ରୀମୁଖ ଅଗସ୍ତି, ଲିଙ୍ଗରାଜ ମାଝୀ, ହିମାଦ୍ରୀ ପେସନିଆ, ପ୍ରଦୀପ ଘଡ଼େଇ, ତରୁଣ କୁମାର ଦାସ, ମନୋରଞ୍ଜନ ବିଶି, କିଶୋର ହରପାଳ, ସେନାପତି ନାଏକ, ପାତ୍ର ମାଝୀ, ଡିଲେଶ କୁମାର ନାଗ, ମନୋହର ହରପାଲ, ରଂଜିତ ପାଢ଼ୀ ପ୍ରମୁଖ ସାମିଲ ଥିଲେ।

### ବିପଦରେ ଭବିଷ୍ୟତ

# ଭଙ୍ଗା ଅଙ୍ଗନବାଡ଼ି ଘରେ ପଢୁଛନ୍ତି କୁନି କୁନି ପିଲା

କୋକସରା,୨୨।୮(ସଂଚାର ବ୍ୟୋରୋ): ଆଜିର ଶିଶୁ ଭବିଷ୍ୟତର ନାଗରିକ । ଏକଥା ଶୁଣିବାକୁ ଭଲ ଲାଗୁଛି। କିନ୍ତୁ ବାସ୍ତବ ଚିତ୍ର କିଛି ଅଲଗା। ଭଙ୍ଗା ଘରେ ଜୀବନକୁ ବାଜି ଲଗାଇ ଚାଲୁଛି ଅଙ୍ଗନବାଡ଼ି କେନ୍ଦ୍ର। ଏନେଇ ବାରମ୍ବାର ଜଣାଇବା ପରେ କେହି ଶୁଣୁନଥିବା ଅଭିଯୋଗ ଆସୁଛି ।
ଛାତରୁ ପ୍ଲାଷ୍ଟର ଛାଡ଼ିଗଲାଣି । ଲୁହା ରଡ୍ ଦେଖାଯାଉଛି। ଝରକା କବାଟ ସବୁ ଭଙ୍ଗା । ଆପଣ ଦେଖୁଥିବା ଏ ପରିତ୍ୟକ୍ତ ଘର ହେଉଛି କୋକସରା ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧୀନରେ ଥିବା ଧୋବେନ ଚଞ୍ଚରା



ଅଙ୍ଗନବାଡ଼ି କେନ୍ଦ୍ର । କେନ୍ଦ୍ରରେ ମୋଟ ୩୧ଜଣ ଶିଶୁ ଅଛନ୍ତି । ନୂତନ ଘର ନିର୍ମାଣରେ ବିଳମ୍ବ ହେବାରୁ ଦଦରା ଘରେ ବସୁଛନ୍ତି କୋମଳମତି ଶିଶୁ । ଅନେକ ସମୟରେ ବାରଣ୍ଡାରେ ବସୁଥିବାର ଦେଖିବାକୁ ମିଳିଛି । କୋକସରା ବ୍ଲକର ୨୨ଟି ପଞ୍ଚାୟତରେ ୧୬୮ଟି ଅଙ୍ଗନବାଡ଼ି ରହିଛି । ସେଥିମଧ୍ୟରୁ ୧୨୩ଟି କେନ୍ଦ୍ରର ନିଜସ୍ୱ ଘର ଅଛି। ୪୫ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ଆଉ ୫ଟି କେନ୍ଦ୍ର ଭଡ଼ା ଘରେ ଚାଲିଛି । ଧୋବେନ ଚଞ୍ଚରା ଅଙ୍ଗନବାଡ଼ି କେନ୍ଦ୍ର ଭଳି ଏକାଧିକ ଅଙ୍ଗନବାଡ଼ି କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହେଉଛି । ଜଙ୍ଗଲ ପାହାଡ଼ ଘେରା ଉପାନ୍ତ ଅଞ୍ଚଳରେ ଏପରି ଅବ୍ୟବସ୍ଥା ପ୍ରତି କାହିଁକି ପ୍ରଶାସନର କ'ଣ ନଜର ପଡୁନି ?

# ୟୁରିଆ ଅଭାବ: ଚିନ୍ତାରେ ଚାଷୀ



ମ.ରାମପୁର,୨୨/୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ନିଅଣ୍ଟିଆ ବର୍ଷା ସତ୍ତ୍ୱେ ମଧ୍ୟ ଚାଷକାର୍ଯ୍ୟ ଏବେ ଏକ ପ୍ରକାର ସ୍ୱାଭାବିକ ସ୍ଥିତିରେ ଅଛି। ହେଲେ ଧାନଗଛ ପାଇଁ ରାସାୟନିକ ସାର ଗୁଡ଼ିକର ଆବଶ୍ୟକତା ରହିଛି।ପୂର୍ବକାଳ ଭଳି ଆଉ ସେ ଜୈବିକ ଖତ ପର୍ଯ୍ୟାପ୍ତ ପରିମାଣ ରେ ମିଳୁ ନାହିଁ। ଏଣୁ ବିଭିନ୍ନ ପ୍ରକାର ଫସଲ ବୃଦ୍ଧି ସକାଶେ ଚାଷୀ ମାନେ ରାସାୟନିକ ସାର କୁ ଆଦରି ନେଇଛନ୍ତି। ତେବେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୁଣା ଓ ଧାନ ରୁଆ କାର୍ଯ୍ୟ ସରିଛି। କପା, ମକା, ପରିବା ଫସଲ ମଧ୍ୟ ଭଲ ହେଇଛି ଅଥଚ ବିଲରେ ଧାନ, କପା, ମକା ପରିବା ଇତ୍ୟାଦି ଗଛ ବୃଦ୍ଧି ଲାଗି ୟୁରିଆ ସାରର ଦରକାର ପଡୁଚି, ମାତ୍ର ଚାଷୀମାନଙ୍କୁ ଯେତିକି ମାତ୍ରାରେ ୟୁରିଆ ସାର ଆବଶ୍ୟକତା ରହିଛି ତାହା ମିଳୁ ନାହିଁ। ଚଳିତ ବର୍ଷ ୟୁରିଆ ସାରର ଘୋର ଅଭାବ ଦେଖା ଦେଇଛି। ଫଳରେ ଚାଷୀମାନଙ୍କ ମନରେ ଭାଳେଣି ପଡ଼ିଛି। ବିଗତ ବର୍ଷ ଗୁଡ଼ିକରେ ମଧ୍ୟ ସାର ସଙ୍କଟ ହୁଏ ହେଲେ ଏଥର ୟୁରିଆ ସାର ଉତ୍କଟ ଅଭାବ ସାଙ୍ଗକୁ କଳା ବଜାରୀ ମଧ୍ୟ ବୃଦ୍ଧି ପାଇଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ କଳାହାଣ୍ଡି ମଦନପୁର ରାମପୁର ବ୍ଲକରେ ଚଳିତ ଖରିଫ ଋତୁ -୨୦୨୫ ଫସଲ ପାଇଁ ୧୫୯୪ ମେଟ୍ରିକ୍ ଟନ୍ ଏନପିକେ ସାର ଧାର୍ଯ୍ୟ କରାଯାଇଛି। ହେଲେ ବର୍ତ୍ତମାନ ଯାଏଁ କେତେ ସାର୍ ଯୋଗାଣ ହେଇଚି ତାର ସବିଶେଷ ତଥ୍ୟ କୃଷି ବିଭାଗ ପାଖରେ ଉପଲବ୍ଧ ନାହିଁ। ଏହି ୟୁରିଆ ସାର ବିକ୍ରୀ ବଟା ସରିଥିଲା ମଧ୍ୟ ଚାଷୀମାନଙ୍କ ନିକଟରେ ଆହୁରି ଚାହିଦା ରହିଛି। ତେବେ ୟୁରିଆ ସାର କାହିଁକି ଅଭାବ ହେଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।କୃଷି ବିଭାଗର ତଥ୍ୟ ଅନୁସାରେ ଚଳିତ ଖରିଫ ଋତୁରେ ମ.ରାମପୁର ବ୍ଲକରେ ମୋଟ ୬ ହଜାର ୭୦୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି।

# ଫରେଷ୍ଟ ଗେଟ ନିକଟରେ ଦୁର୍ଘଟଣା, ଜଣେ ମୃତ



ଗଜପତି,୨୨।୮,(ସଂଚାର ବ୍ୟୋରୋ): ପାରଳାଖେମୁଣ୍ଡି ଫରେଷ୍ଟ ଗେଟ ନିକଟରେ ଶୁକ୍ରବାର ବାଇକ ଦୁର୍ଘଟଣାରେ ଦୁଇଜଣ ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ଜଣକୁ ମୃତ ଘୋଷଣା କରିଛନ୍ତି। ମୃତକ ଜଣକ ଗୋସାଣି ବ୍ଲକ ବଡଗାଁ ଗ୍ରାମର ମୋହନ ପ୍ରଧାନ ହୋଇଥିବା ବେଳେ ଆହତ ଜଣକ ଯାଜପୁର ଗ୍ରାମର ଉତ୍ତମ ସାମଲ ଓ ଅନ୍ୟ ଜଣଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ।

### ପାନୀୟ ଜଳ ସମସ୍ୟାର ସମାଧାନ ଦାବି

# କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳବାସୀଙ୍କ ଧାରଣା

ବାରିପଦା,୨୨।୮(ସଂଚାର ବ୍ୟୋରୋ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ ଜାମଦା ଗ୍ରାମର ୱାର୍ଡ ନମ୍ବର ୩ ଅର୍ଥାତ ମହୁଲଡିହା ସାହି ବାସିନ୍ଦା ପାନୀୟ ଜଳରୁ ବଞ୍ଚିତ ହେଉଥିବାର ବାରମ୍ବାର ଅଭିଯୋଗ କରୁଛନ୍ତି। ମାତ୍ର ଏହାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ବାଧ୍ୟହୋଇ ଆଜି ଗ୍ରାମବାସୀ ଜାମଦା ବ୍ଲକର ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ସମ୍ମୁଖରେ ଧାରଣାରେ ବସିଥିଲେ।ଅଭିଯୋଗ ମୁତାବକ ଜାମଦା ବସ ଷ୍ଟାଣ୍ଡ ଠାରୁ ବ୍ୟାଙ୍କ ଅଫ ଇଣ୍ଡିଆ ପର୍ଯ୍ୟନ୍ତ ବ୍ୟାପ୍ତ ଅର୍ଥାତ ଜାମଦାର ଶେଷ ସୀମା ରୁ



ବେଲପୋଷି ଗ୍ରାମର ଶେଷ ସୀମା ପର୍ଯ୍ୟନ୍ତ ସମ୍ପୃକ୍ତ ଜନସାଧାରଣ ଦୀର୍ଘ ୫୦ ବର୍ଷରୁ ଅଧିକ ହେଲାଣି ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି। ପୋଖରୀ, କୂଅ ର ଜଳ ପିଇ ପେଟ ରୋଗରେ ବହୁ ଜନସାଧାରଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଚିକିତ୍ସିତ ହେଉଛନ୍ତି ବୋଲି ଅଭିଯୋଗ କରିବା ସହିତ ଯଥାଶୀଘ୍ର ସମାଧାନ ନହେଲେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବେ ବୋଲି ଗଣ ମାଧ୍ୟମରେ କହିଛନ୍ତି। ଏ ସମ୍ପର୍କରେ ଜାମଦା କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସିଏ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବିଶାଳ ରାଲି ଓ ଦାବିପତ୍ର ପ୍ରଦାନ



କୋରାପୁଟ,୨୧।୮(ସଂଚାର ବ୍ୟୁର): ଅଖିଳ ଭାରତୀୟ ଅଙ୍ଗନବାଡି କର୍ମଚାରୀ ମହାସଂଘର ଡାକରାରେ କୋରାପୁଟ ଜିଲ୍ଲା ଅଙ୍ଗନବାଡି ଲେଡିଜ କର୍ମଚାରୀ ସଂଘ ପକ୍ଷରୁ କୋରାପୁଟ ସଦର ମହକୁମାରେ ଏକ ବିଶାଳ ରାଲି କରିବା ସହ ପ୍ରଧାନମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ଅବସର ପରେ ଅଙ୍ଗନବାଡି କର୍ମୀଙ୍କୁ ୧୦ ଲକ୍ଷ ଏବଂ ସହାୟିକାଙ୍କୁ ୫ ଲକ୍ଷ ଟଙ୍କା ଏକକାଳୀନ ସହାୟତା ପ୍ରଦାନ କରିବା, ପ୍ରତ୍ୟେକ କର୍ମୀଙ୍କୁ ଉଚ୍ଚ ମାନର ମୋବାଇଲ ପ୍ରଦାନ ଏବଂ ମୋବାଇଲ ରିଚାର୍ଜ ନିମନ୍ତେ ୩୯୯୯ ଟଙ୍କା ଅନୁମୋଦନ କରିବା ପ୍ରମୁଖ ଦାବି ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି। ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଅଙ୍ଗନବାଡି କର୍ମୀ ଓ ସହାୟିକା ମାନେ କୋରାପୁଟ ସହରରେ ରାଲି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ।

# ୧୦୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ବ୍ରହ୍ମପୁର,୨୨।୮(ସଂଚାର ବ୍ୟୋରୋ): ଅବକାରୀ ସଦର ରେଞ୍ଜ ଏସପି ପ୍ରବୀଣ କୁମାରଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ସହର ପ୍ରବେଶ ପଥ ପୃଥକ ସ୍ଥାନରୁ ୧୦୦ କେଜି ଗଞ୍ଜେଇ ଜବତ ହୋଇଛି। ଦୁଇଟି ମାମଲାରେ ଦୁଇଟି ଗାଡ଼ି ଜବତ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ପୋଲିସ ବାନ୍ଧିଛି। ଅଭିଯୁକ୍ତଙ୍କୁ ଜେରାବେଳେ ସେମାନେ ଉକ୍ତ ଗଞ୍ଜେଇ ଗଜପତିରୁ ଆଣି ବ୍ରହ୍ମପୁର ଦେଇ ଖୋର୍ଦ୍ଧା ଚାଲାଣ କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।
ଇନ୍ସପେକ୍ଟର ଅର୍ଜୁନ ମଲିକଙ୍କ ନେତୃତ୍ୱରେ ଦୁଇଟି ଟିମ ଗଠନ କରାଯାଇ ସଦର ଥାନା ଅନ୍ତର୍ଗତ ଆମ୍ବଗଡ ଓ ଅନ୍ୟଟି ବଡବ଼ଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟରେ ଯାନବାହନ ଯାଞ୍ଚ କରିଥିଲେ। ଆମ୍ବଗଡରେ ଚଢଉ କରି ଏକ ବୋଲେରୋ ସହ କ୍ରିଷ୍ଣା ବେହେରା ଓ ଏସ. ଅନିଲ କୁମାର ଦୋରାଙ୍କୁ ଗିରଫ କରିବା ସହ୫୦ କେଜି



ଗଞ୍ଜେଇ ଜବତ କରିଥିଲା। ସେହିପରି ଅନ୍ୟ ଏକ ଟିମ ଫାଷ୍ଟଗେଟ ଛକରୁ ଏକ କାର ଅଟକାଇ ଯାଞ୍ଚ କରିଥିଲା।
ଯାଞ୍ଚ ବେଳେ ସେଥିରୁ ମଧ୍ୟ ୫୦ କେଜି ଗଞ୍ଜେଇ ଜବତ କରିଥିଲା। ୪ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଜିର ଏହି ଚଢଉରେ ଏସଆଇ ସଙ୍ଗୀତା ମହାପାତ୍ର, ସସ୍ମିତା ମଲିକ, ଏଏସଆଇ ସନ୍ତୋଷ କୁମାର ପାଢ଼ୀ, ଅଜୟ କୁମାର ସାହୁ, ସନ୍ତୋଷ କୁମାର ତ୍ରିପାଠୀ, କନେଷ୍ଟେବଳ, ମନୋରଞ୍ଜନ ମହାପାତ୍ର, ସରୋଜ କୁମାର ପରିଡ଼ା, ଦିବ୍ୟ ରଞ୍ଜନ କହଁର ଓ ଡ଼ି. ହରିବନ୍ଧୁ ପ୍ରମୁଖ ସାମିଲ ଥିଲେ।

# ପୁଅ ନିଖୋଜ ନେଇ ବାପା ଦେଲେ ଏତଲା

ଜୟପୁର,୨୨।୮(ସଂଚାର ବ୍ୟୋରୋ): ପୁଅ ନିଖୋଜ ନେଇ ବୈପାରୀଗୁଡ଼ା ଥାନା ରେ ଲିଖିତ ଅଭିଯୋଗ କଲେ ବାପା। ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତ ପାଣ୍ଡିପଡା ଗ୍ରାମ ର ଉର୍ଦ୍ଧ୍ୱବ ପାଙ୍ଗି ଙ୍କ ୧୮ ବର୍ଷ ର ପୁଅ ଚନ୍ଦନ ପାଙ୍ଗି ଗତ ୧୨ ତାରିଖ ଅପରାହ୍ନ ୨ ଟା ସମୟରୁ ନିଖୋଜ ହୋଇଯାଇଛି। ସାଙ୍ଗ ସାଥି ଆତ୍ମୀୟ ଙ୍କ ଘରେ ଖୋଜା ଖୋଜି କରିବା ପରେ ମଧ୍ୟ



ମିଳିନଥିଲା। ଫଳରେ ଆଜି ବାପା ଉର୍ଦ୍ଧ୍ୱବ ପାଙ୍ଗି ପୁଅ ନିଖୋଜ ନେଇ ବୈପାରୀଗୁଡ଼ା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ବୈପାରୀଗୁଡ଼ା ଥାନା ଅଧିକାରୀ ଅଭିଯୋଗ ଗ୍ରହଣ ପରେ ତଦନ୍ତ ସହ ଅନୁସନ୍ଧାନ କରିବେ ବୋଲି ସୂଚନା ଦେଇଛନ୍ତି ।

# ଏନଏସି ଦାବିରେ ବୋରିଗୁମ୍ମାରେ ୧୨ ଘଣ୍ଟିଆ ବନ୍ଦ ସଫଳ



ବୋରିଗୁମ୍ମା,୨୨।୮(ସଂଚାର ବ୍ୟୋରୋ): ବୋରିଗୁମ୍ମା ଏନ୍ଏସି ମାନ୍ୟତାରୁ ବାଦ୍ ପଡ଼ିଥିବାରୁ ପ୍ରତିବାଦ କରି ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ବାର ଘଣ୍ଟିଆ ବନ୍ଦ କରାଯାଇଛି। ୬୩ନଂ ଜାତୀୟ ରାଜପଥ ଓ ୨୬ନଂ ଜାତୀୟ ରାଜପଥ ର ମିଶ୍ରଣ ପ୍ରମୁଖ ମୁଖ୍ୟ ଟ୍ରାଫିକ ଛକଠାରେ ବୋରିଗୁମ୍ମା ନାଗରିକ ମଞ୍ଚ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି ଟାୟାର ଜାଳି ପ୍ରତିବାଦ କରିଥିଲେ। ଜରୁରୀକାଳୀନ ସେବା ବ୍ୟତୀତ ଦୋକାନ, ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ ଗୁଡିକ ବନ୍ଦ ରହିଥିଲା। ଏହି ବନ୍ଦକୁ ସ୍ୱତଃପ୍ରବୃତ୍ତ ଭାବରେ ବିଭିନ୍ନ ସଂଗଠନ ପକ୍ଷରୁ ସମର୍ଥନ ଦିଆଯାଇଥିଲା। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ସଫଳ ହୋଇଛି। ବୋରିଗୁମ୍ମାରେ ଏନ୍ଏସି ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି ମାତ୍ର ସରକାରଙ୍କ ବୈମାତୃକ ମନୋଭାବ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ଆନ୍ତରିକା ଅଭାବ ପାଇଁ ବୋରିଗୁମ୍ମା ଏନ୍ଏସି ମାନ୍ୟତାରୁ ବଞ୍ଚିତ ହୋଇଛି ବୋଲି ମଞ୍ଚ ପକ୍ଷରୁ କହିଛନ୍ତି। ସରକାର ପନ୍ଦର ଦିନ ମଧ୍ୟରେ ବୋରିଗୁମ୍ମାକୁ ଏନ୍ଏସି ଘୋଷଣା ନ କଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ଚେତାବନୀ ଦେଇଛି।

# ଜନଜାତି ଯୁବ ଉଦ୍ୟୋଗୀଙ୍କ ସ୍ୱପ୍ନ ପୂରଣ କଲା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ

ଫୁଲବାଣୀ,୨୨।୮ (ସଂଚାର ବ୍ୟୋରୋ): ସରକାରଙ୍କ ମୁଖ୍ୟମନ୍ତ୍ରି ଜନଜାତି ଜୀବିକା ମିସନ ମାଧ୍ୟମରେ ଜନଜାତି ଙ୍କ ରୋଜଗାର ବୃଦ୍ଧି ଦିଗରେ କୃଷୀ ଓ ଉଦ୍ୟୋଗୀ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତ କୁ ନେଇଛନ୍ତି । ଆଜି ଫିରିଙ୍ଗିଆ ବ୍ଲକ ର ଡିଣ୍ଡିରାଗାଁ ପଂଚାୟତ ଅନ୍ତର୍ଗତ ଟେଲାପାଲି ଗ୍ରାମର ବାମନ ଚରଣ କହଁର ଭଳି ଯୁବ ଉଦ୍ୟୋଗୀ ନିଜର ପିଲାଦିନର ସ୍ୱପ୍ନ ବାସ୍ତବରେ ପରିଣତି କରିପାରିଛନ୍ତି। ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ , ମୁଖ୍ୟମନ୍ତ୍ରି ଜନଜାତି ଜୀବିକା ମିସନ କାର୍ଯ୍ୟକ୍ରମ ମାଧ୍ୟମରେ ବାନାମ୍ବର ଙ୍କ ସ୍ୱପ୍ନ କୁ ଏକ ଇଟିଗା କାର ବାସ୍ତବ ରୁପ ଦେଇପାରିଛନ୍ତି। ଅଗଷ୍ଟ ୨୦ ତାରିଖ ଦିନ, ବାନାମ୍ବର ଏହି କାର କୁ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ର ପ୍ରଶାସକ ଗଦାଧର ପାତ୍ର ,ସହଯୋଗୀ ଅନୁଷ୍ଠାନ ସ୍ୱାତୀ ର ଅଧକ୍ଷ ପ୍ରଶାନ୍ତ ଶତପଥୀ ଓ ସଂପାଦକ ଇଂ ହରିଶଙ୍କର ରାଉତ, ମିସନ ର କର୍ମକର୍ତା ଶୁଭଶ୍ରୀ ମହାନ୍ତି, ଗୁପ୍ତା ଖିଲାର, ଶ୍ରୀପତି ପାତ୍ର ଓ ଅନ୍ୟକର୍ମକର୍ତା ମାଧ୍ୟମରେ ଶୁଭ ଉଦଘାଟନ କରିଛନ୍ତି। ଡିଣ୍ଡିରାଗାଁ ଗ୍ରାମପଂଚାୟତ ର ୩ ଗୋଟି ଗ୍ରାମ ଯଥା ବୁଦୁଲି, ଗଞ୍ଜୁଖୋଲ ଓ ଟେଲାପାଲି କୁ ନେଇ ଧରଣୀପେନୁ ଜନଜାତି ଜୀବିକା ପରିସଦ ଗଠନ କରାଯାଇଛି, ବାନାମ୍ବର ଏହି ପରିସଦ ରେ ଶିକ୍ଷିତ ବେକାର ଯୁବକ ଅଟନ୍ତି।

# ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ୍

ଭଞ୍ଜନଗର,୨୨।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ତନରଡ଼ା ଜରାଶ୍ରମରେ ଶୁକ୍ରବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତ୍‌ପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜରାଶ୍ରମର ମୁଖ୍ୟ ଟ୍ରଷ୍ଟି ରବିନ୍ଦ୍ର କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିବିରରେ ସଂପୃକ୍ତ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇ ସାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାପରେ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା।

# ଉପାନ୍ତ ଅଞ୍ଚଳରେ ନିରାଶ୍ରୟଙ୍କୁ ଶାଢ଼ି ବାଣ୍ଟିଲେ ବିଜେପି କର୍ମକର୍ତ୍ତା

ଭବାନୀପାଟଣା,୨୨।୮ (ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ କୁ ଦୃଷ୍ଟିରେ ରଖି ସମାଜସେବା



କ୍ଷେତ୍ରରେ ଧର୍ମଗଡ ଉପଖଣ୍ଡ ର ଅଗ୍ରଣୀ ସମାଜସେବି ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ଗରିବ ନିରାଶ୍ରୟ ମହିଳା ଙ୍କୁ ଶୁକ୍ରବାର କୋକସରା ବ୍ଲକ ଆମପାଣି ପଞ୍ଚାୟତ ର ଦୁର୍ଗମ ଓ ପାହାଡ଼ ଘେରା ଅଞ୍ଚଳ ରେ ରହିଥିବା ବିରିମୁହାଁଣ,ଆନ୍ଧି ଝରଣ, ଟିର୍ଲିଆମ,କାଦୋମଲି, ଛକପଡା, ଗାଈବନ୍ଧା ଓ ବରାଡ଼ଙ୍ଗା ପଞ୍ଚାୟତ ର ନୂଆଗାଁ, ପିଣ୍ଡା ପଦର,ଝୁଲେନବର ଗ୍ରାମରେ ଧର୍ମଗଡ ବିଧାୟକ ଙ୍କ କୋକସରା ବ୍ଲକ ପ୍ରତିନିଧି ତ୍ରିନାଥ ଶବର, ମଣ୍ଡଳ ସମ୍ପାଦକ ତୁଳାରାମ ନାଏକ, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ସନ୍ତୋଷ ମାଝି, ଚକ୍ରଧର ବେଶ୍ରା ସମେତ ଜଗନ୍ନାଥ ସେବା ସମିତି ର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଶାଢ଼ୀ ବଣ୍ଟନ କରିଛନ୍ତି। ବିରିମୁହାଁଣ ଠାରେ ବିଜେପି ର କର୍ମକର୍ତ୍ତା ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜଗନ୍ନାଥ ସେବା ସମିତି ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଙ୍କ ସହ ଭାଗୀତା ରେ ବିଜେପି କର୍ମକର୍ତ୍ତା ଙ୍କ ମିଳିତ ସହଯୋଗ ରେ ନୂଆଁଖାଇ ପୂର୍ବରୁ ନିରାଶ୍ରୟ ବୃଦ୍ଧ ମହିଳା ଙ୍କୁ ଏହି ଭେଟି ନିଶ୍ଚିତ ଭାବେ ମାନବିକତା ଓ ସମାଜସେବା ପାଇଁ ଏକ ଉଦାହରଣ ବୋଲି ଉପସ୍ଥିତ ନେତା ମାନେ ମତ ପ୍ରକାଶ କରିଛନ୍ତି। ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଁଖାଇ ପୂର୍ବରୁ ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ତିନି ହଜାର ରୁ ଉର୍ଦ୍ଧ୍ୱ ଗରୀବ ମହିଳାଙ୍କୁ ମାଗଣାରେ ଶାଢ଼ୀ ବଣ୍ଟନ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଛି ବୋଲି ଜଗନ୍ନାଥ ସେବା ସମିତି ର ଅଧ୍ୟକ୍ଷ ୱିଷ୍ଣୁ ପ୍ରସାଦ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ଚୟନ

ସୁବର୍ଣ୍ଣପୁର,୨୨।୮ (ସଂଚାର ବ୍ୟୋରୋ): ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଅଛି। ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଆଜି ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନ ସମ୍ମିଳନୀ କକ୍ଷରେ




ଅନୁଷ୍ଠିତ ହୋଇଥିଲା। ଏହି କର୍ମକର୍ତ୍ତାମାନେ ଆସନ୍ତା ୪ ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ସୁଚନା ମିଳିଛି। ପ୍ରଥମେ ମହାସଂଘ ପରିଚାଳନା ପାଇଁ ଏକ ୩୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଗଲା। କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କ ମଧରୁ ସର୍ବସମ୍ମତିକ୍ରମେ ପୂର୍ବତନ ସଭାପତି ଶ୍ରୀଧର ବେହେରାଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଅଛି। ସଞ୍ଜୟ କୁମାର ମେହେର, କିଶୋର ଚନ୍ଦ୍ର ଦାସ, ନିତ୍ୟାନନ୍ଦ ମେହେର, ଶ୍ରୀକାନ୍ତ କୁମାର ନାୟକ, ଅନୀଲ କୁମାର ମହାପାତ୍ର ଉପସଭାପତି ଭାବେ ନିର୍ବାଚିତ ହେବା ସହିତ ସାଧାରଣ ସମ୍ପାଦକ ବିଜୟ କୁମାର ମେହେର, ସଂଗଠନ ସମ୍ପାଦକ ବିଜୟ କୁଣ୍ଡୁ ମନୋନୀତ ହୋଇଛନ୍ତି। ପ୍ରତାପ କୁମାର ଦାସ, ପ୍ରକାଶ ଚନ୍ଦ୍ର ଦାସ, ବିଶ୍ୱନାଥ ଦାସ, ସୁବାଷ ଚନ୍ଦ୍ର ସାହୁ, ସହଦେବ ମେହେର ସମ୍ପାଦକ ଏବଂ କୋଷାଧକ୍ଷ ଭାବେ ମିଲନ୍ କୁମାର ମେହେର ଏବଂ ତତ୍ ସହିତ ସହ-ସମ୍ପାଦକ ଭାବେ ଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ଦାସ, ରଂଜନ କୁମାର ପାତ୍ର, ପ୍ରଭାସ ଚନ୍ଦ୍ର ନାୟକ ଓ ଶ୍ରୀନିବାସ ମହାପାତ୍ର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଏହି ମହାସଂଘକୁ ଦିଗ୍‌ଦର୍ଶନ ଦେବାପାଇଁ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଗୋବର୍ଦ୍ଧନ ପଣିକା, ଓଡ଼ିଶାର ବିଶିଷ୍ଟ ସମବାୟବିତ୍ ଜଙ୍ଗେଶ୍ୱର ବାବୁ, ରାଜ୍ୟ ବିଜେପି ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀରଂଜନ ମଙ୍ଗରାଜ ଏବଂ ବରିଷ୍ଠ ବୁଣାକାର ଧ୍ରୁବ ଦାସ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି।